RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-229 ◆SATURDAY ◆14 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୨୯ ◆ଶନିବାର ◆୧୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ପର୍ଶୁରାମଙ୍କ ଭୂମିକାରେ ଭିକି

▶ପୃଷ୍ଠା ୧୧ ଦେଖନ୍ତୁ...

୨୦ ବର୍ଷ ପରେ ବାଂଲାଦେଶରେ ବିଏନ୍‌ପିର ବିଜୟ

ତାରିକ ରହେମାନ୍ ହେବେ ପ୍ରଧାନମନ୍ତ୍ରୀ

୩୫ ବର୍ଷ ପରେ ଦେଶକୁ ମିଳିବ ପୁରୁଷ ପ୍ରଧାନମନ୍ତ୍ରୀ

ରହେମାନ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ, ମମତା

“ ନିର୍ବାଚନ ଲୋକଦେଖାଣିଆ; ଫଳାଫଳ ପୂର୍ବରୁ ସ୍ଥିର କରାଯାଇଛି, ଜାଲିଆତି ହୋଇଛି, ରଦ୍ଦ କରାଯାଉ: ହସିନା

■ ଢାକା, ୧୩।୨ (ଏଜେନ୍ସି): ବାଂଲାଦେଶରେ ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ ସାବ୍ୟସ୍ତ ହୋଇଛି। ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଏଥର ବଡ଼ ବିଜୟ ହାସଲ କରିଛି। ମୋଟ୍ ୨୯୯ଟି ଆସନ ମଧ୍ୟରୁ ପୂର୍ବତନ ତଥା ଦିବଂଗତ ପ୍ରଧାନମନ୍ତ୍ରୀ ବେଗମ ଖାଲେଦା ଜିଆଙ୍କ ପୁଅ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନ୍‌ପି ୨୧୨ଟି ହାସଲ କରି ବିପୁଳ ବିଜୟ ହାସଲ କରିବା ସହ ସରକାର ଗଢ଼ିବା ନିଶ୍ଚିତ ହୋଇଛି। ବିଏନ୍‌ପି ବହୁମତ ପାଇଁ ଆବଶ୍ୟକ ୧୫୦ ଅଙ୍କକୁ ଅତିକ୍ରମ କରିଛି। ଅପରପକ୍ଷରେ କଠୋରପନ୍ଥୀ ଦଳ ଜମାତ-ଇ- ଇସ୍‌ଲାମୀ ନେତୃତ୍ୱରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୧୧ଟି ଦଳର ମେଣ୍ଟକୁ ମାତ୍ର ୭୦ଟି ଆସନ ମିଳିଛି। ଜମାତ ମୁଖ୍ୟ ଶଫିକୁର ରହେମାନ ଢାକା-୧୫ ଆସନରୁ ବିଜୟୀ ହୋଇଛନ୍ତି। ଦେଶରେ ପ୍ରାୟ ଦୁଇ ଦଶନ୍ଧି ଅର୍ଥାତ ୨୦ ବର୍ଷ ପରେ ବିଏନ୍‌ପି ସରକାର ଗଠନ କରିବାକୁ ଯାଉଛି। ୨୦୦୮ ରୁ ୨୦୨୪ ପର୍ଯ୍ୟନ୍ତ ସେଠାରେ ଶେଖ ହସିନାଙ୍କ ଆୱାମୀ ଲିଗ୍ କ୍ଷମତାରେ ଥିଲା।

ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ ମୁଖ୍ୟ ଶେଖ ହସିନା ନିର୍ବାଚନକୁ ସମ୍ପୂର୍ଣ୍ଣ ଲୋକ ଦେଖାଣିଆ, ପୂର୍ବ ସ୍ଥିରିକୃତ, ବେଆଇନ, ଭୋଟର ବିହୀନ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି। ସେ ନିର୍ବାଚନକୁ ରଦ୍ଦ କରିବାକୁ ଦାବି କରିଛନ୍ତି। ହସିନାଙ୍କ ମତରେ, ମହମ୍ମଦ ୟୁନୁସ ବେଆଇନ ଏବଂ ଅସାମ୍ବିଧାନିକ ଭାବେ କ୍ଷମତାକୁ କବ୍‌ଜା କରିଥିଲେ। ସେ ମଧ୍ୟ ବେଆଇନ ଭାବେ ନିର୍ବାଚନ କରାଇଛନ୍ତି। ଏହି ନିର୍ବାଚନରେ ଲୋକଙ୍କୁ ଭୋଟ ଦେବାର ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସମ୍ବିଧାନର ଭାବନାକୁ ସମ୍ମାନ କରାଯାଇ ନାହିଁ। ଆୱାମୀ ଲିଗ୍‌ର ବିନା ନିର୍ବାଚନ କରାଇ ଲୋକଙ୍କୁ ଧୋକା ଦିଆଯାଇଛି। ଗତ ୧୧ ତାରିଖ ସନ୍ଧ୍ୟାରେ ଅନେକ ମତଦାନ କେନ୍ଦ୍ରକୁ କବ୍‌ଜା କରି ଗୁଳି ମାଡ଼ କରାଯାଇଥିଲା। ଏହା ସହିତ ଟଙ୍କା ବାଣ୍ଡି ବାଲାଟ ପେପରରେ ମୋହର ମରା ଯାଇଥିଲା। ଏହି ଫଳାଫଳରେ ଏଜେଣ୍ଟଙ୍କ ସ୍ୱାକ୍ଷର ▶ପୃଷ୍ଠା-୭

‘ସେବା ତୀର୍ଥ’ ପିଏମ୍‌ଓର ନୂଆ ଠିକଣା

ଡାକ ଟିକଟ ଓ ମୁଦ୍ରା ବି ଜାରି

କୋଠାରେ ଲେଖା ହୋଇଛି ‘ନାଗରିକ ଦେବୋ ଭବ’

ପୁରୁଣା କୋଠା ହେବ ସଂଗ୍ରହାଳୟ

■ ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀର ରାଇସିନା ହିଲ୍ସ ସ୍ଥିତ ସାଉଥ ବ୍ଲକ ଆଉ କ୍ଷମତା କେନ୍ଦ୍ର ହୋଇ ନାହିଁ। ଶୁକ୍ରବାର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ)ର ଠିକଣା ବଦଳି ଯାଇଛି। ‘ସେବା ତୀର୍ଥ’ ନୂଆ ପରିଚୟ ପାଲଟି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି କମ୍ପ୍ଲେକ୍ସ ସହିତ କର୍ତ୍ତବ୍ୟ ଭବନ-୧ ଏବଂ କର୍ତ୍ତବ୍ୟ ଭବନ-୨କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେ ଡାକ ଟିକଟ ଏବଂ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ସେବା ତୀର୍ଥରେ ପିଏମଓ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ ସଚିବାଳୟ (ଏନଏସସିଏସ) ଏବଂ କ୍ୟାବିନେଟ ସଚିବାଳୟ କାମ କରିବ। ଉଦ୍‌ଘାଟନୀ ଅବସରରେ ନୂଆ କମ୍ପ୍ଲେକ୍ସରେ ଲାଗିଥିବା ‘ସେବା ତୀର୍ଥ’ ଫଳକକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ। ପରିସରରେ ଥିବା କାନ୍ଥ ଦେବନାଗରୀ ଲିପିରେ ‘ସେବା ତୀର୍ଥ’ ଲେଖା ଯାଇଥିଲା। ଏହାର ତଳେ ‘ନାଗରିକ ଦେବୋ ଭବ’ ଅର୍ଥାତ୍ ‘ନାଗରିକ ଭଗବାନଙ୍କ ସହ ସମାନ’ର ମନ୍ତ୍ର ମଧ୍ୟ ଲେଖାଯାଇଛି। ସେହିପରି ଆଜି ବ୍ରିଟିଶ କାଳର ‘ସେକ୍ରେଟାରିଏଟ ବିଲ୍ଡିଂ’ରେ ଶେଷ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ▶ପୃଷ୍ଠା-୭

ସଂସଦରେ ଖଡ୍‌ଗେ ଉଠାଇଲେ ଓଡ଼ିଶାରେ ଜାତି ଭେଦଭାବ

■ ଭୁବନେଶ୍ୱର, ୧୩।୨ (ସମିସ): କେନ୍ଦ୍ରାପଡା ରାଜନଗର ଅଞ୍ଚଳରେ ଏକ ଅଙ୍ଗନବାଡି କେନ୍ଦ୍ରରେ ଜାତି ଆଧାରରେ ଭେଦଭାବ କଥା ରାଜ୍ୟସଭାରେ ଉଠିଛି। ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖରଜେ ଉପରୋକ୍ତ ପ୍ରସଙ୍ଗ ଉଠାଇ କ୍ଷୋଭ ପ୍ରକାଶ କରିଛନ୍ତି। ଏକବିଂଶ ଶତାବ୍ଦୀରେ ଏପରି ଜାତିଗତ ବର୍ଣ୍ଣବୈଷମ, ଭେଦଭାବକୁ ନେଇ ସେ ଚିନ୍ତାବ୍ୟକ୍ତ କରିବା ସହ ଏପରି ଭେଦଭାବ ରହିଲେ ସ୍ୱାଭାବିକ ଭାବେ ଏହା ପିଲାଙ୍କ ବିକାଶ ଉପରେ କୁପ୍ରଭାବ ପକାଇବ ବୋଲି କହିଛନ୍ତି।

ଶ୍ରୀ ଖରଗେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀରେ ଯେତେବେଳେ ଆମେ ସାମାଜିକ ବିକାଶ, ସଂସ୍କାରର କଥା କହୁଛେ, ହିନ୍ଦୁ ଏକ ହେବାର କଥା କହୁଛେ, ସେତେବେଳେ ଓଡ଼ିଶାରେ ଏକ ଅଙ୍ଗନବାଡି କେନ୍ଦ୍ରରେ ଜଣେ ଦଳିତା ମହିଳା ସହାୟିକାଙ୍କ ଦ୍ୱାରା ପ୍ରସ୍ତୁତ ଭୋଜନକୁ ଏକ ବିଶେଷ ସମୁଦାୟର ଲୋକେ ନିଜ ପିଲାଙ୍କୁ ଖାଇବାକୁ ଦେଉନାହାନ୍ତି। ବିଗତ ୩ ମାସ ହେଲାଣି ଏହି ଅଙ୍ଗନବାଡ଼ି ସେଣ୍ଟରକୁ କେହି ଯାଉନାହାନ୍ତି। ଅଙ୍ଗନବାଡି ସେଣ୍ଟର ପିଲାଙ୍କ ଶାରିରୀକ ଓ ମାନସିକ ବିକାଶର ମୂଳଦୁଆ ପକାଇଥାଏ। ମାତ୍ର ଯଦି ଏହିପରି ଜାତିଗତ ଭେଦଭାବ ରହିବ, ତାହେଲେ ସ୍ୱାଭାବିକ ଭାବେ ଏହା ପିଲାଙ୍କ ବିକାଶ ଉପରେ କୁପ୍ରଭାବ ପକାଇବ। ଏଭଳି ଜାତିଗତ ବର୍ଣ୍ଣବୈଷମ ସମ୍ବିଧାନର ଧାରା ୨୧(ଏ) ଦ୍ୱାରା ପ୍ରଦତ୍ତ ଶିକ୍ଷାର ଅଧିକାରକୁ ସିଧାସଳଖ ପ୍ରଭାବିତ କରୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ରାଜନଗର ଅନ୍ତର୍ଗତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ୨୦୨୫ ନଭେମ୍ବର ୨୦ରେ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ସହାୟିକା ଭାବେ ନିଯୁକ୍ତି ▶ପୃଷ୍ଠା-୭

ରାଜ୍ୟସଭାରେ ଉଠିଲା ରାଜନଗର ଅଙ୍ଗନବାଡି ଭେଦଭାବ ପ୍ରସଙ୍ଗ

ଜାତିଗତ ବର୍ଣ୍ଣବୈଷମ୍ୟ ସମ୍ବିଧାନ ପ୍ରଦତ୍ତ ଶିକ୍ଷାର ଅଧିକାରରୁ ପିଲାଙ୍କୁ ବଞ୍ଚିତ କରୁଛି



ଲୋକସଭାରେ ‘ହରଦୀପ ପୁରୀ ଇସ୍ତଫା’ ଦିଅ ସ୍ଲୋଗାନ

ରାହୁଲ କ୍ଷମତା ପାଇଁ ଦେଶକୁ ଭାଗ ଭାଗ କରିବାକୁ ଚାହାନ୍ତି: ବିଜେପି

ମାର୍ଚ୍ଚ ୯ ଯାଏଁ ସଂସଦ ମୁଲତବୀ

■ ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ଗୃହରେ ହଟ୍ଟଗୋଳ ଓ ହଙ୍ଗାମା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି, ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମଏମ ନରବାଣେଙ୍କ ପୁସ୍ତକ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଟିପ୍ପଣୀକୁ ବିରୋଧ ଆଦିକୁ ନେଇ ଗୃହରେ ହୋହାଲ୍ଲା ଲାଗି ରହିଥିଲା। ତେଣୁ ସାରା ଦିନ ଗୃହ ଚାଲି ପାରି ନ ଥିଲା। ଶେଷରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସଂସଦର ଉଭୟ ଗୃହକୁ ମୁଲତବୀ କରିଦିଆଯାଇଥିଲା। ଆଜି ଲୋକସଭା ମାତ୍ର ୧୦ ମିନିଟ ପାଇଁ ଚାଲି ପାରିଥିଲା। ସେହିପରି ଉଚ୍ଚ ସଦନ ରାଜ୍ୟସଭାରେ ୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ହୋଇଥିଲା।

ଆଜି ସକାଳ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସାଂସଦ ‘ହରଦୀପ ପୁରୀ ଇସ୍ତଫା ଦିଅ’ ଦାବି କରିଥିଲେ। ଏହାର ୫ ମିନିଟ ପରେ ଲୋକସଭାକୁ ସ୍ଥଗିତ କରିଦିଆଯାଇଥିଲା। ୧୨ଟାରେ ପୁଣି କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶିକ୍ଷା ଏବଂ ଆଇନ ମନ୍ତ୍ରାଳୟ ସମ୍ବନ୍ଧିତ ବିଲ୍ ଉପସ୍ଥାପନ କରାଯାଇଥିଲା। ▶ପୃଷ୍ଠା-୭

ବହୁଚର୍ଚ୍ଚିତ ଏସିଡ଼ ମାଡ଼ ମାମଲା

ପତ୍ନୀହନ୍ତାକୁ ଫାଶୀ

■ ବାଲେଶ୍ୱର, ୧୩।୨ (ସମିସ): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭିମପୁରା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ବହୁଚର୍ଚ୍ଚିତ ଏସିଡ୍ ମାଡ଼ ଘଟଣାରେ ଆଜି ରାୟ ପ୍ରକାଶ ପାଇଛି। ବାଲେଶ୍ୱର ସ୍ପେଶାଲ କୋର୍ଟ ଜଜ୍ ଅବଦୁଲ୍ ସମିମ୍ ଅଖତର୍ ମାମଲାର ଶୁଣାଣି କରି ଆସାମୀ ଚନ୍ଦନ ରଣାଙ୍କୁ ଆଜି ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ତାଙ୍କୁ ଗତ ୪ ତାରିଖରେ ଦୋଷୀ ସାବ୍ୟସ୍ତ କରିଥିଲେ। ଚନ୍ଦନର ଘର ନୀଳଗିରି ଥାନା ଅନ୍ତର୍ଗତ କାଣ୍ଡଗଡ଼ି ପଞ୍ଚାୟତ ନୟାପାଟଣା ଗ୍ରାମରେ। ଉକ୍ତ ବର୍ଷ ଫେବୃଆରି ୨୦ ତାରିଖରେ ଚନ୍ଦନ ତା’ ଦ୍ୱିତୀୟ ପତ୍ନୀ ବନିତା ସିଂ ଓ ତାଙ୍କ ପରିବାରଲୋକଙ୍କୁ ଏସିଡ୍ ମାଡ଼ କରିଥିଲା। ଘରେ ପଶି ସେ ବନିତାଙ୍କ ବଡ଼ ଭଉଣୀ ବର୍ଷା, ଝିଆରି ମାମଲି ଓ ପୁତୁରା ବିଶ୍ୱଜିତ୍ ଉପରକୁ ଏସିଡ୍ ଫିଙ୍ଗିଥିଲା। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବନିତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ▶ପୃଷ୍ଠା-୭

ଶ୍ମଶାନରୁ ୫ ଶବ ଚୋରି

■ ଭଣ୍ଡାରିପୋଖରୀ, ୧୩।୨ (ସମିସ): ବୈତରଣୀ କୂଳରେ ଅବସ୍ଥିତ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ଗ୍ରାମ ଶ୍ମଶାନରୁ ଗତ ଗୁରୁବାର ରାତିରେ ଏକକାଳୀନ ୫ଟି ଶବ ଚୋରି ହୋଇଛି। କିଛି ଦୁର୍ବୃତ୍ତ ରାତିର ଘନ ଅନ୍ଧାରରେ ମାଟି ଖୋଳି ୨ମାସ ତଳେ ପୋତାଯାଇଥିବା ଶବଗୁଡ଼ିକୁ ଚୋରି କରିନେଇଛନ୍ତି। ଚୋରି ହୋଇଥିବା ଶବଗୁଡ଼ିକ ଗ୍ରାମର ଖଗେଶ୍ୱର ସାମଲ, ହାଡ଼ିବନ୍ଧୁ ବେଉରିଆ, କାର୍ତ୍ତିକ ନାୟକ, ସରସ୍ୱତୀ ବେହେରା ଓ କାଳନ୍ଦୀ ବେହେରାଙ୍କର ବୋଲି ଜଣାଯାଇଛି। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କିଛି ସମୟ ଅନ୍ତରାଳରେ କିଛି ଦୁର୍ବୃତ୍ତ ଜାଣିଶୁଣି ଏପରି କାଣ୍ଡ ଘଟାଉଥିବା ବେଳେ ପୁଲିସ କୌଣସି ପଦକ୍ଷେପ ନେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଗାଁରେ କାହାର ମୃତ୍ୟୁ ହେଲେ ଗ୍ରାମବାସୀ ବୈତରଣୀ ନଦୀପଠାରେ ଥିବା ଶ୍ମଶାନରେ ଶବକୁ ପୋତି ଦେଇଥା’ନ୍ତି। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ନିୟମିତ ଅନ୍ତରାଳରେ ମାଟି ଖୋଳି ଶବ ଚୋରି କରୁଛନ୍ତି। ଗୁଣିଗାରେଡ଼ି କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଶବଗୁଡ଼ିକୁ ଚୋରି କରାଯାଉଛି ବୋଲି ଗ୍ରାମବାସୀମାନେ ସନ୍ଦେହ କରିଛନ୍ତି। ସ୍ଥାନୀୟ କିଛି ବ୍ୟକ୍ତିବିଶେଷ ଏହି ଘଟଣାରେ ସଂପୃକ୍ତ ରହିଛନ୍ତି ▶ପୃଷ୍ଠା-୭

ସରକାରୀ ବିଧିବ୍ୟବସ୍ଥାରେ ଅଣନିଃଶ୍ୱାସୀ ଚାଷୀ

ଅଚଳ ଆକାଉଣ୍ଟରେ ପଡ଼ିଲା ଧାନବିକ୍ରି ଟଙ୍କା

■ ବଲାଙ୍ଗିର, ୧୩।୨ (ସମିସ): ବଲାଙ୍ଗିର ଜିଲ୍ଲାରେ ସରକାରଙ୍କ ଧାନକିଣା ବିଧି ବ୍ୟବସ୍ଥାରେ ଚାଷୀ ଅଣନିଃଶ୍ୱାସୀ ହୋଇଗଲେଣି। କିଛି ଦିନ ତଳେ, ଜିଲ୍ଲାର ଜଣେ ଯୁବଚାଷୀ କେରଳର ଏକ ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି, ଦୁଇ ତିନି ଦିନ ତଳେ ଜଣେ ଚାଷୀଙ୍କ ମୃତ୍ୟୁ ପରେ କିଭଳି ଭାବେ ତାଙ୍କ ଅସହାୟ ପରିବାର ମଣ୍ଡିରେ ଧାନ ବିକି ନପାରି ବାହାରେ ଦଲାଲଙ୍କୁ ଅଭାବୀ ଦରରେ ଧାନ ବିକିଥିଲେ, ସେ ଦୃଶ୍ୟ ବି ଲୋକ ଦେଖିବାକୁ ପାଇଥିଲେ। ବର୍ତ୍ତମାନ ପୁଣି ଆଉ ଜଣେ ଚାଷୀଙ୍କ ଏଭଳି ଏକ ସମସ୍ୟା ସାମ୍ନାକୁ ଆସିଛି। ଜିଲ୍ଲାର ଜଣେ ଚାଷୀ ମଣ୍ଡିରେ ବିକିଥିବା ଧାନ ବାବଦକୁ ଟଙ୍କା ଏକ ପୁରୁଣା ବ୍ୟାଙ୍କ ଜମାଖାତାରେ ଜମା ହୋଇଛି। ସେହି ବ୍ୟାଙ୍କର କୌଣସି ଶାଖା ବଲାଙ୍ଗିର ତଥା ଆଖପାଖ ଜିଲ୍ଲାରେ ନ ଥିବା ବେଳେ ସେ କେମିତି ଟଙ୍କା ଉଠାଇବେ, ସେନେଇ ଚିନ୍ତାରେ ବାରମ୍ବାର ହେଉଛନ୍ତି। ଆବଶ୍ୟକ ପଡ଼ିଲେ, ଟଙ୍କା ଉଠାଇବା ପାଇଁ ତାଙ୍କୁ ଭୁବନେଶ୍ୱର କିମ୍ବା କୋଲକାତା ଯିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଲୋଇସିଂହା ବ୍ଲକ୍ ଦୁମଦୁମି ଗାଁର ଯୁବଚାଷୀ ଲକ୍ଷ୍ମୀକାନ୍ତ ଥାଟି ଏଭଳି ସମସ୍ୟା ସମ୍ମୁଖୀନ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ଟୋକନ୍‌ରେ ୭.୫ କ୍ୱିଣ୍ଟାଲ ଧାନ ବିକିବା ପାଇଁ ତାଙ୍କୁ ଅନୁମତି ମିଳିଥିଲା। ସେ ଗତ ୬ ତାରିଖରେ କନ୍ଦାୟୁରୀ ମଣ୍ଡିରେ ଧାନ ବିକିଥିଲେ। ଗତ ୧୦ ତାରିଖରେ ତାଙ୍କ ମୋବାଇଲକୁ ୨ ଲକ୍ଷ ୨୩ ହଜାର ୭୨୬ ଟଙ୍କା ଜମା ହୋଇଥିବା ମେସେଜ ଆସିଥିଲା। ଖୁସିରେ ସେ ମେସେଜ୍ ଦେଖିଥିଲେ ସିନା; କିନ୍ତୁ କିଛି ସେକେଣ୍ଡ ପରେ ତାଙ୍କ ମୁଣ୍ଡ କାମ କରିବା ବନ୍ଦ କରିଦେଇଥିଲା। କାରଣ, ପ୍ରାୟ ▶ପୃଷ୍ଠା-୭

୧୦ ବର୍ଷ ହେଲା ଆକାଉଣ୍ଟ ବ୍ୟବହାର ହୋଇନାହିଁ

ବଲାଙ୍ଗିରରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ବି ନାହିଁ

ହଜାରିବାଗରେ ହାତୀ ପଲଙ୍କ ଆକ୍ରମଣ; ୬ ମୃତ

ହଜାରିବାଗ, ୧୩।୨(ଏଜେନ୍ସି): ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ପଲଙ୍କ ଆକ୍ରମଣରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ବର୍ଷକର ଶିଶୁଠାରୁ ୫୦ରୁ ଅଧିକ ବୟସ୍କ ସାମିଲ ଅଛନ୍ତି। ଏହି ମର୍ମନ୍ତୁଦ ଘଟଣାଟି ଅଙ୍ଗୋ ଥାନା ଓ ଚୁରଚୁ ବ୍ଲକର ଗୋନ୍ଦୱାର ଗାଁରେ ଘଟିଛି। ଏମାନଙ୍କ ମଧ୍ୟରେ ୪ ଜଣ ଗୋଟିଏ ପରିବାରର। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୧ରୁ ୧.୩୦ ମଧ୍ୟରେ ୫ଟି ହାତୀଙ୍କ ପଲ ଗାଁରେ ପହଞ୍ଚି ଉତ୍ପାତ କରିଥିଲେ। ହାତୀମାନେ ଘରର କବାଟ ଭାଙ୍ଗି ଭିତରକୁ ପଶିଯାଇଥିଲେ ଓ ଶୋଇଥିବା ଅବସ୍ଥାରେ ଲୋକଙ୍କୁ ଦଳି ଦେଇଥିଲେ। କେତେଜଣ ଝରକା ଡେଇଁ ଅନ୍ୟ ବାଟରେ ପଳାଇ ଆସି ଗାଁ ଲୋକଙ୍କୁ ସତର୍କ କରାଇଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଗତ ମାସେ ହେବ ଏହି ଅଞ୍ଚଳରେ ହାତୀ ପଲ ବୁଲୁଥିଲେ ମଧ୍ୟ ବନ ବିଭାଗ କୌଣସି ସ୍ଥାୟୀ ସମାଧାନ କରିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ତାମିଲନାଡୁ ମହିଳାଙ୍କ ଖାତାକୁ ଗଲା ୫ ହଜାର ଟଙ୍କା

ଚେନ୍ନଇ, ୧୩।୨(ଏଜେନ୍ସି): ତାମିଲନାଡୁରେ ୧ କୋଟି ୩୧ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫, ୦୦୦ ଲେଖାଏ ଟଙ୍କା ଜମା କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଶୁକ୍ରବାର ଏ ନେଇ ସୂଚନା ଦେଇଛନ୍ତି। ତାଙ୍କ ସରକାର 'କେଲୈଗନାର ମହିଳା ଅଧିକାର ଯୋଜନା' ଅଧିନରେ ରାଜ୍ୟର ୧.୩୧ କୋଟି ମହିଳାଙ୍କ ଖାତାକୁ ଏହି ପରିମାରଣ ଅର୍ଥ ଜମା କରିଛନ୍ତି। ମୋଟ ୫ ହଜାର ମଧ୍ୟରୁ ୩ ହଜାର ଫେବୃଆରୀ, ମାର୍ଚ୍ଚ ଓ ଏପ୍ରିଲ ମାସର କିସ୍ତି ପାଇଁ ଦିଆଯାଇଥିବା ବେଳେ ୨ ହଜାର ସମର ସ୍ପେଶାଲ ପ୍ୟାକେଜ ଭାବେ ପ୍ରଦାନ କରାଯାଇଛି। ଷ୍ଟାଲିନ କହିଛନ୍ତି ଯେ, ଯଦି ତାଙ୍କ ଦଳ ଡିଏମ୍‌କେ ପୁଣି କ୍ଷମତାକୁ ଆସେ, ତେବେ ମହିଳାମାନଙ୍କୁ ମିଳୁଥିବା ମାସିକ ସହାୟତା ୧ ହଜାରରୁ ବୃଦ୍ଧି କରାଯାଇ ୨ ହଜାର କରାଯିବ ଓ ୩ଟି ଗ୍ୟାସ ସିଲିଣ୍ଡର ମାଗଣା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ନିଷ୍ପତ୍ତିକୁ ବିରୋଧୀ ଦଳ ସମାଲୋଚନା କରିଛନ୍ତି। ବିଜେପି ନେତ୍ରୀ ତାମିଲିସାଇ ସୌନ୍ଦରାଜନ ଏହାକୁ ଏକ ନିର୍ବାଚନୀ ଚାଲ୍ ବୋଲି କହିଛନ୍ତି।

ମଧ୍ୟପ୍ରାଚ୍ୟକୁ ଦ୍ୱିତୀୟ ବିମାନବାହକ ପଠାଇଲା ଆମେରିକା

ନ୍ୟୁୟର୍କ, ୧୩।୨(ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଆମେରିକା ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଚାପ ପକାଇବା ପାଇଁ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆକୁ ଦ୍ୱିତୀୟ ବିମାନବାହକ ଜାହାଜ ୟୁଏସ୍‌ଏସ୍ ଜେରାଲ୍ଡ ଆର ଫର୍ଡ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ୟୁଏସ୍‌ଏସ୍ ଫୋର୍ଡ ଓ ଏହାର ସହଯୋଗୀ ଯୁଦ୍ଧ ଜାହଜଗୁଡ଼ିକ କାରିବିଆନ ସାଗରରୁ ପଶ୍ଚିମ ଏସିଆ ଅଭିମୁଖେ ବାହାରିଛନ୍ତି। ପୂର୍ବରୁ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ ଓ ୩ଟି ଗାଇଡେଡ୍ ମିସାଇଲ ଡେଷ୍ଟ୍ରୟର ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ସେଠାରେ ପହଞ୍ଚିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ତୁରନ୍ତ ଏକ ବୁଝାମଣା କରିବାକୁ ନଆସେ, ତେବେ ତାକୁ ଆହୁରି କଠୋର ପରିଣାମ ଭୋଗିବାକୁ ପଡ଼ିବ। ଇରାନ ମଧ୍ୟ ଏନେଇ ପ୍ରତିକ୍ରିୟା ଦେଇଛି। ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ଅଲି ଲାରିଜାନି କହିଛନ୍ତି ଯେ, ଓମାନରେ ଆମେରିକା ସହ ପରୋକ୍ଷ ଆଲୋଚନା ଜାରି ରହିଛି। କିନ୍ତୁ ଇରାନ ସ୍ପଷ୍ଟ କରିଛି ଯେ, ନିଜର ଶକ୍ତି ଉପାଦାନ, ଔଷଧ ତିଆରି ପାଇଁ ପରମାଣୁ ସମୃଦ୍ଧିକରଣ ପ୍ରକ୍ରିୟା ଜାରି ରଖିବେ। ଯଦି ଆମେରିକା ଆକ୍ରମଣ କରେ, ତେବେ ଇରାନ ଏହି ଅଞ୍ଚଳରେ ଥିବା ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରିବ ବୋଲି ଚେତାବନୀ ଦେଇଛି। ଏବେ ଏହି ସ୍ଥିତି ବିଶ୍ୱ ରାଜନୀତିରେ ଉତ୍ତେଜନା ବୃଦ୍ଧି କରିଛି।

ହିଟ୍ ଆଣ୍ଡ ରନ୍ ମାମଲା: ୬ ଜଣଙ୍କୁ ଗାଡ଼ି ଚଢ଼ାଇଥିବା ଦ୍ୱାଦଶ ଶ୍ରେଣୀ ଛାତ୍ର ଗିରଫ

ଲକ୍ଷ୍ନୌ, ୧୩।୨(ଏଜେନ୍ସି): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ର ଏକ ସୁଇଫ୍ଟ ଡିଜାୟାର ଗାଡ଼ି ଦ୍ୱାରା ୬ ଜଣଙ୍କୁ ଧକ୍କା ଦେବା ପରେ ପୁଲିସ ଦ୍ୱାରା ଗିରଫ ହୋଇଛି। ଏହି ଦୁର୍ଘଟଣାରେ ଜଣେ ୬ ବର୍ଷର ଶିଶୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ଗୁରୁବାର ସନ୍ଧ୍ୟାରେ ୭ଟାରେ ବନ୍ଥରା ଥାନା ଅନ୍ତର୍ଗତ କାନପୁର ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା। ଅଭିଯୁକ୍ତ ଛାତ୍ର ଗୌରବ ସିଂ ନିଜର ଜଣେ ବାନ୍ଧବୀଙ୍କ ସହ ଏକ ଫେୟାରୱେଲ ପାର୍ଟିରୁ ଫେରୁଥିଲେ। ଏହି ସମୟରେ ସେ ଜଣକ ପରେ ଜଣକୁ ଧକ୍କା ଦେଇ ଖସିଯିବାକୁ ଚେଷ୍ଟା କରିଥିଲା। ପୁଲିସ ଗାଡ଼ି ନମ୍ବରକୁ ଆଧାର କରି ମାତ୍ର ଏକ ଘଣ୍ଟା ମଧ୍ୟରେ ଗୌରବକୁ ଗିରଫ କରିଛି। ସେ ଅବଧ କଲେଜିଏଟ୍‌ର ଛାତ୍ର। ଅଭିଯୁକ୍ତର ବାପା ଜଣେ ସିମେଣ୍ଟ ବ୍ୟବସାୟୀ। ଗୌରବ ଜଣେ ବନ୍ଧୁଙ୍କଠାରୁ ଗାଡ଼ି ମାଗି ଆଣି ପାର୍ଟିକୁ ଯାଇଥିଲା। ପୁଲିସ ସିସିଟିଭି ଫୁଟେଜ ଜବତ କରିଛି ଓ ଅଧିକ ତଦନ୍ତ ଜାରି ରଖିଛି।

ବିଜୟଙ୍କ ଟିଭିକେ ରାଲିରେ ହିଟ୍‌ଷ୍ଟ୍ରୋକ୍; ଜଣେ ମୃତ

ସାଲେମ୍, ୧୩।୨(ଏଜେନ୍ସି): ତାମିଲନାଡୁର ସାଲେମଠାରେ ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ରାଲିରେ ଆଉ ଏକ ଅଘଟଣ ଘଟିଛି। ଶୁକ୍ରବାର ତାଙ୍କ ଦଳ ତାମିଲିଗା ଭେଟ୍ରି କଝଗମ୍ (ଟିଭିକେ)ର ଅନୁଷ୍ଠିତ ରାଲିରେ ଜଣେ ବ୍ୟକ୍ତି ଅତ୍ୟଧିକ ଗରମ ତଥା ହିଟ୍‌ଷ୍ଟ୍ରୋକ୍‌ରେ ମୃତ୍ୟୁବରଣ କରିଛନ୍ତି। ଫଳରେ ବିଜୟ ପୁଣିଥରେ ବିବାଦକୁ ଟାଣି ହୋଇଛନ୍ତି। ମୃତ ବ୍ୟକ୍ତି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ସେ ଜଣେ ହୃଦରୋଗୀ ବୋଲି ପୁଲିସ କହିଛି। ପୂର୍ବରୁ ତାଙ୍କ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ମୃତକ ହେଉଛନ୍ତି ୩୭ ବର୍ଷୀୟ ସୁରଜ। ସେ ମୂଳତଃ ମହାରାଷ୍ଟ୍ରର ବାସିନ୍ଦା ହୋଇଥିଲେ ମଧ୍ୟ ଦୀର୍ଘ ଦିନ ହେବ ସାଲେମରେ ରହିଆସୁଥିଲେ। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ମାସରେ କରୁରଠାରେ ହୋଇଥିବା ବିଜୟଙ୍କ ରାଲିରେ ୪୧ଜଣ ଦଳଚକଟା କାରଣରୁ ମୃତ୍ୟୁବରଣ କରିଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧିନ ରହିଛି।

ଇମ୍ରାନଙ୍କ ଗୋଟିଏ ଆଖିର ୮୫ % ଦୃଷ୍ଟିଶକ୍ତି ହ୍ରାସ

ଲହୋର, ୧୩।୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଗୋଟିଏ ଆଖିର ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହ୍ରାସ ହୋଇଛି। ପାକିସ୍ତାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ଯାଞ୍ଚରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଇମାନଙ୍କ ଓକିଲ ସଲମାନ ସଫଦରଙ୍କ ରିପୋର୍ଟ ଅନୁଯାୟୀ, ଜେଲ୍‌ରେ ଥିବା ସମୟରେ ତାଙ୍କ ଡାହାଣ ଆଖିରେ ରକ୍ତ ଜମାଟ ବାନ୍ଧିବା ଯୋଗୁଁ ହିଁ ଏହି ଗୁରୁତର ସମସ୍ୟା ଦେଖାଦେଇଛି। ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟିଶକ୍ତି ସାଧାରଣ ଥିଲା, କିନ୍ତୁ ଏବେ ଡାହାଣ ଆଖିରେ ମାତ୍ର ୧୫ ପ୍ରତିଶତ ଦୃଷ୍ଟିଶକ୍ତି ବାକି ଅଛି। ଚିକିତ୍ସାରେ ଅବହେଳା ନେଇ ଇମ୍ରାନ ଅଭିଯୋଗ କରି କହିଛନ୍ତି ଯେ, ତାଙ୍କୁ ନିଜସ୍ୱ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ଅନୁମତି ଦିଆଯାଇନାହିଁ। ଏପରିକି ଦୁଇବର୍ଷ ମଧ୍ୟରେ ତାଙ୍କୁ ଦନ୍ତ ଚିକିତ୍ସକଙ୍କ ପାଖକୁ ମଧ୍ୟ ନିଆଯାଇନାହିଁ। ଏକା ଓ ଅଲଗା ରହିବା କାରଣରୁ ସେ ମାନସିକ ଚାପର ଶିକାର ହୋଇଛନ୍ତି।



ପରିବାର ଓ ଓକିଲଙ୍କ ସହ ସାକ୍ଷାତ ଉପରେ କଟକଣା ଲାଗୁ କରାଯାଇଛି। ନିକଟରେ ଜେଲ ପ୍ରଶାସନ ବଦଳିବା ପରେ ତାଙ୍କୁ ସପ୍ତାହରେ ଥରୁଟିଏ ମାତ୍ର ୩୦ ମିନିଟ ପାଇଁ ପତ୍ନୀଙ୍କୁ ଭେଟିବାକୁ ଅନୁମିତ ଦିଆଯାଉଛି। ଯଦି ତାଙ୍କୁ ତୁରନ୍ତ ଉନ୍ନତ ମାନର ଚିକିତ୍ସା ଓ ପରିବାର ସହ ସାକ୍ଷାତର ସୁଯୋଗ ନ ମିଳେ, ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯାଇପାରେ ବୋଲି ଆଶଙ୍କା କରାଯାଉଛି।

ମଦ ଭାବି ପିଇଗଲେ ବିଷାକ୍ତ କେମିକାଲ; ୪ ମୃତ

ଜୟପୁର, ୧୩।୨(ଏଜେନ୍ସି): ରାଜସ୍ଥାନର ଭିଲୱାଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ୫ ଜଣ ବ୍ୟକ୍ତି ମଦ ଭାବେ ବିଷାକ୍ତ କେମିକାଲ ପିଇ ଦେଇଛନ୍ତି। ଏଥିରେ ୩ ଜଣ ମହିଳାଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କର ଅବସ୍ଥା ଗୁରୁତର ଅଛି। ସୂଚନା ଅନୁଯାୟୀ, ସମସ୍ତେ ଶ୍ରମିକ ଶ୍ରେଣୀର ଓ ଏକ ବାହାଘର ଉତ୍ସବରୁ ମଦ ଭାବି କେମିକାଲ ଲୁଚାଇ ଆଣିଥିଲେ। ଏହି ଘଟଣା ଭଲୱାଡ଼ା ଜିଲ୍ଲାର ଅଲୋଲି ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି। ଆଲୋଲୀ ନିବାସୀ ହରଦୟାଲ ସିଂଙ୍କ କହିବା ଅନୁଯାୟୀ, ଫେବୃଆରୀ ୧୦ରେ ତାଙ୍କ ପରିବାରରେ ଏକ ବିବାହ ଉତ୍ସବ ଥିଲା। ବାସନକୁସନ ସଫା କରିବା ଓ ଧୋଇବା ପାଇଁ କିଛି କେମିକାଲ ମଗାଯାଇଥିଲା। ସଫେଇ କାମ ପାଇଁ ଆସିଥିବା କିଛି ଶ୍ରମିକ ଘରକୁ ଫେରିବା ସମୟରେ ମଦ ଭାବି କେମିକାଲ ବୋତଲଗୁଡ଼ିକୁ ନିଜ ସାଙ୍ଗରେ ଲୁଚାଇ ନେଇଥିଲେ। ଫେବୃଆରୀ ୧୨ ସନ୍ଧ୍ୟାରେ ସେମାନେ ଏହାକୁ ନିଜ ଘରେ ପିଇଦେଇଥିଲେ। ଏହା ପରେ ସେମାନଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯିବା ପରେ ସେମାନଙ୍କୁ ପଡୋଶୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୨ ବର୍ଷୀୟ ସନୁ ନାମକ ମହିଳା ଗୁରୁତର ଅଛନ୍ତି। ସୂଚନା ପାଇବା ମାତ୍ରେ ପୁଲିସ ଓ ଫରେସନସିକ ସାଇନ୍ସ ଲାବୋରାଟୋରୀ (ଏଫ୍‌ଏସ୍‌ଏଲ୍) ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି।

ଆରାବଳୀକୁ କେହି ଛୁଇଁ ପାରିବେ ନାହିଁ: ସୁପ୍ରିମକୋର୍ଟ

ସଫାରୀ ପ୍ରକଳ୍ପ ଆବେଦନ ଉପରେ କୋର୍ଟଙ୍କ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍ ଓ ନୁହ ଜିଲ୍ଲାରେ ପ୍ରସ୍ତାବିତ 'ଆରବଳୀ ଜଙ୍ଗଲ ସଫାରୀ' ପ୍ରକଳ୍ପକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭିଏମ୍ ପାଞ୍ଚୋଲୀଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଆରାବଳୀ ପର୍ବତମାଳାର ଗୋଟିଏ ଇଞ୍ଚ ଜମିକୁ ମଧ୍ୟ କେହି ଛୁଇଁ ପାରିବେ ନାହିଁ। ହରିୟାଣା ସରକାରଙ୍କ ଆବେଦନ କ୍ରମେ ସଫାରୀ ପ୍ରକଳ୍ପର ଆକାର ୧୦, ୦୦୦ ଏକରରୁ କମାଇ ୩, ୩୦୦ ଏକର କରିଥିଲେ ଓ ସଂଶୋଧିତ ରିପୋର୍ଟ (ଡିପିଆର)କୁ କେନ୍ଦ୍ରୀୟ କ୍ଷମତା କମିଟି (ସିଇସି) ଦ୍ୱାରା ଯାଞ୍ଚ କରାଇବାକୁ ଅନୁମତି ମାଗିଥିଲେ। କିନ୍ତୁ ସୁପ୍ରିମକୋର୍ଟ



ଏହି ଅବେଦନକୁ ଖାରଜ କରିଦେଇଛନ୍ତି। ସିଜେଆଇ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଆରାବଳୀ ପର୍ବତମାଳାର ସଠିକ କରିଭାଷା ଓ ସୀମା ନିର୍ଦ୍ଧାରଣ ହୋଇନାହିଁ, ସେ ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ହେବ ନାହିଁ। କୋର୍ଟ କହିଛନ୍ତି ଯେ, ଆରାବଳୀ କେବଳ ହରିୟାଣା କିମ୍ବା ରାଜସ୍ଥାନର ନୁହେଁ, ଏହା ଏକ ବିଶାଳ ପର୍ବତାମାଳା। ଏହାର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଏକ ନିରପେକ୍ଷ ବିଶେଷଜ୍ଞ କମିଟି ଗଠନ କରାଯିବ। ଆମେ ଏହି ପ୍ରକଳ୍ପ ପାଇଁ ଗୋଟିଏ ଇଞ୍ଚ ଜମିର ଅନୁଦାନ ଦେବୁ ନାହିଁ। ଆରାବଳୀର ସୁରକ୍ଷା ପାଇଁ ଆମେ ସମ୍ପୂର୍ଣ୍ଣ ଦୃଢ଼। ଏକ ନିରପେକ୍ଷ ଏଜେନ୍ସିର ରିପୋର୍ଟ ଆସିବା ପରେ ହିଁ କୌଣସି ନିଷ୍ପତ୍ତି ନିଆଯାଇପାରିବ ବୋଲି ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି। ସୂଚନାଯୋଗ୍ୟ ଯେ, ୫ ଜଣ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ଏବଂ 'ପିପୁଲ ଫର ଆରାବଳୀ' ନାମକ ସଂସ୍ଥା ଏହି ସଫାରୀ ପ୍ରକଳ୍ପ ବିରୋଧରେ ଆବେଦନ କରିଥିଲେ। ସେମାନଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ଦ୍ୱାରା ଆରାବଳୀର ପରିବେଶ ସନ୍ତୁଳନ ନଷ୍ଟ ହୋଇଯିବ। ପାହାଡ଼ର ଉଚ୍ଚତାକୁ ନେଇ ସରକାର ଦେଇଥିବା ନୂତନ ପରିଭାଷା ଯୋଗୁଁ ଖଣି ମାଫିଆମାନଙ୍କୁ ସୁଯୋଗ ମିଳିପାରେ।

୪୪ କୋଟିର ଠକେଇ: ବିକ୍ରମ ଭଟ୍ଟଙ୍କ ପତ୍ନୀଙ୍କୁ ଜାମିନ

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିକ୍ରମ ଭଟ୍ଟଙ୍କ ପତ୍ନୀ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ଏକ ବହୁକୋଟି ଟଙ୍କାର ଠକେଇ ମାମଲାରେ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ ଶ୍ୱେତାମ୍ବରୀଙ୍କୁ ତୁରନ୍ତ ଉଦୟପୁର ଜେଲ୍‌ରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ୨୦୨୫ ଡିସେମ୍ବର ୭ରୁ ଜେଲ୍‌ରେ ଥିଲେ। କୋର୍ଟ ଶ୍ୱେତାମ୍ବରୀଙ୍କ ଗିରଫଦାରୀକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ରାଜସ୍ଥାନ ପୁଲିସ ବିକ୍ରମ ଓ ଶ୍ୱେତାମ୍ବରୀଙ୍କୁ ମୁମ୍ବଇରୁ ଗିରଫ କରିଥିଲା ଓ ଉଭୟ ଉଦୟପୁରର ଜେଲ୍‌ରେ ଥିଲେ। 'ଇନ୍ଦିରା ଆଇଭିଏଫ୍'ର ଅଜୟ ମୁର୍ଦିଆ ଏହି ଅଭିଯୋଗ କରିଥିଲେ। ତାଙ୍କ ପତ୍ନୀଙ୍କ ବାୟୋପିକ୍ ଅର୍ଥାତ ଜୀବନୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏହି ଭଟ୍ଟ ଦମ୍ପତି ତାଙ୍କଠାରୁ ପ୍ରାୟ ୪୪ କୋଟି ଟଙ୍କା ଠକେଇ କରିଛନ୍ତି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ପ୍ରଶ୍ନକରିଥିଲେ ଯେ, ଟଙ୍କା ଆଦାୟ ପାଇଁ କାହିଁକି କ୍ରିମିନାଲ ପ୍ରୋସିଡିଂ (ଫୌଜଦାରୀ ମାମଲା) ବ୍ୟବହାର କରାଯାଉଛି? ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ ଯେ, ଚଳଚ୍ଚିତ୍ର ଫ୍ଲପ୍ ହୋଇଥିଲା। ଫିଲ୍ମ ଫ୍ଲପ୍ ହେବା ନିର୍ଦ୍ଦେଶକଙ୍କ ଭୁଲ ନୁହେଁ ଏବଂ ଏଥିପାଇଁ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଜେଲ୍‌ରେ ରଖାଯାଇପାରିବ ନାହିଁ। ମାମଲାରୁ ପରବର୍ତ୍ତୀ ଶୁଣାଣି ବୁଧବାର ଧାର୍ଯ୍ୟ କରାଯାଇଛି। ବିକ୍ରମଙ୍କ ଜାମିନ ଆବେଦନ ଉପରେ କୋର୍ଟ ଆସନ୍ତା ଶୁକ୍ରବାର ଶୁଣାଣି କରିବେ।

କୃଷକ ନେତାମାନଙ୍କୁ ଭେଟିଲେ ରାହୁଲ

କୃଷକଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସଂସଦ ଭବନ ପରିସରରେ ଦେଶର ବିଭିନ୍ନ କୃଷକ ସଂଗଠନର ନେତାମାନଙ୍କୁ ଭେଟିଛନ୍ତି। ଏହି ବୈଠକରେ ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ କରିବା ଏବଂ କୃଷକ ଓ କୃଷି ଶ୍ରମିକଙ୍କ ଜୀବିକା ରକ୍ଷା କରିବା ଉପରେ ଆଲୋଚନା ହୋଇଥିଲା। କୃଷକ ନେତାମାନେ ଅଭିଯୋଗ କରିଛନ୍ତି ଯେ, ଏହି ବାଣିଜ୍ୟ ଚୁକ୍ତି ଯୋଗୁଁ ମକା, ସୋୟାବିନ, କପା, ଫଳ ଓ ଶୁଖିଲା ଫଳ ଚାଷ କରୁଥିବା କୃଷକଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ରାହୁଲ କହିଛନ୍ତି ଯେ, ଏହି ଚୁକ୍ତି ଦ୍ୱାରା କୃଷିଜାତ ଦ୍ରବ୍ୟର ଅବାଧ ଆମଦାନୀ ପାଇଁ ବାଟ ଫିଟିଯାଇଛି, ଯାହା ଅନ୍ୟାନ୍ୟ ଫସଲକୁ ମଧ୍ୟ ପ୍ରଭାବିତ କରିବ। ଏହି ଚୁକ୍ତି ବିରୋଧରେ ଏକ ବଡ଼ ଧରଣର ଜାତୀୟ ଆନ୍ଦୋଳନ କରିବା ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ରାହୁଲ ଏକ୍ସରେ ଭିଡ଼ିଓ ଜାରି କରି କହିଛନ୍ତି ଯେ, ସରକାର ତାଙ୍କ ବିରୋଧରେ ଏଫ୍‌ଆଇଆର୍ କରନ୍ତୁ କିମ୍ବା କୌଣସି ମାମଲା ରୁଜୁ କରନ୍ତୁ, ସେ କିନ୍ତୁ କୃଷକଙ୍କ ସହ ଦୃଢ଼ ଭାବେ ଠିଆ ହେବେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅଭିଯୋଗ ଆଣି କହିଛନ୍ତି ଯେ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ମାଧ୍ୟମରେ ସରକାର ଦେଶକୁ ବିକ୍ରି କରୁଛନ୍ତି ଓ ଏହା ସମ୍ପୂର୍ଣ୍ଣ ରୂପେ କୃଷକ ବିରୋଧୀ। ଏହି ବୈଠକରେ ଦେଶର ଅନେକ ଜଣାଶୁଣା କୃଷକ ନେତା ଯୋଗ ଦେଇଥିଲେ।

୩ଟି ମାମଲାରେ ପପୁ ଯାଦବଙ୍କୁ ମିଳିଲା ଜାମିନ

ପାଟନା, ୧୩।୨(ଏଜେନ୍ସି): ୭ ଦିନ ଜେଲ୍‌ରେ ରହିବା ପରେ ପୂର୍ଣ୍ଣିଆ ସାଂସଦ ପପୁ ଯାଦବ ଶୁକ୍ରବାର ବାହାରକୁ ଆସିଛନ୍ତି। ୩ଟି ମାମଲାରେ ତାଙ୍କୁ ଜାମିନ ମିଳିଥିଲା। ଜେଲରୁ ବାହାରକୁ ଆସିବା ପରେ ସେ 'ସତ୍ୟମେବ ଜୟତେ' କହି ନିଜର ପ୍ରତିକ୍ରିୟା ରଖିଥିଲେ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭବିଷ୍ୟତରେ ଶୁଣାଣି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ। ଫେବୃଆରୀ ୬ରେ ତାଙ୍କୁ ୩୧ ବର୍ଷର ଏକ ଜାଲିଆତି ମାମଲାରେ ଗିରଫ କରାଯାଇଥିଲା। ସେହି ମାମଲାରେ ଜାମିନ ମିଳିବା ପରେ ପୁଲିସ ତାଙ୍କ ବିରୋଧରେ ଅନ୍ୟ ଦୁଇଟି ପୁରୁଣା ମାମଲା (ସରକାରୀ କାର୍ଯ୍ୟରେ ବାଧା ଦେବା ସମ୍ବନ୍ଧୀୟ) ଯୋଡ଼ି ଦେଇଥିଲା। ଫଳରେ ତାଙ୍କୁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଶୁଣାଣି ସମୟରେ ପପୁ ହ୍ୱିଲଚେୟାରରେ କୋର୍ଟ ରୁମ୍‌ରେ ପ୍ରବେଶ କରିଥିଲେ। ସେ ନିଜର ସ୍ୱାସ୍ଥ୍ୟାବସ୍ଥା ଜଣାଇବା ସହ ସେ କହିଥିଲେ ଯେ, ଜେଲରେ ରହିବା ଯୋଗୁଁ ସେ ସଂସଦର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ଏନ୍‌ଇଇଟି ପ୍ରସଙ୍ଗରେ ଭାଗ ନେଇପାରି ନଥିଲେ। ସବୁବେଳେ ଜନ ସାଧାରଣଙ୍କ ସହ ରହୁଥିବା ସତ୍ତ୍ୱେ ପୁଲିସ ତାଙ୍କୁ ଫେରାର ବୋଲି କହି କାହିଁକି ଗିରଫ କଲା ବୋଲି ସେ ପ୍ରଶାସନକୁ ପ୍ରଶ୍ନ ପଚାରିଛନ୍ତି। ତାଙ୍କୁ ଗିରଫ କରିବା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି କୁହାଯାଉଛି।

ଅନସାରୀ ଗ୍ୟାଙ୍ଗର ପୂର୍ବତନ ସୁଟରକୁ ଗୁଳିକରି ହତ୍ୟା

ଲକ୍ଷ୍ନୌ, ୧୩।୨(ଏଜେନ୍ସି): ଉତ୍ତର ପ୍ରଦେଶର ବାରାବାଙ୍କି ଜିଲ୍ଲାରେ ଦୁର୍ଦ୍ଦାନ୍ତ ମାଫିଆ ମୁକ୍ତାର ଅନସାରୀ ଗ୍ୟାଙ୍ଗର ଜଣେ ପୂର୍ବତନ ସୁଟରକୁ ଦିନ ଦ୍ୱିପହରରେ ଗୁଳି କରି ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ସୋଏବ ଓରଫ ବବି। ସେ ଗ୍ୟାଙ୍ଗଷ୍ଟର ତଥା ମାଫିଆ ମୁକ୍ତାରର ଅତି ନିକଟତର ସୁଟର ଭାବେ ଜଣାଶୁଣା ଥିଲା। ସୋଏବ ବାରାବାଙ୍କିରୁ ଲକ୍ଷ୍ନୌ ଯାଉଥିବା ସମୟରେ ଅସେନୀ ଅଞ୍ଚଳରେ ତାଙ୍କ ଗାଡ଼ି ଉପରକୁ ଅତର୍କିତ ଗୁଳିଚାଳନା କରାଯାଇଥିଲା। ଦୁର୍ବୃତ୍ତମାନେ ସୋଏବର କାର୍ ଉପରକୁ ଲକ୍ଷ୍ୟ କରି ୧୫ ରାଉଣ୍ଡ ଗୁଳି ଚଳାଇଥିଲେ। ପ୍ରାୟ ୧୦ ମିନିଟ ଧରି ଏହି ଗୁଳି ବିନିମୟ ଚାଲିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୋଏବ ଜଣେ ଅଭ୍ୟାସଗତ ଅପରାଧୀ ଥିଲା। ୧୯୯୯ରେ ସେ ଲକ୍ଷ୍ନୌ ଜେଲର ଆରକେ ତିୱାରୀଙ୍କ ହତ୍ୟା ମାମଲରେ ଜଣେ ପ୍ରମୁଖ ଅଭିଯୁକ୍ତ ଥିଲା। ସେ ମୁକ୍ତାର ଗ୍ୟାଙ୍ଗର ସଦସ୍ୟ ଥିଲା। ସେ ଦୀର୍ଘଦିନ ଧରି ମୁକ୍ତାରଙ୍କ ଆପରାଧିକ ସିଣ୍ଡିକେଟ୍ ପାଇଁ କାମ କରୁଥିଲା। ପୁଲିସ କହିବା ଅନୁଯାୟୀ, ଏହି ହତ୍ୟାକାଣ୍ଡ ପଛରେ ଏକାଧିକ ଆକ୍ରମଣକାରୀଙ୍କ ହାତ ରହିଛି।

'ଏକ ଦେଶ-ଏକ ନିର୍ବାଚନ'କୁ ନେଇ ପୂର୍ବତନ ସିଜେଆଇଙ୍କ ଟିପ୍ପଣୀ

ସଂଘୀୟ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବନି

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚରପତି (ସିଜେଆଇ) ଜଷ୍ଟିସ୍ ବିଆର ଗଭାଇ ଗୁରୁବାର 'ଏକ ଦେଶ-ଏକ ନିର୍ବାଚନ'କୁ ନେଇ ନିଜ ମତ ରଖିଛନ୍ତି। ଯୁଗ୍ମ ସଂସଦୀୟ କମିଟି (ଜେପିସି) ବୈଠକରେ ଯୋଗଦେଇ ସେ କହିଛନ୍ତି ଯେ, ଏହା ଦ୍ୱାରା ମତଦାତାଙ୍କ ଅଧିକାର କିମ୍ବା ଦେଶର ସଂଘୀୟ ବ୍ୟବସ୍ଥା ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ଏହା ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟା କେବଳ ଥରେ ବଦଳି ଥାଏ। ତେଣୁ ଏହା କୌଣସି ସିଦ୍ଧାନ୍ତର ଉଲ୍ଲଘନ କରୁନାହିଁ। ନିର୍ବାଚନୀ ଡାଞ୍ଚା ଏବଂ ଭୋଟରଙ୍କ ଅଧିକାର ପୂର୍ବ ଭଳି ରହିବ। ତେଣୁ ସଂଶୋଧନ ସାମ୍ବିଧାନିକ। ଗଭାଇ ଯୁକ୍ତି ବାଢ଼ିଛନ୍ତି ଯେ, ସମ୍ବିଧାନ ଅନୁଯାୟୀ ନିର୍ବାଚନକୁ ଏକସାଙ୍ଗରେ କରାଇବା ପାଇଁ ଆବଶ୍ୟକ ସଂଶୋଧନ କରିବାର କ୍ଷମତା ସଂସଦ ପାଖରେ ରହିଛି। ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍, ୨୦୨୪ ସମ୍ପୂର୍ଣ୍ଣ ରୂପେ ସାମ୍ବିଧାନିକ ପରିସରରେ ରହିଛି। ବୈଠକରେ ସରକାରଙ୍କ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠିବାରୁ ସେ ସ୍ପଷ୍ଟ କରିଥିଲେ ଯେ, 'ଅନାସ୍ଥା ପ୍ରସ୍ତାବ' ଭଳି ସାମ୍ବିଧାନିକ ବ୍ୟବସ୍ଥା ପୂର୍ବପରି ଜାରି ରହିବ, ଯଦି କୌଣସି ସରକାର ବହୁମତ ହରାଇବେ, ତେବେ ତାଙ୍କୁ ପଦ ଛାଡ଼ିବାକୁ ହେବ।

ରିପୋର୍ଟ ଅନୁଯାୟୀ, ଏହି ବିଷୟରେ ଜେପିସି ତାହାର ଚୂଡ଼ାନ୍ତ ନିଷ୍ପତ୍ତିର ନିକଟତର ହୋଇଛି ଓ ମାର୍ଚ୍ଚ ସୁଦ୍ଧା ଏହାର ରିପୋର୍ଟ ଆସିପାରେ। ସେହିପରି ପୂର୍ବତନ ସିଜେଆଇ ୟୁୟୁ ଲଳିତ କହିଥିଲେ ଯେ ପ୍ରସ୍ତାବ ମୂଳ ଢାଞ୍ଚାର ବିରୋଧୀ ନୁହେଁ। କିନ୍ତୁ ନିର୍ବାଚନ କମିଶନଙ୍କୁ ସାବଧାନତାର ସହ କ୍ଷମତା ପ୍ରୟୋଗ କରିବାକୁ ପଡ଼ିବ। ପୂର୍ବତନ ସିଜେଆଇ ଜଷ୍ଟିସ ରଞ୍ଜନ ଗୋଗୋଇ ମତ ଦେଇଥିଲେ ଯେ ବିଲ୍ ସାମ୍ବିଧାନିକ ଦୃଷ୍ଟିକୋଣରୁ ମଜବୁତ। ମାତ୍ର କିଛି ନିୟମ ସ୍ପଷ୍ଟ ହେବା ଦରକାର।

ପାସ୍‌ପୋର୍ଟ ମାନ୍ୟତାରେ ୫ ସ୍ଥାନ ଉପରକୁ ଉଠିଲା ଭାରତ

୫୫ଟି ଦେଶକୁ ମିଳିବ ଭିସା ମୁକ୍ତ ପ୍ରବେଶ

ନୂଆଦିଲ୍ଲୀ, ୧୩।୨(ଏଜେନ୍ସି): ପାସ୍‌ପୋର୍ଟର ନୂତନ ମାନ୍ୟତା ଅନୁଯାୟୀ ଭାରତୀୟ ନାଗରିକମାନେ ଏବେ ୫୬ଟି ଦେଶକୁ ଭିସା ମୁକ୍ତ ଅର୍ଥାତ ଭିସା ଅନ୍ ଆରାଇଭାଲ (ପହଞ୍ଚିବା ପରେ ଭିସା) ସୁବିଧାରେ ଯାତ୍ରା କରିପାରିବେ। ଫେବୃଆରୀରେ ପ୍ରକାଶିତ ସ୍ୱତନ୍ତ୍ର 'ହେନଲେ ପାସପୋର୍ଟ ଇଣ୍ଡେକ୍ସ'ରେ ଭାରତୀୟ ପାସପୋର୍ଟ ୫ଟି ପାହାଚ ଉପରକୁ ଉଠି ତାହାର ବିଶ୍ୱସ୍ତରୀୟ ସ୍ଥିତିରେ ସୁଧାର ଆଣି ୭୫ତମ ସ୍ଥାନରେ ପହଞ୍ଚିଛି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତ ମାନ୍ୟତାର ୮୦ତମ ସ୍ଥାନରେ ରହିଥିବା ବେଳେ ୨୦୨୫ରେ ଏହା ୮୫ତମ ସ୍ଥାନରେ ଥିଲା। ମୋଟାମୋଟି ଭାବେ ଭାରତ ମାନ୍ୟତାରେ ୧୦ଟି ସ୍ଥାନ ଉପରକୁ ଉଠିଛି।

ଅପରପକ୍ଷରେ ପାକିସ୍ତାନ ମାନ୍ୟତାର ୯୮ତମ ସ୍ଥାନରେ ରହି ପାଲେଷ୍ଟାଇନ, ଉତ୍ତର କୋରିଆ ଓ ସୋମାଲିଆ ତଳେ ରହିଛି। ପାଲେଷ୍ଟାଇନ୍ ୯୧, ଉତ୍ତର

■ ପାଲେଷ୍ଟାଇନ, ଉତ୍ତର କୋରିଆ, ସୋମାଲିଆ ତଳେ ପାକିସ୍ତାନ

କୋରିଆ ୯୪ ଏବଂ ସୋମାଲିଆ ୯୬ତମ ସ୍ଥାନରେ ରହିଛି। ସିଙ୍ଗାପୁର ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ସିଙ୍ଗାପୁରର ପାସପୋର୍ଟ ଧାରି ୧୯୨ଟି ଦେଶକୁ ଭିସା-ମୁକ୍ତ ଯାତ୍ରା କରିପାରିବ। ମାନ୍ୟତାରେ ଉନ୍ନତି ଭାରତୀୟ ନାଗରିକଙ୍କ ପାଇଁ ଅଧିକ ଯାତ୍ରା ସ୍ୱାଧୀନତା ପ୍ରଦାନ କରୁଛି। ଏହାଦ୍ୱାରା ପର୍ଯ୍ୟଟନ, ବ୍ୟବସାୟ ଓ ସାଂସ୍କୃତିକ ଆଦାନ ପ୍ରଦାନ ପାଇଁ ଅନ୍ତର୍ଜାତୀୟ ଯାତ୍ରା ଅଧିକ ସୁଲଭ ହୋଇଛି। ଏସିଆ, ଆଫ୍ରିକା, କାରିବିଆନ ଓ ଓସେନିଆ ଦେଶଗୁଡ଼ିକ ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମ କୋହଳ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତ ୨୦୦୬ରେ ୭୧ତମ ସ୍ଥାନରେ ଥିଲା ଓ ଏହା ଭାରତ ପାଇଁ ଏପର୍ଯ୍ୟନ୍ତ ସର୍ବୋତ୍ତୋମ ମାନ୍ୟତା। ଗତ ଏକ ଦଶନ୍ଧିରେ ଏହି ମାନ୍ୟତାରେ ଅନେକ କରିବର୍ତ୍ତନ ହୋଇଛି।

ସାଙ୍କେତିକ ଚିତ୍ର

ପରଲୋକରେ ପୂର୍ବ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା

ଭୁବନେଶ୍ୱର,୧୩।୨(ସମିସ): ବରିଷ୍ଠ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କର ଶୁକ୍ରବାର ସକାଳୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ରାଜ୍ୟରେ ୪ ଜଣ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସହିତ ପିସିସି ସଭାପତି ଓ

ରାଜ୍ୟସଭା ସଦସ୍ୟ ଭାବରେ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଭାବରେ ଓଡ଼ିଶାରେ ରେଳ ବିକାଶ ଲାଗି ସେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ।

କାହ୍ନୁଚରଣ ୧୯୩୯ ମସିହା ମାର୍ଚ୍ଚ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଛାତ୍ର ଜୀବନରେ ସେ କଂଗ୍ରେସ ପ୍ରତି ଆକୃଷ୍ଟ ହୋଇଥିଲେ। ସେବା ଦଳର କର୍ମୀ ଭାବରେ କାର୍ଯ୍ୟ ଆରମ୍ଭ କରି ୧୯୭୧ ମସିହାରେ ଚୌଦ୍ୱାର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ଏବଂ ଜନତାଦଳର ତୁଙ୍ଗ ନେତା ବିଜୁ ପଟ୍ଟନାୟକଙ୍କୁ ହରାଇଥିଲେ। ବିଜୁବାବୁଙ୍କୁ ହରାଇଥିବାରୁ ପ୍ରଥମ ବିଧାୟକତ୍ୱରେ ତାଙ୍କୁ ମନ୍ତ୍ରୀ ପଦ ମିଳିଥିଲା। ସେହିପରି ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଶିକ୍ଷାମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୬୭ରୁ ୧୯୬୯ ସେ କଟକ ଜିଲ୍ଲା ଯୁବ କଂଗ୍ରେସର ସଭାପତି ହୋଇଥିଲେ। ସେହି ସମୟରେ ପ୍ରଦେଶ କଂଗ୍ରେସ କମିଟିକୁ ମଧ୍ୟ ମନୋନୀତ ହୋଇଥିଲେ ଓ ପରବର୍ତ୍ତୀ ସମୟରେ କଟକ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ହୋଇଥିଲେ। ୧୯୭୧, ୧୯୭୪, ୧୯୮୦ ଏବଂ ୧୯୯୫ରେ ସେ ବିଧାୟକ ଭାବରେ ଚୌଦ୍ୱାର ଆସନରୁ ନିର୍ବାଚିତ ହୋଇଥିଲେ। ୧୯୮୦ରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ସେ ରାଜସ୍ୱ ମନ୍ତ୍ରୀ ହୋଇଥିଲେ। ଏହାପରେ ୧୯୯୫ରୁ ୨୦୦୦ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଭାବରେ ଜାନକୀବଲ୍ଲଭ ପଟ୍ଟନାୟକ, ଗିରିଧର ଗମାଙ୍ଗ ଏବଂ ହେମାନନ୍ଦ ବିଶ୍ୱାଳଙ୍କ ମନ୍ତ୍ରିମଣ୍ଡଳରେ କାର୍ଯ୍ୟ କରିଥିଲେ। ସେ ୧୯୮୮ରୁ ୧୯୯୪ ରାଜ୍ୟସଭା ସଦସ୍ୟ ଥିଲେ ଏବଂ କେନ୍ଦ୍ରରେ ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ। ତାଙ୍କ ସମୟରେ ଖୋର୍ଦ୍ଧାରୋଡ଼-ବଲାଙ୍ଗିର ରେଳପଥ ମଞ୍ଜୁରୀ ଲାଭ କରିଥିଲା।

ସୂଚନାଯୋଗ୍ୟ ଯେ ଶୁକ୍ରବାର ସ୍ୱର୍ଗତଃ ଲେଙ୍କାଙ୍କ ମରଶରୀରକୁ ବିଧାନସଭାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ତାଙ୍କ ମରଶରୀର ପିସିସି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ବହୁ ବ୍ୟକ୍ତିବିଶେଷ ତାଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଶ୍ରଦ୍ଧାଞ୍ଜଳି ଜଣାଇଲେ ମୋହନ, ନବୀନ

ଶୋକବ୍ୟକ୍ତ କଲେ ଧର୍ମେନ୍ଦ୍ର, ଭକ୍ତ, ମନମୋହନ

ଭୁବନେଶ୍ୱର,୧୩।୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

ଏକ୍ସରେ ଉଲ୍ଲେଖ କରି ନିଜ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଶ୍ରଦ୍ଧାଞ୍ଜଳି ବାର୍ତ୍ତାରେ କହିଛନ୍ତି ଯେ ବିଶିଷ୍ଟ ରାଜନେତା, ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଏତଦ୍ ବ୍ୟତୀତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ମନ୍ତ୍ରୀମଣ୍ଡଳ ବହୁ ସଦସ୍ୟ, ବିଭିନ୍ନ ଦଳର ନେତୃବୃନ୍ଦ ପ୍ରମୁଖ ସ୍ୱର୍ଗତଃ ଲେଙ୍କାଙ୍କୁ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

ବୋର୍‌ୱେଲରେ ପଡ଼ି ଦେଢ଼ବର୍ଷର କନ୍ୟା ମୃତ

ପୁରୀ, ୧୩।୨ (ସମିସ): ଘର ପାଖରେ ଖେଳୁଥିବା ବେଳେ ବୋରୱେଲ୍‌ରେ ପଡ଼ି ଦେଢ଼ବର୍ଷର ଶିଶୁକନ୍ୟାର ମୃତ୍ୟୁ। ପୁରୀ ସହରର ରାୟବାହାଦୁର ଲେନ୍‌ରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁକନ୍ୟାଜଣଙ୍କ ହେଲା, ନରେନ୍ଦ୍ରକୋଣ ମଙ୍ଗଳାସାହିର ଅଜୟ ନାୟକଙ୍କ ଦେଢ଼ବର୍ଷର ଝିଅ।

ସୂଚନା ଅନୁଯାୟୀ, ଶିଶୁକନ୍ୟାଜଣଙ୍କ ମାମୁଘର ରାୟବାହାଦୁର ଲେନ୍‌କୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ସେ ତା' ଭାଇ ସହ ଖେଳୁଥିଲା। ମାମୁଘର କଡ଼କୁ ଲାଗି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟର ନୂଆ କୋଠା ପାଇଁ ବୋରୱେଲ୍ ଖୋଳାଯାଇଥିଲା। ଘର ଭିତରେ ଖେଳୁଥିବା କୁନି ଝିଅଟି ପରିବାର ସଦସ୍ୟଙ୍କ ଅଜାଣତରେ କେତେବେଳେ ଘର ବାହାରକୁ ଚାଲି ଆସିଥିଲା। ଖେଳୁଖେଳୁ ସେ ସେହି ବୋରୱେଲରେ ପଡ଼ି ଯାଇଥିଲା। କାଦୁଅ ପାଣି ଭିତରେ କିଛି ସମୟ ଭିତରେ ବୁଡ଼ିଯାଇଥିଲା। ପରିବାରଲୋକେ ବହୁ ଖୋଜାଖୋଜି କରିବା ପରେ ବୋରୱେଲରୁ ତାକୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଘର ପାଖରେ ଖେଳୁଥିବା ବେଳେ ଖସି ପଡିଥିଲେ

■ ବୋରୱେଲ ଚତୁଃପାର୍ଶ୍ୱକୁ ଆବଦ୍ଧ କରାଯାଇ ନ ଥିଲା କାହିଁକି?

ଏନେଇ କୁମ୍ଭାରପଡ଼ା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି।

ଅନ୍ୟପକ୍ଷରେ, ପରିବାରଲୋକେ ଏଥିପାଇଁ ନିର୍ମାଣାଧୀନ ସଂସ୍ଥା ଏବଂ ପ୍ରଶାସନକୁ ଦାୟୀ କରିଛନ୍ତି। ଏକ ଜନଗହଳି ଅଞ୍ଚଳରେ ଯଦି ବୋରୱେଲ ଖୋଳାଯିବାର ଆବଶ୍ୟକତା ଥିଲା, ସୁରକ୍ଷା ଦିଗ ପ୍ରତି କାହିଁକି ଅଣଦେଖା କରାଯାଇଥିଲା। ପରିବାରଲୋକ କହିଛନ୍ତି ଯେ ତିନିଦିନ ହେବ ଏହି ବୋରୱେଲ ଖୋଳାଯାଇଥିଲା। ଏହା ପୂର୍ବରୁ ସେମାନେ ଏହାର ଚାରିପାଖ ଆବଦ୍ଧ କରିବା ଲାଗି ସମ୍ପୃକ୍ତ ଠିକାସଂସ୍ଥା କର୍ମଚାରୀଙ୍କୁ ଜଣାଇଥିଲେ। ହେଲେ କେହି ଶୁଣିନଥିଲେ। ଗୁରୁବାର ସକାଳେ ମଧ୍ୟ ସମ୍ପୃକ୍ତ ପରିବାର ପକ୍ଷରୁ ଏ ସଂପର୍କରେ ଅବଗତ କରାଯାଇଥିଲା। କିନ୍ତୁ, କୌଣସି ପଦକ୍ଷେପ ନିଆ ନଯିବାରୁ ମଧ୍ୟାହ୍ନରେ ଏଭଳି ଏକ ବଡ଼ ଦୁର୍ଘଟଣା ଘଟିଲା। ଏଠାରେ ପ୍ରଶ୍ନ ଉଠୁଛି, ସମ୍ପୃକ୍ତ ପରିବାରର ଏତେବଡ଼ କ୍ଷତି ପାଇଁ ଦାୟୀ କିଏ?

ଦନ୍ତା ହାତୀ ଆକ୍ରମଣରେ ଚାଷୀ ମୃତ



ଭବାନୀପାଟଣା,୧୩।୨(ସମିସ): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣା ସଦର ବ୍ଲକ ରେଞ୍ଜ ଅନ୍ତର୍ଗତ ଚାଞ୍ଚେର ପଞ୍ଚାୟତର ପିରୁଙ୍ଗଗୁଡା ଗ୍ରାମରେ ଶୁକ୍ରବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଲୟା ମାଝୀ(୫୧)। ସେ ନିଜ ବାଡ଼ିକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ଆଗରୁ ଥିବା ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ବନ ବିଭାଗ, ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରେଞ୍ଜର ଠଣ ସୁନ୍ଦର ଧରୁଆଙ୍କ ସୂଚନାନୁଯାୟୀ, ଗୁଣ୍ଡି ସଂରକ୍ଷିତ ଜଙ୍ଗଲରେ ୨୦ ଘରିଆ ଏକ ହାତୀପଲ ଚଳପ୍ରଚଳ କରୁଛନ୍ତି। ଉକ୍ତ ହାତୀପଲରୁ ଏକ ଦନ୍ତା ଗୋଠଛଡ଼ା ହୋଇ ଲୟାଙ୍କ ବାଡ଼ିକୁ ଚାଲି ଆସିଥିଲା। ଲୟା ଶୌଚ ହେବାକୁ ଯାଇଥିବା ବେଳେ ତା' ହାବୁଡ଼ରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ଡିଏଫ୍‌ଓ ରମେଶ କୁମାର ବିଷ୍ଣୋଇଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର୍‌ଙ୍କ ସମେତ ଫରେଷ୍ଟର୍ ଭାଗବତ ବେହେରା, କିଶୋର ଚନ୍ଦ୍ର ସାହୁ, ସର୍ବେଶ୍ୱର ଗହୀର ପ୍ରମୁଖ ତଦନ୍ତ କରିଥିଲେ।

ତୋମାରଙ୍କ ଇଙ୍ଗିତ; ତେଜିଲା ଘୋଡ଼ା ବେପାର ଆଶଙ୍କା

■ ୪ର୍ଥ ଆସନକୁ ନେଇ ଏବେଠାରୁ ଆକଳନ କଷ୍ଟକର: ସମୀକ୍ଷକ

■ ଚତୁର୍ଥ ଆସନରେ ନିର୍ଣ୍ଣାୟକ ହେବ ବିଜେଡି ସୁପ୍ରିମୋଙ୍କ ନିଷ୍ପତ୍ତି

ଭୁବନେଶ୍ୱର,୧୩।୨(ସମିସ): ଆସନ୍ତା ଏପ୍ରିଲରେ ଖାଲି ହେଉଥିବା ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ନିର୍ବାଚନକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଆଲୋଚନା ଜୋର୍ ଧରିଥିବା ବେଳେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ଇଙ୍ଗିତ ଅନେକ ଗୁରୁତ୍ୱବହନ କରୁଛି। ୪ଟି ଆସନରୁ

ବିଜେପି ୩ଟି ଆସନ ଜିତିବ ବୋଲି ଶ୍ରୀ ତୋମାରଙ୍କ ଦୃଢ଼ୋକ୍ତି ଘୋଡ଼ାବେପାର ଦିଗକୁ ଇଙ୍ଗିତ କରିଛି। ସଂଖ୍ୟା ହିସାବରେ ବିଜେପି ଖାତାକୁ ୨ଟି ଆସନ ଯିବା ନିଶ୍ଚିତ ଥିବା ବେଳେ ତୃତୀୟ ଆସନ ପାଇଁ କାହା ପାଖରେ ବି ସଂଖ୍ୟା ନାହିଁ। ଏପରି ସ୍ଥିତିରେ ତୋମାର କେଉଁ ଆଧାରରେ ଆଉ ଗୋଟିଏ ଆସନ ଦଖଲ କରିବା ନିମନ୍ତେ ଆକଳନ କରିଛନ୍ତି, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଦାନା ବାନ୍ଧିଛି।

ସୂଚନାଯୋଗ୍ୟ ଯେ ୪ଟି ଆସନରୁ ୨ଟି ବିଜେପି ଜିଣିବା ଏକପ୍ରକାର ନିଶ୍ଚିତ ଥିବାବେଳେ ଗୋଟିଏ ବିଜେଡି ଖାତାକୁ ଯିବ। ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ସଂଖ୍ୟା ବଳ ନ ଥିବାରୁ ଏହାକୁ ନେଇ ସ୍ଥିତି ରୋଚକ ହେବାରେ ଲାଗିଛି। ଏପରିକି ଚତୁର୍ଥ ଆସନରେ ଜଣେ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ କରାଗଲେ ମେ ବିଜେଡିକୁ ସମର୍ଥନ ଦବାକୁ ପ୍ରସ୍ତୁତ ଅଛୁ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ମତ ରଖି ସାରିଛନ୍ତି। ସଂଖ୍ୟା ଖେଳ, ରାଜନୈତିକ ସମୀକରଣ ତଥା ଗୋଟିଚାଳନା ଦୃଷ୍ଟିରୁ ଚତୁର୍ଥ ଆସନ ହାତେଇବା କ୍ଷେତ୍ରରେ ବିଜେଡିର ପଲ୍ଲା ଭାରି ରହିଛି। ନବୀନଙ୍କ କୋର୍ଟରେ ବଲ୍ ଥିବାବେଳେ ତାଙ୍କ ନିଷ୍ପତ୍ତିକୁ ସମସ୍ତେ ଚାହିଁ ରହିଛନ୍ତି। ଏପରିସ୍ଥଳେ ବିଜେପି ଚତୁର୍ଥ ଆସନ ଜିଣିବା ନେଇ ତୋମାରଙ୍କ ଦୃଢ଼ୋକ୍ତି ଘୋଡ଼ାବେପାର ଆଡ଼କୁ ଇସାରା କରୁଛି ବୋଲି ରାଜନୈତିକ ମହଲ ମତବ୍ୟକ୍ତ କରିଛି।

ରାଜନୈତିକ ସମୀକ୍ଷକଙ୍କ ମତରେ ରାଜ୍ୟସଭା ନିର୍ବାଚନକୁ ଆହୁରି ୨ ମାସ ବାକି ଅଛି। ଚତୁର୍ଥ ଆସନକୁ ନେଇ ଏବେଠାରୁ କୌଣସି ମତ, ମନ୍ତବ୍ୟ ଦେବା କିମ୍ବା ଆକଳନ କରିବା କଷ୍ଟକର। ରାଜନୀତିରେ ନବୀନ ଜଣେ ପୋଖତ୍ ଖେଳାଳୀ ହୋଇଥିବା ବେଳେ ବିଜେପି ମଧ୍ୟ ସୁଯୋଗ ହାତଛଡ଼ା କରିବାକୁ ଚାହିଁବ ନାହିଁ। ଚତୁର୍ଥ ଆସନର ଗଣିତ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ନୂଆ ମୋଡ଼ ଦେବାର କ୍ଷମତା ରଖୁଛି। ତେଣୁ ଶ୍ରୀ ତୋମାରଙ୍କ ଦୃଢ଼ୋକ୍ତି କେବଳ ଦଳୀୟ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଆଧାରିତ। ଚତୁର୍ଥ ଆସନରେ କିଛି ବି ଘଟିପାରେ ବୋଲି ରାଜନୈତିକ ମହଲ ମତପ୍ରକାଶ କରିଛି।

ଶ୍ରୀଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଏକାଦଶୀ

ପୁରୀ,୧୩।୨(ସମିସ): ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର। ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଲିଙ୍ଗ ସର୍ବଦା ପାଣିରେ ବୁଡ଼ି ରହିଥାନ୍ତି। ଭକ୍ତମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ ଏବଂ ବର୍ଷକରେ ଏହି ଗୋଟିଏ ଦିନ

■ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କଲେ ଭକ୍ତ

■ ରବିବାର ଜାଗର ଯାତ୍ରା

ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥା'ନ୍ତି। ଶୁକ୍ରବାର ସଅଳ ନୀତିକାନ୍ତି ଯୋଗୁଁ ପଙ୍କୋଦ୍ଧାର ପରେ ସକାଳ ୯ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ଗମ୍ଭୀରା ଭିତରକୁ ଯାଇ ପ୍ରଭୁ ଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥିଲେ। ଆସନ୍ତା ରବିବାର ପୀଠରେ ମହାଶିବରାତ୍ରୀ ବା ଜାଗର ଯାତ୍ରା ଅନୁଷ୍ଠିତ ହେବ।

ପଙ୍କୋଦ୍ଧାର ଏକାଦଶୀ ନୀତି ଓ ଦର୍ଶନ ଶୃଙ୍ଖଳିତ କରିବା ଲାଗି ଗୁରୁବାର ରାତି ସାଢ଼େ ୧୨ଟାରେ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। କିନ୍ତୁ, ୨୫ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ୧୨ଟା ୫ରେ ମନ୍ଦିର ଦ୍ୱାର ଫିଟିଥିଲା। ପରେ ଠାକୁରଙ୍କ ମଙ୍ଗଳଆଳତି, ଅବକାଶ ଆଦି ନୀତି ବଢ଼ିଥିଲା। ପରେପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ବଢ଼ି ଭୋର୍ ୪ଟାରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା। ସେବାୟତମାନେ ଗମ୍ଭୀରାରୁ ପଙ୍କ ବାହାର କରିଥିଲେ। ସକାଳ ୮ଟା ସୁଦ୍ଧା ପଙ୍କୋଦ୍ଧାର ସରି ଠାକୁରଙ୍କ ମାଘସ୍ନାନ ନୀତି ବଢ଼ିଥିଲା। ଏକାଦଶୀ ଦର୍ଶନ ପରେ ସକାଳ ୯ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ରାତି ୧୧ଟା ପର୍ଯ୍ୟନ୍ତ ଶ୍ରୀଲୋକନାଥଙ୍କ ଦିବ୍ୟ ଲିଙ୍ଗ ଦର୍ଶନ କରିଥିଲେ ହଜାର ହଜାର ଭକ୍ତ। ଦର୍ଶନ ସରିବା ପରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ଅନ୍ୟାନ୍ୟ ନୀତି ବଢି ପ୍ରଭୁ ଲୋକନାଥଙ୍କ ବଡ଼ସିଂହାର ବେଶ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ବ୍ୟବସ୍ଥା ସହ ୭ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ସେବାୟତଙ୍କ ସହଯୋଗ ଫଳରେ ନୀତିକାନ୍ତି ସଅଳ ହେବାରୁ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ ହୋଇଛି ବୋଲି ଉପଜିଲ୍ଲାପାଳ ରାଜକିଶୋର ଜେନା ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଅନ୍ୟ କୌଣସି ଶୈବପୀଠ କିମ୍ବା ମନ୍ଦିରରେ ପଙ୍କୋଦ୍ଧାର ସ୍ୱତନ୍ତ୍ର ରୀତିନୀତି ନାହିଁ। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସମ୍ପୃକ୍ତ ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ମହାପ୍ରଭୁଙ୍କୁ ଭକ୍ତ ଯେଉଁ ବେଲପତ୍ର, କଦଳୀ, ଛାଚି, ଫୁଲ, ରୁପାର ଅଙ୍ଗ ଯାହା ସମର୍ପି ଦେଇଥା'ନ୍ତି, ତାହା ଗମ୍ଭୀରାରେ ବର୍ଷସାରା ରହି ପଙ୍କରେ ପରିଣତ ହୋଇଥାଏ। ଏହି ଗୋଟିଏ ଦିନ ପଙ୍କ ଉଦ୍ଧାର କରାଯାଇ ଗମ୍ଭୀରାକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଏ। ଫଳରେ ମୁଖ୍ୟ ଗମ୍ଭୀରାରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଲିଙ୍ଗ କିଛି ସମୟ ପାଇଁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପ୍ରଭୁ ଲୋକନାଥଙ୍କ ମସ୍ତକରୁ ଝରୁଥିବା ଗଙ୍ଗା ଜଳରେ ପୁନଶ୍ଚ ଗମ୍ଭୀରା ପୂର୍ଣ୍ଣ ହୋଇଥାଏ। ତେଣୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥାଏ।

ଜଳିଲା ବୃହତ୍ ଜଗତ ମଙ୍ଗଳ ଦୀପ

ପୁରୀ, ୧୩।୨(ସମିସ): ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠରେ ଜଳିଛି ଷୋଡ଼ଶତମ ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ। ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଗମ୍ଭୀରାରୁ ଦୀପ ଆସି ଏହି ବୃହତ୍ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ପରିଡ଼ା, ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ପୂର୍ବରୁ, ଏହି ବୃହତ୍ ଦୀପ ମାଟିରେ ପ୍ରସ୍ତୁତ କରାଯାଉଥିବା ବେଳେ ୨୦୨୪ ମସିହାଠାରୁ ଅଷ୍ଟଧାତୁରେ ନିର୍ମିତ ହୋଇଛି। ପ୍ରାୟ ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୩ଫୁଟ ଗଭୀର ଏହି ଦୀପରେ ଏକାଥରେ ଦେଢ କୁଇଣ୍ଟାଲ ଶୁଦ୍ଧ ଘିଅ ଜଳାଯିବ। ପେଙ୍କୋଦ୍ଧାର ଏକାଦଶୀ ସନ୍ଧ୍ୟାରୁ ମହାଶିବରାତ୍ରୀ ଜାଗର ଦିନ ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଅର୍ଥାତ୍ ୧୬ ତାରିଖ ପ୍ରତ୍ୟୁଷ ଯାଏ ଏହି ଦୀପ ଜଳାଯିବ। ୬ ଇଞ୍ଚ ଚଉଡ଼ା ଏବଂ ୧୦ ମିଟର ଲମ୍ବ ବଳିତା ଏହି ଦୀପରେ ବ୍ୟବହାର କରାଯାଇଛି। ବିଶ୍ୱଶାନ୍ତି ତଥା ଜଗତ କଲ୍ୟାଣ ପାଇଁ ଏହି ଦୀପ ପ୍ରତ୍ୟେକ ବର୍ଷ ଶ୍ରୀଲୋକନାଥଙ୍କ ପୀଠରେ ପ୍ରଜ୍ୱଳନ କରାଯାଉଥିବା ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

ନିର୍ଯାତନା ଦେଉଥିବା ପୁଅ-ବୋହୂଙ୍କୁ ଘରୁ ବେଦଖଲ କରିପାରିବେ ବାପା-ମା': ହାଇକୋର୍ଟ

କଟକ,୧୩।୨(ସମିସ): ନିଜ ଘରେ ପୁଅ ଏବଂ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ କଲ୍ୟାଣ ନିଶ୍ଚିତ କରିବା ପୁଲିସ ପ୍ରଶାସନର ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ହାଇକୋର୍ଟ। ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳ ନିବାସୀ ଦୁଇଜଣ ବରିଷ୍ଠ ନାଗରିକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ପୁଅ-ବୋହୂଙ୍କ ସହ ବିବାଦର ସମାଧାନ ନହୁଏ, ତେବେ ଆବେଦନାକରୀ ପିତାମାତା ବରିଷ୍ଠ ନାଗରିକ ଆଇନ -୨୦୦୭ ତଥା ଓଡ଼ିଶା ବରିଷ୍ଠ ନାଗରିକ ତଥା ପିତାମାତାଙ୍କ ଭରଣପୋଷଣ ନିୟମାବଳୀ-୨୦୦୯ ଅନୁଯାୟୀ ସେମାନଙ୍କୁ ନିଜ ଘରୁ ବେଦଖଲ କରିବା ପାଇଁ ପଦକ୍ଷେପ ନେଇପାରିବେ। ଏପରିକି, ଏଥିରେ ପୁଲିସ୍ ସେମାନଙ୍କୁ ସାହାଯ୍ୟ କରିପାରିବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଆରକ୍ଷୀ ଅଧୀକ୍ଷକ ମଧ୍ୟ ବରିଷ୍ଠ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା

'ବରିଷ୍ଠ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପୁଲିସର ପ୍ରାଥମିକ ଦାୟିତ୍ୱ'

ଜରୁରୀ। ସେହିଭଳି ବରିଷ୍ଠ ନାଗରିକ ଏବଂ ପିତାମାତାଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ ଅନୁଯାୟୀ, ପିତାମାତା ଯେପରି ଏକ ସ୍ୱାଭାବିକ ଜୀବନ ଅତିବାହିତ କରିବେ, ତାହା ନିଶ୍ଚିତ କରିବା ସନ୍ତାନମାନଙ୍କର ଆଇନଗତ ଦାୟିତ୍ୱ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ, ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବରିଷ୍ଠ ନାଗରିକ ଦମ୍ପତି ସେମାନଙ୍କ ପୁଅ ଓ ବୋହୂଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଜସ୍ୱ ଅର୍ଜିତ ସମ୍ପତ୍ତିରେ ନିର୍ମିତ ଘରେ ରହୁଥିଲେ ମଧ୍ୟ ସେମାନଙ୍କୁ ସେଠାରେ ଅଶାନ୍ତିର ସାମ୍ନା କରିବାକୁ ପଡୁଥିଲା। ପୂର୍ବରୁ ସେମାନେ ସ୍ପିଡ୍-ପୋଷ୍ଟ ଯୋଗେ ଥାନାକୁ ଅଭିଯୋଗ ପଠାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଯଦି କୌଣସି ଅଭିଯୋଗରୁ ଧର୍ତ୍ତବ୍ୟ ଅପରାଧର ସୂଚନା ମିଳୁଛି, ତେବେ ପୁଲିସ ତୁରନ୍ତ ମାମଲା ରୁଜୁ କରିବା ଉଚିତ ବୋଲି କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ।

ମୁରବୀ ବିହୀନ ମାନବାଧିକାର କମିସନ; ଜଣେ ମାତ୍ର ସଦସ୍ୟ

ନୂତନ ମାମଲାର ଶୁଣାଣି ବନ୍ଦ, ନ୍ୟାୟ ପାଇଁ ଲୋକେ ହନ୍ତସନ୍ତ

ଭୁବନେଶ୍ୱର,୧୩।୨(ସମିସ): ରାଜ୍ୟରେ ମାନବାଧିକାର ସ୍ଥିତି ବିଗିଡ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ପାଚିକାଙ୍କୁ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ସ୍ଥାନୀୟ ଲୋକେ ବହିଷ୍କାର କରୁଛନ୍ତି। ଏଲ୍‌ଆର୍‌ସି ଥାଇ ମଧ୍ୟ ପ୍ରଶାସନ ବସ୍ତିବାସିନ୍ଦାଙ୍କ ଘର ଭାଙ୍ଗି ଦେଉଛି। ବିଭିନ୍ନ ପୁଲିସ ଥାନା ଲୋକଙ୍କ ଏତଲା ରଖୁ ନାହାନ୍ତି; ଓଲଟା ଅତ୍ୟାଚାର କରୁଛନ୍ତି। ହାଜତମୃତ୍ୟୁ ଭଳି ଜଘନ୍ୟ କାଣ୍ଡ ସାମ୍ନାକୁ ଆସୁଛି। ପ୍ରଶାସନିକ ଅବହେଳା ଏବଂ ପୁଲିସ ଅତ୍ୟାଚାର ବିରୋଧରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ରାଜ୍ୟ ମାନବାଧିକାର କମିସନଙ୍କ ବିରୋଧରେ ଆରମ୍ଭ ହୋଇଛି ସରକାରୀ ଷଡ଼ଯନ୍ତ୍ର। ଏହି ଷଡ଼ଯନ୍ତ୍ରର ଫଳସ୍ୱରୂପ ରାଜ୍ୟ ମାନବାଧିକାର କମିସନରେ କମିସନ ଅଧ୍ୟକ୍ଷ ପଦ ସମେତ ସଦସ୍ୟ ପଦ ଖାଲି ପଡ଼ିଛି। ବିନା ଅଧ୍ୟକ୍ଷରେ ୨ଦିନ ହେବ ନୂତନ ମାମଲାର ଶୁଣାଣି ବନ୍ଦ ହୋଇଯାଇଛି। ରାଜ୍ୟ ସରକାର କମିସନଙ୍କୁ ମୁଣ୍ଡବିହୀନ କରିଦେଇଛନ୍ତି।

ରାଜ୍ୟ ମାନବାଧିକାର କମିସନ୍ ୩ ଜଣିଆ ସଦସ୍ୟ ବିଶିଷ୍ଟ ଅନୁଷ୍ଠାନ। ଏଥିରେ ଜଣେ ଅଧ୍ୟକ୍ଷ ଏବଂ ୨ଜଣ ସଦସ୍ୟ ରହିଥା'ନ୍ତି। ଗତ ୧୦ ତାରିଖରୁ ଏହି କମିସନ୍ ଏକପ୍ରକାର ପଙ୍ଗୁ ହୋଇ ଯାଇଛି। ଅଧ୍ୟକ୍ଷ ଦାୟିତ୍ୱରେ

ରାଜ୍ୟରେ ବିଗୁଡୁଛି ମାନବାଧିକାର ସ୍ଥିତି

ଶତ୍ରୁଘ୍ନ ପୂଜାରୀ ଏବଂ ସଦସ୍ୟ ଅସିମ୍ ଅଭିତାଭ ଦାସଙ୍କ ୩ ବର୍ଷିୟା କାର୍ଯ୍ୟକାଳ ଶେଷ ହୋଇଛି। ସେମାନଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କୌଣସି ନୂତନ ଅଧ୍ୟକ୍ଷ କିମ୍ବା ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ରାଜ୍ୟବାସୀଙ୍କ ମାନବାଧିକାର ସ୍ୱାର୍ଥରେ ଏହି କମିସନ୍ କାର୍ଯ୍ୟ କରୁଥିଲେ ମଧ୍ୟ ଏହି ପଦବୀ ପୂରଣ ପାଇଁ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। କିମ୍ବା ଦୁଇ ଦିନ ହେବ ଏହି ପଦବୀଗୁଡ଼ିକ ପୂରଣ ପାଇଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ।

ଅଧ୍ୟକ୍ଷ ନ ଥିଲେ କମିସନ କୌଣସି ନୂତନ ମାମଲାର ଶୁଣାଣି କରି ପାରିବେ ନାହିଁ। ଏପରିକି ଜରୁରୀକାଳୀନ ପରିସ୍ଥିତିରେ

ମଧ୍ୟ ନୂତନ ମାମଲାର ଶୁଣାଣି ହୋଇପାରୁ ନାହିଁ। ନୂତନ ଅଭିଯୋଗ ଆସିଲା କେବଳ ମାମଲା ରୁଜୁ କରାଯାଇ କମିସନ ଅଭିଯୋଗ ଫର୍ଦ୍ଦକୁ ସାଇତି ରଖୁଛନ୍ତି। ମାମଲା ଆଗକୁ ବଢି ପାରୁ ନାହିଁ। ନୂତନ ମାମଲାର ଶୁଣାଣି ନ ହେବା ଯୋଗୁଁ ରାଜ୍ୟରେ ମାନବାଧିକାର କର୍ମୀମାନେ ଆଉ ନୂଆ ଅଭିଯୋଗ କରୁ ନାହାନ୍ତି। ଜଣେ ମାନବାଧିକାର କର୍ମୀଙ୍କ କହିବା ଅନୁଯାୟୀ, ଯଦି କମିସନଙ୍କ ଶେଷ ସଦସ୍ୟଙ୍କୁ ଆକ୍ଟିଂ ଚେୟାରମ୍ୟାନ ଭାବେ ବି ରାଜ୍ୟପାଳ ଘୋଷଣା କରନ୍ତି, ତେବେ ମଧ୍ୟ ଜରୁରୀକାଳୀନ ଏବଂ ନୂତନ ମାମଲାର ଶୁଣାଣି ହୋଇପାରନ୍ତା। କିନ୍ତୁ ସେଭଳି କିଛି ନ ହେବାରୁ ଏହି ଅନୁଷ୍ଠାନ ଦୁର୍ବଳ ହେବା ସହ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ପଦବୀ ପୂରଣ ନ ହେବାକୁ ନେଇ ଏକାଧିକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କିଏ କହୁଛି ସରକାରଙ୍କ ପାଖରେ ଅର୍ଥ ନାହିଁ। ସରକାର ଦରମା ଦେଇ ପାରିବେନି ବୋଲି ଏଭଳି ନୂତନ ନିଯୁକ୍ତ କରୁ ନାହାନ୍ତି। ଆଉ କିଏ କହୁଛି, ରାଜ୍ୟ ମାନବାଧିକାର କମିସନଙ୍କ ଯୋଗୁଁ ସରକାରଙ୍କ ବିରୋଧରେ ଏକାଧିକ ମାମାଲା ଆସୁଛି। ରାୟ ସ୍ୱାର୍ଥର ବିପରୀତ ଦିଗରେ ଯାଉଛି। ଯାହାଫଳରେ ପ୍ରଶାସନିକ ଅଧିକାରୀମାନେ ଅସୁବିଧାରେ ପଡୁଛନ୍ତି। କିଛି ଅଧିକାରୀ ମାନବାଧିକାର ଉଲଙ୍ଘନ କରି ଏକଚାଟିଆ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ଏଣୁ ସରକାର ନୂତନ ନିଯୁକ୍ତି କରୁ ନାହାନ୍ତି।

ଲୋପ୍ ପାଉଛି ଗ୍ରାମ୍ୟ ଜଙ୍ଗଲ

ଶୋଇଛି ବନବିଭାଗ; ମାଲେମାଲ୍ କାଠ ମାଫିଆ

ବିଞ୍ଝାରପୁର, ୧୩।୨(ସମିସ)

ବିଞ୍ଝାରପୁର ଅଞ୍ଚଳରେ ଦିନକୁ ଦିନ ଗ୍ରାମ୍ୟ ଜଙ୍ଗଲ ଲୋପ ପାଇବାକୁ ବସିଲାଣି। ଚୋରା କାଠ ବ୍ୟବସାୟୀ ସକ୍ରିୟ ହୋଇ ଉଠିଥିବା ବେଳେ ଦିନ ଦ୍ୱିପହରେ ରାଜରାସ୍ତାରେ ଖୋଲାମେଲା ଭାବେ କାଠ ପରିବହନ ହେଉଥିବା ଦେଖିବାକୁ ମିଳୁଛି। ସବୁଠୁ ଚିନ୍ତାଜନକ କଥା ହେଲା ବିଞ୍ଝାରପୁର ଅଞ୍ଚଳର କରତକଳ ବନ୍ଦ ହୋଇଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଓ ଯାଜପୁର, କୁଆଖିଆ, ଭଦ୍ରକ ସହ ଅନ୍ୟାନ୍ୟ ସ୍ଥାନକୁ ପ୍ରତିଦିନ ୨୦ରୁ ଅଧିକ ଟ୍ରାକ୍ଟର ଓ ପିକ୍‌ଅପ୍ ଯୋଗେ ଚୋରା କାଠ ବେଧଡ଼କ ଭାବେ ଚାଲାଣ ହେଉଛି। ସ୍ଥାନୀୟ ମହଲର ଅଭିଯୋଗ ଅନୁସାରେ, ଏହା ସବୁ

ବନ ବିଭାଗ ଓ ପୁଲିସର ଜଣାତରେ ହେଉଛି। କିଛି ବର୍ଷ ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ଥିବା ଆମ୍ବତୋଟା ଓ ଗ୍ରାମ୍ୟ ଜଙ୍ଗଲ ଆଜି ପ୍ରାୟ ସମୂଳେ ନଷ୍ଟ ହେବାକୁ ବସିଲାଣି। ଜାଳେଣି କାଠର ଆଢ଼ରେ ମୂଲ୍ୟବାନ ବୃକ୍ଷ ଯଥା ସାଗୁଆନ, ଆକାଶୀ, ନିମ୍ବ, ପୁଣ୍ଡିଆ, ଗମ୍ଭାରୀ, କସି ପଣସ ଓ ଆମ୍ବ ଗଛ ଶହ ଶହ ସଂଖ୍ୟାରେ କଟାଯାଉଛି। କାଠ ମାଫିଆମାନେ ଏକ ଯୋଜନାବଦ୍ଧ ଉପାୟରେ ଗ୍ରାମ୍ୟ ଜଙ୍ଗଲ ଧ୍ୱଂସ କରୁଥିବା ବେଳେ ବନବିଭାଗର ଭୂମିକା ଉପରେ ପ୍ରଶ୍ନଚିହ୍ନ ଉଠିଛି। କେବଳ ନାମମାତ୍ର ଚେକିଂ କରାଯାଉଥିବା ଓ ମାସିକ ବଟି ନେଇ ଗାଡ଼ି ଛାଡ଼ାଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ସାରା ବିଶ୍ୱ ଯେତେବେଳେ ବୃକ୍ଷ ସୁରକ୍ଷା ଓ ପରିବେଶ ସନ୍ତୁଳନ ପାଇଁ ଚିନ୍ତା ପ୍ରକଟ କରୁଛି, ସେତେବେଳେ ବିଞ୍ଝାରପୁରରେ ଏଭଳି ଖୋଲାଖୋଲି କାଠ ଚୋରାଚାଲାଣ ଘଟଣା ଚିନ୍ତା ବଢ଼ାଇଛି। ଯଦି ଶୀଘ୍ର କଡ଼ା ପଦକ୍ଷେପ ଗ୍ରହଣ ନହୁଏ, ତେବେ ଆସନ୍ତା କିଛି ବର୍ଷରେ ଗ୍ରାମ୍ୟ ଜଙ୍ଗଲ ପୂରାପୂରି ନଷ୍ଟ ହୋଇଯିବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଶଙ୍କା ବ୍ୟକ୍ତ କରାଯାଉଛି।

ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ମଙ୍ଗଳପୁର, ୧୩।୨(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୁବକଣ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଦଶରଥପୁର ବ୍ଲକର ମଣ୍ଡଳ ସହଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ସମ୍ମାନିତ ଅତିଥି ଭାବେ ଜୟଚଣ୍ଡୀ କ୍ଲଷ୍ଟରର ସିଆର୍‌ସିସି ପ୍ରିୟରଞ୍ଜନ ଦାଶ, ସାଠିବାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିରଅଧକ୍ଷ ଜୟପ୍ରକାଶ ନାୟକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ

କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଦଶରଥପୁର ବ୍ଲକ ସଭାପତି ବିଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରବିର କୁମାର ନାୟକ, ଅଶୋକ କୁମାର ସାହୁ, ବିଭୁତି ଭୂଷଣ ରଣା, ସିଆର୍‌ସିସି ପ୍ରିୟରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ ଜୟଚଣ୍ଡୀ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଯେନା, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ସାହୁ ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ମାନେ ସହଯୋଗ କରିଥିଲେ।

ଶନିବାର ସକାଳୁଆ ସ୍କୁଲ ପାଇଁ ଦାବି

କବାଟବନ୍ଧ, ୧୩।୨(ସମିସ): ଚଳିତ ବର୍ଷ ପ୍ରବଳ ଶୀତ ଲହରୀ ପାଇଁ ଯାଜପୁର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟ ପରିବର୍ତ୍ତନ ପାଇଁ ଏକ ଆଦେଶନାମା ଜାରି କରାଯାଇଥିଲା। ମାତ୍ର ଏହାର ପୁନଃ ଅର୍ଡର ଅଦ୍ୟାବଧି ହୋଇ ପାରିଲାନାହିଁ। ଶୀତ ଋତୁରେ ପ୍ରବଳ ଥଣ୍ଡା ପରିସ୍ଥିତିକୁ ଦୃଷ୍ଟିରେ ରଖି ଛୋଟ ଛୋଟ ପିଲା ତଥା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଏବଂ ପାଠ ପଢ଼ାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଜାନୁଆରୀ ୯ ତାରିଖରେ ଚିଠି ନମ୍ବର ୫୪୦ ଅନୁଯାୟୀ ପ୍ରତ୍ୟେକ ଶନିବାର ସକାଳୁଆ ପରିବର୍ତ୍ତେ ୧୦ଟାରୁ ୪ ପର୍ଯ୍ୟନ୍ତ ସ୍କୁଲ ଚାଲୁ ରହିବା ପାଇଁ ଏକ ସମୟ ପରିବର୍ତ୍ତନ କରାଯାଇଥିଲା। ଏହାର ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଏହି ନିୟମ କାର୍ଯ୍ୟକାରୀ ହେବ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ମାତ୍ର ବର୍ତ୍ତମାନ ଗ୍ରୀଷ୍ମ ଆରମ୍ଭ ହୋଇଥିଲେ ମଧ୍ୟ ଉକ୍ତ ସମୟ ପରିବର୍ତ୍ତନ ପାଇଁ କୌଣସି ପୁନଃ ଅର୍ଡର ହୋଇନାହିଁ।

ଟମକା ଥାନାରେ ନୂଆ ଅଧିକାରୀ

ଦାନଗଦ, ୧୩।୨(ସମିସ): ଟମକା ଥାନାର ନୂତନ ଆଇଆଇସି ଭାବେ ବିନତୀ ଦାସ ଯୋଗ ଦେଇଛନ୍ତି। ତାଙ୍କୁ ଟମକା ଥାନାର ସମସ୍ତ କର୍ମଚାରୀ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସମେତ ଟମକା ଅଞ୍ଚଳର ବୃଦ୍ଧିଜୀବୀ ନେତୃମଣ୍ଡଳୀ ଭେଟି ଅଭିନନ୍ଦନ ଜଣାଇଛନ୍ତି। ସେ ପୂର୍ବରୁ ବାଲିଚନ୍ଦ୍ରପୁର ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟକରି ଆସୁଥିଲେ। ପ୍ରମୋସନ ପାଇ ପାଣିକୋଇଲି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ରହିବା ପରେ ବର୍ତ୍ତମାନ ଟମକା ଥାନାରେ ଯୋଗ ଦେଇଛନ୍ତି। ସାଧାରଣ ଲୋକଙ୍କ ସମସ୍ୟା ଓ ଟମକାରେ ମଦ କାରବାର ବନ୍ଦ କରିବାକୁ ଦୃଢ଼ ପଦକ୍ଷେପ ନେବାକୁ ସୂଚନା ଦେଇଛନ୍ତି। ଏହି ଥାନାରେ ପୂର୍ବରୁ ପ୍ରମୋଦିନୀ ସାହୁ କାର୍ଯ୍ୟ କରୁଥିଲେ। ସେ ଏବେ ଯଖପୁରା ଥାନାକୁ ବଦଳି ହୋଇଯାଇଛନ୍ତି।

ଶ୍ରମିକଙ୍କୁ ଭୋଜନ ଓ ବସ୍ତ୍ର ବଣ୍ଟନ

ପାଣିକୋଇଲି, ୧୩।୨(ସମିସ): ପାଣିକୋଇଲିସ୍ଥିତ କୃପାଳୁ ଚାରିଟି ଟ୍ରଷ୍ଟ ଆନୁକୂଲ୍ୟରେ ଆଜି ଅନୁସୂଚିତ ଜନଜାତି ଶ୍ରମିକମାନଙ୍କ ମଧ୍ୟରେ ନିଃଶୁଳ୍କ ମଧ୍ୟାହ୍ନ ଭୋଜନ ଓ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ମୁଖ୍ୟ ଅନିରୁଦ୍ଧ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ୩ ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଶ୍ରମିକ ମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରମିକ ମାନଙ୍କ ପିଲାମାନଙ୍କୁ ମଧ୍ୟ ପୋଷାକ ବିତରଣ କରାଯାଇଥିଲା। ପାଣିକୋଇଲିସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମରେ ମଧ୍ୟ ଅନ୍ତେବାସୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

୨୦ରୁ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ମଙ୍ଗଳପୁର, ୧୩।୨(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡ଼ିଆରେ ଦୁବକଣ ନେତାଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ଜିଲ୍ଲାସ୍ତରୀୟ ୧୭ତମ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ବୋଲି କ୍ଲବର ସମ୍ପାଦକ ଆରତ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି କ୍ଲବର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କ୍ଲବର ସଭ୍ୟ ନିରଞ୍ଜନ ବାରିକ, ସୁବ୍ରତ କୁମାର ଯେନା, ସୁଶାନ୍ତ ଯେନା, ବିଜୟ ରାଉତ, ଲକ୍ଷ୍ମଣ ସେଠୀ, ଆରତ ରଞ୍ଜନ ନାୟକ, ଅଜିତ ମଲ୍ଲିକ, ରଞ୍ଜିତ ପଣ୍ଡା, ଅଭିମନ୍ୟୁ ଯେନା, ସନ୍ତୋଷ ପଣ୍ଡା, ଜଗନ ପଣ୍ଡା, ବିଶ୍ୱଜିତ ପଣ୍ଡା, ଗଙ୍ଗାଧର ଯେନା, ପ୍ରିୟବ୍ରତ ବିଶ୍ୱାଳ, ମନୋଜ ବାରିକ (ପିଣ୍ଟୁ), ସୁବାସ ମଲ୍ଲିକ, ଗୋଲେଖ ବାରିକ, ପ୍ରତାପ କୁମାର ନାୟକ, ଜଳଧର ଯେନା, ଚୈତନ୍ୟ ମଲ୍ଲିକ, ଚିନ୍ମୟ ବାରିକ, କମଳା ବାରିକ, ବୁଦ୍ଧିଆ ସାହାଣୀ, ସୁରେଶ ପଲେଇ ପ୍ରମୁଖ ଯୋଗଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ଟୁର୍ନାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିବେ ବୋଲି କ୍ଲବର ବରିଷ୍ଠ ସଭ୍ୟ ପ୍ରିୟବ୍ରତ ବିଶ୍ୱାଳ ସୂଚନା ଦେଇଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିୟୋଗରେ ଶୋକ

ଯାଜପୁର, ୧୩।୨(ସମିସ): କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଅକାଳ ବିୟୋଗରେ ଯାଜପୁର କଂଗ୍ରେସ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ହୃଦ୍‌ଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶା ରାଜ୍ୟ ମନ୍ତ୍ରୀ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ମଧ୍ୟ ଦାୟିତ୍ୱ ଭାର ସମ୍ଭାଳିଥିଲେ। ସେ କେନ୍ଦ୍ରମନ୍ତ୍ରୀ ସମୟରେ ଓଡ଼ିଶା ରାଜ୍ୟରେ ରେଳ ଲାଇନର ଅଭିବୃଦ୍ଧି, ରେଳ ଷ୍ଟେସନ ଗୁଡିକର ଉନ୍ନତିକରଣ ସହିତ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ଅକାଳ ବିୟୋଗରେ ଯାଜପୁର ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କଂଗ୍ରେସ ନେତା ସୁଦିପ କର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବରିଷ୍ଠ ନେତା ଦିଗମ୍ବର କର, ଯାଜପୁର ବ୍ଲକ କଂଗ୍ରେସ ସମିତି ସଭାପତି ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ବିଭୂତି ମହାପାତ୍ର, ଭାସ୍କର ମହାନ୍ତି, ଦିଲ୍ଲୀପ ଦାସ, ରାଜୀବ ମହାପାତ୍ର, ଗୋବିନ୍ଦ ସାହୁ, ଆଲୋକ ବେହେରା, ହୃଷିକେଶ ପତି, ଅକ୍ଷୟ ଶତପଥୀ, କନକ ରାଉତ, ପ୍ରତୀମା କର, ବିଳାସ ରାଉତରାୟ, ଅରଜିତ ନାୟକ, ବିଜୟ ମହାପାତ୍ର, ରଘୁନାଥ ସାହୁ ପ୍ରଭୃତି ଶୋକବ୍ୟକ୍ତ କରିବା ସହିତ କଂଗ୍ରେସ ଦଳର ଅପୂରଣୀୟ କ୍ଷତି ହେଲା ବୋଲି ବ୍ୟକ୍ତ କରିଛନ୍ତି।

ଗ୍ରୀନ୍‌ଲାଣ୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କୟାଁଗୋଲା, ୧୩।୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଗ୍ରୀନଲାଣ୍ଡ ପବ୍ଲିକ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସର ମଧ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ନିର୍ଦ୍ଦେଶକ ସୁରଥ କୁମାର ଭୂୟାଁଙ୍କ ସଭାପତିତ୍ୱ ସଭାରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଦଶରଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର

ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ବିମଳ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନରେ ଅଧକ୍ଷା ଅଞ୍ଜନା ଜେନା, ଶିକ୍ଷୟିତ୍ରୀ ବିଶ୍ୱରୂପା ଦାସ, ପ୍ରଭାସିନୀ ନାୟକ, ଶୁଭଶ୍ରୀ ବେହେରା, ପ୍ରତୀକ୍ଷା ସାମଲ, ଶିକ୍ଷକ ରମେଶ ଜେନା, ରଜତ ଦଳାଇ, ରାଜକିଶୋର ସାହୁ, ପ୍ରଦୀପ ନାୟକ, ଚକ୍ରଧର ବିଶ୍ୱାଳଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

ଭାରସାମ୍ୟ ହରାଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ

କବାଟବନ୍ଧ, ୧୩।୨(ସମିସ): ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ନିକଟରେ ଏକ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଚାଳକ ସୁରକ୍ଷିତ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଶୁକ୍ରବାର ସକାଳ ପ୍ରାୟ ୯ଟା ବେଳେ ଲୁହା ପ୍ଲେଟ ବୋଝେଇ ୧୮ ଚକିଆ ଟ୍ରେଲର କଳିଙ୍ଗନଗର ଡୁବୁରୀ ପଟରୁ ଜାତୀୟ ରାଜପଥ ଦେଇ ଚଣ୍ଡିଖୋଲ ଆଡ଼କୁ

ଯାଉଥିଲା। ରାସ୍ତା ଖରାପ ଥିବାରୁ ଏକ ଖାଲରେ ଆଗ ଚକ ପଡ଼ିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ଗାଡ଼ିର ତେଲ ଟାଙ୍କି ସମେତ ଅନ୍ୟାନ୍ୟ ଅଂଶ ଭାଙ୍ଗିଯାଇଥିଲା। ଖରାପ ରାସ୍ତା ପାଇଁ ଏହି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ସହିତ ତୁରନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାରିବା ପାଇଁ ଦାବି କରିଛନ୍ତି।

ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଧର୍ମଶାଳା, ୧୩।୨(ସମିସ): ଜାରକାସ୍ଥିତ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆଜି

ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିର ଉଦ୍‌ଯାପନ ଉତ୍ସବରେ ଅତିଥି ଭାବେ ଭାରତୀୟ ସୁରକ୍ଷା ବାହିନୀରେ ଯୋଗ ଦେବା ନିମନ୍ତେ କୃତୀତ୍ୱ ଅର୍ଜନ କରିଥିବା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ସମ୍ମାନର ପୁରାତନ ଛାତ୍ରୀ ସୁଶ୍ରୀ ବନ୍ଦିତା ଧଳ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ 'ଆତ୍ମ ସୁରକ୍ଷା' କେବଳ ନିଜ ପାଇଁ ନୁହେଁ; ବରଂ ନିଜ ଦେଶ ପାଇଁ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ଟ୍ରେନର ସୁଶ୍ରୀ ଜ୍ୟୋସ୍ନାରାଣୀ ନନ୍ଦ ୮ ଦିନ ଧରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳର ଶିକ୍ଷା ପ୍ରଦାନ କରୁଥିଲେ। ଆତ୍ମରକ୍ଷା କୌଶଳର କାର୍ଯ୍ୟକ୍ରମ ସଂଯୋଜିକା ଡ. ସସ୍ମିତା ରାଉତରାୟଙ୍କ ସମେତ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ଦର୍ଶନ ବିଭାଗର ଅଧ୍ୟାପକ ଡ. ସୁନାକର ଦାସ, ଅଣଶିକ୍ଷକ କର୍ମଚାରୀ ଗ୍ରନ୍ଥଗାରିକା କୁଞ୍ଜଲତା ରାଉତ, ଶିକ୍ଷା ବିଭାଗ ଡେମୋନଷ୍ଟ୍ରେଟର୍ ରାଜୀବ ଲୋଚନ ରାଉତ, ଶରତ ଚନ୍ଦ୍ର ପାଣଗ୍ରାହୀ, ବୃନ୍ଦାବନ ସାହୁ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ସହାୟତା କରିଥିଲେ।

ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର

କୟାଁଗୋଲା, ୧୩।୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଶକ୍ତିଶ୍ରୀ ସଂଯୋଜିକା ଶୁଭଶ୍ରୀ ଘଡ଼ାଇଙ୍କ ନେତୃତ୍ୱରେ ଏହି ଶିବିରଟି

୩ରୁ ୧୨ ଯାଏ ଅନୁଷ୍ଠିତ ହୋଇଯାଇଛି। ଆଜି ଅଧକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, କାଦମ୍ବିନୀ ମିଶ୍ର, ଶୁଭସ୍ମିତା ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, ବ୍ରଜକିଶୋର ସାହୁଙ୍କ ସହ କୁସେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

କିଆଝର ପ୍ରିମିୟର ଲିଗ୍: ଶ୍ରଦ୍ଧା ୱାରିୟର ଚାମ୍ପିଅନ

ଦାନଗଦି, ୧୩।୨(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତ ମା' ଖଣ୍ଡୁରାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୧୯ତମ ବାର୍ଷିକ କିଆଝର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଅଛି। ୫ ଦିନ ଧରି ଚାଲିଥିବା ଏହି ଖେଳ ଉଦ୍‌ଯାପନୀ ଦିବସର ଅପରାହ୍ନରେ ଓଡ଼ିଶା ମାଇନିଂ ୱାର୍କସ ୟୁନିଅନର ସଭାପତି ସବ୍ୟସାଚୀ ବଳସାମନ୍ତ ଯୋଗଦାନ କରିଥିଲେ। ଫାଇନାଲ ଖେଳରେ

ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧା ୱାରିଅର କ୍ରିକେଟ ଟିମ୍ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ପ୍ରତିଦ୍ୱନ୍ଦି ଏସ୍‌ପି ଫାୟାରକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସନ୍ଧ୍ୟାରେ ବରିଷ୍ଠ ଶ୍ରମିକ ନେତା ଗୁଣଧର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବିଜେପି ସମ୍ପାଦକ ପ୍ରତାପ ଚନ୍ଦ୍ର ଧିର, ବରିଷ୍ଠ ବିଜେପି ନେତା ପବିତ୍ର ମୋହନ ମହାପାତ୍ର, ଓଡ଼ିଶା ମାଇନିଂ ୱାର୍କସ ୟୁନିଅନ ଉପସଭାପତି ଭାଗିରଥି ମହାକୁଡ, ସାମ୍ବାଦିକ ମଳୟ କୁମାର ରାଉତ, ଶିକ୍ଷାବିତ ସହଦେବ ମହାନ୍ତ, ବରିଷ୍ଠ ବିଜେପି ନେତା ମଧୁସୂଦନ ମହାକୁଡ, ପଞ୍ଚାୟତ ବିଜେପି ସଭାପତି ସାଲଖାନ ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ରିକେଟ କ୍ଲବର ସଭାପତି ହେମନ୍ତ କୁମାର ମହାନ୍ତ, ୱାର୍ଡ ସଭ୍ୟ ଦିଲିପ ମହାନ୍ତ, ପଦ୍ମନାଭ ମହାନ୍ତ, ଖଗେଶ୍ୱର ମହାନ୍ତ, ତ୍ରିଲୋଚନ ମହାନ୍ତ, ସୌମ୍ୟରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

'ଭିବି-ଜୀ ରାମ ଜୀ' ଯୋଜନା ସମ୍ମିଳନୀ

ଯାଜପୁର, ୧୩।୨(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକଶିତ ଭାରତ - ଜୀ -ରାମ ଜୀ' ଗ୍ରାମୀଣ ନିଯୁକ୍ତି ନୂତନ ଗ୍ୟାରେଣ୍ଟି ଯୋଜନା ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଏହି ବୈଠକରେ ଅଧକ୍ଷତା କରି 'ବିକଶିତ ଭାରତ- ଜୀ ରାମ ଜୀ'ର ସବିଶେଷ ବିବରଣୀ ଦେବା ସହ ଏହାର ବୈଧାନିକ ସଂଶୋଧନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅଧିନିୟମର ପ୍ରମୁଖ ଚାରୋଟି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମି, ରୋଜଗାର ସୃଷ୍ଟି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ମାଧ୍ୟମରେ ଗ୍ରାମୀଣ ସ୍ତରରେ ୧୨୫ ଦିନର ନିଶ୍ଚିତ ନିଯୁକ୍ତି ସୃଷ୍ଟି କରିବା ନେଇ ଯୋଜନାରେ ପ୍ରାବଧାନ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ। ଆଜିଠାରୁ ଆସନ୍ତା ଛଅ ସପ୍ତାହ ପର୍ଯ୍ୟନ୍ତ ଏହି ଅଧିନିୟମକୁ ନେଇ ଜିଲ୍ଲାର ବ୍ଲକ ଏବଂ ପଞ୍ଚାୟତସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଜନସଚେତନତା ସୃଷ୍ଟି କରାହେବ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଜନା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ସିମେଣ୍ଟ ବୋଝେଇ ହାଇୱା ଦୁର୍ଘଟଣା

ପାଣିକୋଇଲି, ୧୩।୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭାରସମ୍ୟା ହରାଇ ଏକ ସିମେଣ୍ଟ ବୋଝେଇ ହାଇୱା ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଆହତ ହୋଇଛି। ପ୍ରକାଶ ଯେ କଟକ ଟାଙ୍ଗିରୁ ସିମେଣ୍ଟ ବୋଝେଇ କରି ଏକ ହାଇୱା ଭଦ୍ରକ ଅଭିମୁଖେ ଯାଉଥିଲା। ଜାତୀୟ ରାଜପଥର ସାହାପୁର ଟ୍ରକ ଟର୍ମିନାଲ ନିକଟରେ ଉକ୍ତ ହାଇୱାଟି ଭାରସାମ୍ୟ ହରାଇ ଟ୍ରକ୍ ଟର୍ମିନାଲର ଗଛ ଉପରେ ଚଢ଼ି ଡିଭାଇଡରରେ ଚଢ଼ିଯାଇଥିଲା। ଫଳରେ ଚାଳକ ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ଅଭୟ ଭୋଇ ଆହତ ହୋଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଆହତ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ।

ସର୍ବଭାରତୀୟ ଫକୀର ଚରଣ ଜେନା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଡିସିସି ସନ୍ଥପୁରା ଚାମ୍ପିଅନ

କବାଟବନ୍ଧ, ୧୩।୨(ସମିସ)

ସର୍ବଭାରତୀୟ ଫକୀର ଚରଣ ଜେନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଡିସିସି ସନ୍ଥପୁରା (କେନ୍ଦ୍ରାପଡ଼ା) ଚାମ୍ପିଅନ ହୋଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ରେଖିଦେଇପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିବା ଏହି ସର୍ବଭାରତୀୟ ୨ୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାର ୮ ଟିମ୍ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସୁହାନି-୧୧ ୱେଷ୍ଟବେଙ୍ଗଲ ଏବଂ ଡ଼ିସିସି (ସନ୍ଥପୁରା) କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଡିସିସି କେନ୍ଦ୍ରାପଡ଼ା ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତି ନେଇ ଇନିଂସ ଆରମ୍ଭ କରିଥିଲା। ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ବିନିମୟରେ ୨୧୭ ରନସଂଗ୍ରହ କରିଥିଲା। ଦଳର ସୌଭାଗ୍ୟ ସାହୁଙ୍କ

୨୦ ବଲରୁ ୫୯ ରନର ଏକ ଧୂଆଁଧାର ବ୍ୟାଟିଂ ଇନିଂସ ଏବଂ ଦଳର ଚମତ୍କାର ବୋଲର ପରେସ ସାମଲଙ୍କ ୪ ଓଭର ବୋଲିଂରେ ମାତ୍ର ୩୩ ରନ ବିନିମୟରେ ୨ ୱିକେଟ ଅକ୍ତିଆର କରିବା ଦଳକୁ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲା। ଦ୍ୱିତୀୟ ଇନିଂସରେ ପ୍ରତିଦ୍ୱନ୍ଦି ଟିମ ସୁହାନି ଇଲେଭେନ ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ହରାଇ ମାତ୍ର ୨୦୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଦଳର ବୁବୁନା ରାଜ ୪ ଓଭର ବୋଲିଂ କରି ୨୦ ରନ ବ୍ୟୟ କରି ୩ ୱିକେଟ ଅକ୍ତିଆର କରିଥିଲେ। ଡିସିସି କେନ୍ଦ୍ରାପଡ଼ାର ସୌଭାଗ୍ୟ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ଚିନ୍ତାରକ ପରିଡ଼ା ମ୍ୟାନ ଅଫ୍ ଦି ସିରିଜ୍ ହୋଇଥିଲେ। ଉଦଯାପନୀ ଦିବସରେ ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସମାଜସେବୀ ଅରୁଣ ପରିଡ଼ା, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ଅଧ୍ୟାପକ ବିଜୟ କୁମାର ଦାଶ, ସମାଜସେବୀ ମାନସ କୁମାର ବାରିକ, ସନାତନ ମଲ୍ଲିକ, ବଳରାମ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ପକ୍ଷରୁ ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଜେନା, ସୁନୀଲ ବାରିକ, ମାୟାଧର ଦାସ, ଶିବୁନ ମଲ୍ଲ, ତ୍ରିଲୋଚନ ଜେନା, ଦିପୁ ପରିଡ଼ା, ଶ୍ରୀକାନ୍ତ ରାଉତ, ବୁବୁନା ପରିଡ଼ା, ପ୍ରକାଶ ମଲ୍ଲ ସହିତ ଅନ୍ୟ ମାନେ ସହଯୋଗ କରିଥିଲେ। ଭାଷ୍ୟକାର ତରଣୀସେନ ପ୍ରଧାନ ଏବଂ ରାକେଶ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟାର ଜିକ୍‌ଜାକ ବସନ୍ତ ଏବଂ ସଞ୍ଜୟ ବଳ ଖେଳ ପରିଚାଳନା କରିଥିଲେ।

ଘରେ ପଶି ଟଙ୍କା, ସୁନା ଗହଣା ଲୁଟ୍

କୁଆଖିଆ, ୧୩।୨(ସମିସ): ଯାଜପୁର ସଦର ବରୁହାଁ ଥାନା ଅନ୍ତର୍ଗତ ବେଣିପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋର ମାନେ କଳାକନା ବୁଲାଇ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୧୧ ତାରିଖରେ ବେଣିପୁର ଗ୍ରାମର ଧନେଶ୍ୱର ମଳିକ (୨୬) ଓ ତାଙ୍କ ସ୍ତ୍ରୀ କାବେରୀ ମଳିକଙ୍କୁ ଧରି ରସୁଲପୁର ସ୍ଥିତ ଶଶୁର ଘରକୁ ବୁଲି ଯାଇଥିବା ବେଳେ ଧନେଶ୍ୱରଙ୍କ ବାପା ବିଦ୍ୟାଧର ମଳିକ ଘର ଜଗି ଖାଇ ଶୋଇଥିଲେ। ଗତକାଲି ରାତି ୩ଟା ସମୟରେ ବିଦ୍ୟାଧର ରାତିରେ ବାହାରକୁ ଉଠିବା ସମୟରେ ଧନେଶ୍ୱରଙ୍କ ରୁମ କବାଟ ଖୋଲାଥିବା ଏବଂ ଘର ବାହାରେ ଲୁଗାପଟା, ଆସବାବପତ୍ର ପଡ଼ିଥିବା ଦେଖିବାକୁ ପାଇ ଘର ଭିତରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପୁଅ ଧନେଶ୍ୱରଙ୍କୁ ଫୋନ କରି ଜଣାଇବା ପରେ ଧନେଶ୍ୱର ଗାଁକୁ ଆସି ଖୋଜାଖୋଜି କରିବା ପରେ ଘର ଠାରୁ ୫୦୦ ମିଟର ଦୂରରେ ଥିବା ଏକ ଏଲ୍ଆଇ ପଏଣ୍ଟ ଘର ନିକଟରେ ପଡ଼ିଥିବା ଆଟାଚି, ବାକ୍ସ ଏବଂ ଗହଣା ବାକ୍ସ, ମନିପର୍ସ, ଲୁଗା ଦେଖିବାକୁ ପାଇଥିଲେ। ଧନେଶ୍ୱରଙ୍କ କହିବା ଅନୁଯାୟୀ ଗ୍ରୁପରୁ ଲୋନ ଆଣିଥିବା ୧ ଲକ୍ଷ ଟଙ୍କା ସହ ସ୍ତ୍ରୀର ଗୋଟିଏ ମଙ୍ଗଳସୂତ୍ର, କାନଫୁଲ ୧ହଳ, ସୁନା ସାଙ୍ଖୀ ୧୨, ଉପର କାନଫୁଲ ୩ ହଳ ଚୋରି ହୋଇଯାଇଛି। ଘଟଣା ସମ୍ପର୍କରେ ଧନେଶ୍ୱର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସନ୍ଧାନୀ କୁକୁର ସହାୟତାରେ ଛାନବିନ କରିଥିଲେ ହେଁ ଲୁଟେରାଙ୍କ ସନ୍ଧାନ ପାଇ ପାରି ନଥିବା ଜଣା ପଡ଼ିଛି।

ଯୁବକକୁ ଆକ୍ରମଣ ଘଟଣାରେ ଦମ୍ପତି ଗିରଫ

ଧର୍ମଶାଳା, ୧୩।୨(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଗତକାଲି ସନ୍ଧ୍ୟାରେ ଯୁବକକୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ନେଉଳପୁର ଗ୍ରାମର ବିଜୟ ରାଉଳ ଓ ତାଙ୍କ ପଡୋଶୀ ବିଷ୍ଣୁ ରାଉଳଙ୍କ ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ଗତକାଲି ସନ୍ଧ୍ୟାରେ ଉଭୟ ପରିବାର ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ପଡୋଶୀ ବିଷ୍ଣୁ ରାଉଳ ପରିବାର ଲୋକେ ଧାରୁଆ ଅସ୍ତ୍ରରେ ବିଜୟ ରାଉଳକୁ ଆକ୍ରମଣ କରିବାରୁ ତାର ମୁଣ୍ଡ ଓ ହାତରେ ଗଭିର ଆଘାତ ଲାଗିଥିଲା। ପରିବାର ଲୋକେ ତାକୁ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ତାକୁ ଭୁବନେଶ୍ୱର ହାଇଟେକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଏବେବି ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ଏନେଇ ବିଜୟର ପରିବାର ପକ୍ଷରୁ ଗତକାଲି ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ୫୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ପୁଲିସ ବିଜୟର ପଡୋଶୀ ଅଭିଯୁକ୍ତ ବିଷ୍ଣୁ ରାଉଳ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ଫର୍ଣ୍ଣିଚର ଦୋକାନ ପକ୍ଷରୁ ଲକି ଡ୍ର' ଉଠାଣ

ଯାଜପୁର ଟାଉନ, ୧୩।୨(ସମିସ): ଯାଜପୁର ଭବାନୀଗଞ୍ଜ ସ୍ଥିତ ମା' ଶାରଳା ଫର୍ଣ୍ଣିଚର ଆଣ୍ଡ ଇଲେକଟ୍ରୋନିକ୍ସ ପକ୍ଷରୁ ଲକି ଡ୍ର' ଉଠାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା ବିଶିଷ୍ଟ ନାଟ୍ୟକାର ଡ. ଦୀପକ ଜେନା ଯୋଗ ଦେଇ ଲଟେରି ଉଠାଣ କରିଥି?ଲେ। ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ଯୁବ ବ୍ୟବସାୟୀ ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ଗ୍ରାହକମାନେ ସାମଗ୍ରୀ କ୍ରୟ କରି ପାଇଥିବା ଟୋକାନର ଲକି ଡ୍ର'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକି ଡ୍ରରେ ଉତ୍ତରକୂଳ ଅଞ୍ଚଳର ମମିତା ମଳିକ ପ୍ରଥମ ପ୍ରାଇଜ ବ୍ୟାଟେରୀ ସ୍କୁଟର ଜିତିଥିବା ବେଳେ ପ୍ରିତିପୁର ଅଞ୍ଚଳର ବିଜ୍ଞାନମୋହନ ବାରିକ ଦ୍ୱିତୀୟ ପ୍ରାଇଜ ୪୩ ଇଞ୍ଚ ଟିଭି, ମନୋଜ କୁମାର ମଲ୍ଲିକ ତୃତୀୟ ପ୍ରାଇଜ ଫ୍ରିଜ, ନହରପଦା ଅଞ୍ଚଳର ଶରତ ସାହୁ ଚତୁର୍ଥ ପ୍ରାଇଜ ୱାସିଙ୍ଗ ମେସିନ ଜିତିଥିଲେ ବୋଲି ମା' ଶାରଳା ଫର୍ଣ୍ଣିଚର ଯାଜପୁର ଶାଖା ପରିଚାଳକ ଶିଶିର କୁମାର ସାହୁ ଓ ମଙ୍ଗଳପୁର ଶାଖା ପରିଚାଳକ ଶରତ କୁମାର ସାହୁ ସୂଚନା ଦେଇଛନ୍ତି।

ଶିକ୍ଷାବିତ୍ କାମିନୀ ନାୟକ ସମ୍ବର୍ଦ୍ଧିତ

ବଡ଼ଚଣା, ୧୩।୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସ୍ଥିତ ହୋଲି ଜେସସ୍ ପବ୍ଲିକ ସ୍କୁଲର ଅଧକ୍ଷା କାମିନୀ ନାୟକଙ୍କୁ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନଠାରେ ଆୟୋଜିତ ୩୩ତମ ମହିଳା ଆୟୋଗ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ସୁଶ୍ରୀ କାମିନୀ ନାୟକଙ୍କୁ ମାନପତ୍ର, ଉପଢୌକନ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ। ଏଥି ପାଇଁ ସୁଶ୍ରୀ କାମିନୀ ନାୟକଙ୍କୁ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବ୍ୟାସନଗର ଷ୍ଟାଡିୟମ ଟେଣ୍ଡର ବାତିଲ

ଆତ୍ମାହୁତି ଧମକ ଦେଇ କ୍ରୀଡ଼ାବିତ୍ ଅଟକ!

ଯାଜପୁର, ୧୩।୨(ସମିସ)

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଥର ପାଇଁ ବ୍ୟାସନଗର ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ସହରର ଅନେକ ବିକାଶ ମୂଳକ କାର୍ଯ୍ୟ ହେବ ବୋଲି ଶାସକ ଦଳ ପକ୍ଷରୁ ପ୍ରଚାର କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାଳରେ ସେ ଏନସି ହାଇସ୍କୁଲର ପାଟିନମ ଜୁବଲି ଉତ୍ସବରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ପୂର୍ବରୁ ସହରର ବହୁ ପ୍ରତିକ୍ଷିତ ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମ ଟେଣ୍ଡରକୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହଠାତ୍ ବାତିଲ କରିଦେବା ଘଟଣାକୁ ସହରବାସୀ ଗ୍ରହଣ କରିପାରିନାହାଁନ୍ତି। ସହରବାସୀ ବିଶେଷ କରି କ୍ରୀଡ଼ାବିତ୍ ଏବଂ କ୍ରୀଡ଼ାପ୍ରେମୀଙ୍କ ମନରେ ଗଭୀର ଆଘାତ ଲାଗିଛି। ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଉଥିବା ବେଳେ ବ୍ୟାସନଗରରେ ଏହା ଓଲଟା ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମକୁ ନୂତନ ରୂପ ଦେବାକୁ ପୂର୍ବ ସରକାର ଘୋଷଣା କରିଥିଲେ। ସାଧାରଣ ନିର୍ବାଚନ ପରେ ଏନେଇ ବିଧିବଦ୍ଧ ଟେଣ୍ଡର ହେବା ପରେ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। କିନ୍ତୁ ଆଜି ହଠାତ୍ ସେହି ଟେଣ୍ଡର ବାତିଲ ହେବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଷ୍ଟାଡିୟମରେ ଅଭ୍ୟାସ କରି ଅନେକ ଆନ୍ତର୍ଜାତୀୟ ଆଥଲେଟ୍ ସୃଷ୍ଟି ହୋଇଥିବା ବେଳେ ଏହି ଷ୍ଟାଡିୟମକୁ ଅଣଦେଖା କରିବା ଘଟଣାକୁ କ୍ରୀଡ଼ାବିତ ବଜ୍ର ବାହୁ ସୀମାନ୍ତ କେଶରୀ ସାମଲ ନିନ୍ଦା କରିଛନ୍ତି। ବଜ୍ରବାହୁ ଜଣେ ଆନ୍ତର୍ଜାତୀୟ ଆଥଲେଟ୍ ହୋଇଥିବା ବେଳେ ପୂର୍ବ ବିଜେଡି ସରକାର ସମୟରେ ଷ୍ଟାଡିୟମ ପାଇଁ ସେ ପଦଯାତ୍ରା କରିବା ପରେ ଏଥିପାଇଁ ଅର୍ଥମଞ୍ଜୁର କରାଯାଇଥିଲା। କିନ୍ତୁ ଆଜି ଉକ୍ତ ଟେଣ୍ଡର ବାତିଲ ହେବା ପରେ ବିଧାୟକ ଆକାଶ ଦାସ ନାୟକଙ୍କୁ ଟାର୍ଗେଟ କରି ବଜ୍ରବାହୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଥିଲେ। ବଜ୍ରବାହୁଙ୍କ ଏଭଳି ପୋଷ୍ଟ ଆଜି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ରାଜ୍ୟ ସରକାରଙ୍କ ଏଭଳି ଟେଣ୍ଡର ବାତିଲ ନିଷ୍ପତିକୁ ସହରବାସୀ ତୀବ୍ର ନିନ୍ଦା କରିଛନ୍ତି। ଷ୍ଟାଡିୟମର ଉନ୍ନତୀକରଣ ପାଇଁ ମୋଟ ୧୯ କୋଟି ୪୧ ଲକ୍ଷ ୩୦ ହଜାର ୧୩୮ ଟଙ୍କାର ଟେଣ୍ଡର ଡାକିଥିଲେ ଏବଂ ଅନ୍ୟ ଏକ ଟେଣ୍ଡର ପ୍ରାୟ ୨୩ କୋଟି ୯୫ ଲକ୍ଷ ୩୧ ହଜାର ହେବା ନେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ବ୍ୟାସନଗର ଷ୍ଟାଡିୟମର ଉନ୍ନତୀକରଣ ପାଇଁ ଓଡ଼ିଶା ସରକାରଙ୍କ ମୁଖ୍ୟଯନ୍ତ୍ରୀ (ପୂର୍ତ୍ତ ବିଭାଗ) ତରଫରୁ ଇ- ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୪ ଜଣ କଣ୍ଟ୍ରାକ୍ଟର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଓଡ଼ିଶାର ସ୍ମୃତି ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡକୁ ଅଭିଜ୍ଞତା ନଥିବା ଦର୍ଶାଇ ଅଯୋଗ୍ୟ ଘୋଷିତ କରାଯାଇଥିଲା। ନିୟମ ଅନୁଯାୟୀ ସର୍ବନିମ୍ନ ବିଡର ହିସାବରେ ହାଇଦରାବାଦର ଗ୍ରେଟ ସ୍ପୋର୍ଟ୍ସ ଟେକ୍ ଲିମିଟେଡକୁ କାମଟି ମିଳିବା କଥା। କିନ୍ତୁ ତାହା ନକରି ସରକାର ଟେଣ୍ଡର ପ୍ରକ୍ରିୟାକୁ କାର୍ଯ୍ୟାଳୟ ଚିଠି ନଂ-୪୫୮୨ ତା ୧୦-୨-୨୦୨୬ ରିଖରେ ବାତିଲ କରିଦେଲେ। ଯାହାକୁ ନେଇ ଗତ ଗୁରୁବାର ସନ୍ଧ୍ୟାରେ ବିଶିଷ୍ଟ ଆନ୍ତର୍ଜାତୀୟ ଆଥଲେଟ୍ ବଜ୍ରବାହୁ ଏହାକୁ ବିରୋଧ କରିବା ସହିତ ବିଧାୟକଙ୍କ ଅପାରଗତା ଯୋଗୁଁ ଏପରି ହୋଇଥିବା ସାମାଜିକ ଗଣମାଧ୍ୟମରେ ମନ୍ତବ୍ୟ ଦେଇଥିଲେ। ଏହା ସହିତ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟାସନଗର ଗସ୍ତ ସମୟରେ ସେ ଓ ତାଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଏବଂ ତାଙ୍କ ପିତାମାତା ବ୍ୟାସନଗର ପ୍ରତି ଏପରି ଅବିଚାର ବିରୋଧରେ ଆନ୍ଦୋଳନ ଏପରିକି ଆତ୍ମାହୁତି ଧମକ ଦେଇଥିଲେ। ତେବେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କିଛି ଅଘଟଣ ଆଶଙ୍କା କରି ଶୁକ୍ରବାର ସନ୍ଧ୍ୟାରେ ଯାଜପୁର ରୋଡ୍ ପୁଲିସ ତାଙ୍କୁ ଗିରଫ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ତେବେ ଏନେଇ ବଜ୍ରବାହୁଙ୍କ ସହିତ ଯୋଗାଯୋଗ କରିବାରୁ ତାଙ୍କୁ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ପକ୍ଷରୁ ହାଜର ହେବାକୁ ନିର୍ଦ୍ଦେଶ ଆସିଥିବା ଏବଂ ମୁଖ୍ୟମନ୍ତ୍ରୀ ଗସ୍ତ ଶେଷ ପର୍ଯ୍ୟନ୍ତ ବଜ୍ରବାହୁ ଏକପ୍ରକାର ଥାନାରେ ଅଟକ ରହିବେ ବୋଲି ସେ ସୂଚନା ଦେଇଛନ୍ତି।

ମାଟ୍ରିକ ପରିକ୍ଷା ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର, ୧୩।୨(ସମିସ): ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୫୧ଟି ପରୀକ୍ଷାକେନ୍ଦ୍ରର କେନ୍ଦ୍ର ପରିଚାଳକ, ପର୍ଯ୍ୟବେକ୍ଷକ, ପ୍ରଶ୍ନପତ୍ର ପ୍ରେରଣ ସଦସ୍ୟ ଓ ୧୦ଟି ନୋଡାଲ ସେଣ୍ଟରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ଏସଓଏସ୍‌ସି (୧ମ) ପରୀକ୍ଷା ଆସନ୍ତା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଉପସ୍ଥିତ ରହି ଜିଲ୍ଲାରେ ମାଟ୍ରିକ ପରୀକ୍ଷା କିପରି ସ୍ୱଚ୍ଛ ଓ ଶୃଙ୍ଖଳାର ସହ ସମ୍ପାଦିତ ହେବ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। କୌଣସି ପ୍ରକାର ବିଶୃଙ୍ଖଳା ଦେଖାଗଲେ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀ ଉପରେ ସମ୍ପୂର୍ଣ୍ଣ ଆଲୋଚନା କରିବା ସହ ପରୀକ୍ଷା ପରିଚାଳନା କରିବାରେ ସମ୍ପୃକ୍ତ ଥିବା କର୍ମଚାରମାନେ ସେମାନଙ୍କ ଦାୟିତ୍ୱକୁ ସଠିକ ଢଙ୍ଗରେ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ପରୀକ୍ଷା ସମ୍ବନ୍ଧୀୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଜିଲ୍ଲାରେ ହୋଇଥିବା ନୋଡାଲ ସେଣ୍ଟର, ପରୀକ୍ଷା କେନ୍ଦ୍ର, ସ୍କ୍ୱାଡ୍ ସଦସ୍ୟ ଗଠନ ତଥା ପରୀକ୍ଷା ସୁପରିଚାଳନା ବିଷୟରେ ଆଲୋକପାତ କରିଥିଲେ ଏବଂ ପରୀକ୍ଷାର ସମୟ ନିର୍ଘଣ୍ଟ ସହ ପରୀକ୍ଷା କେନ୍ଦ୍ରରେ କିପରି ସୁଚାରୁ ରୂପେ ପରୀକ୍ଷା ହେବ ମତପୋଷଣ କରିଥିଲେ।

୧୯ କେନ୍ଦ୍ରରେ ପରୀକ୍ଷା ଦେବେ ୩୪୧୬ ଛାତ୍ରଛାତ୍ରୀ

ଧର୍ମଶାଳା, ୧୩।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲରେ ଚଳିତ ଥର ୧୯ଟି ସେଣ୍ଟରରେ ୩୪୧୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ। ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ରେଗୁଲାର ୩୦୯୫ ଜଣ, ଏସ୍ଓଏସଇ ୧୪୩ ଜଣ ଓ ମଧ୍ୟମା ୧୭୮ ଜଣ ମୋଟ ୩୪୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଛି। ରେଖିଦେଇପୁର ହାସ୍କୁଲରେ ୧୪୯, କବାଟବନ୍ଧ ହାଇସ୍କୁଲରେ ୧୭୫, ଜେନାପୁର ହାଇସ୍କୁଲ ୧୮୧ଜଣ, କମାଗଡ଼ ହାଇସ୍କୁଲରେ ୧୪୮ ରେଗୁଲାର ଓ ୪୦ ଜଣ ମଧ୍ୟମା ମୋଟ ୧୮୮ଜଣ, ବାଟିଯୋଡା ହାଇସ୍କୁଲରେ ୧୪୭, ମୁରାରୀପୁର ହାଇସ୍କୁଲରେ ୧୩୬, ଜାରକା ହାଇସ୍କୁଲରେ ୧୭୫, ଧର୍ମଶାଳା ବାଣୀପୀଠରେ ୧୫୯ଜଣ, ମିର୍ଜାପୁର ହାଇସ୍କୁଲରେ ୨୬୪ଜଣ, କୋଟପୁର ହାଇସ୍କୁଲରେ ୧୭୯ଜଣ ରେଗୁଲାର ଓ ୧୧୫ଜଣ ମଧ୍ୟମା ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ନହଙ୍ଗାପାଟଣା ହାଇସ୍କୁଲରେ ୨୦୮ଜଣ, କାଏମା ୧୭୪, ନେଉଳପୁର ହାଇସ୍କୁଲରେ ୧୩୧ଜଣ ବଳରାମପୁରଗଡ଼ ହାଇସ୍କୁଲରେ ୧୯୭ଜଣ, ବାଲିସାହି ହାଇସ୍କୁଲରେ ୧୯୧ଜଣ, ଆରୁହା ହାଇସ୍କୁଲରେ ୧୫୯ଜଣ, ମଧୁପୁରଗଡ଼ ହାଇସ୍କୁଲରେ ୧୬୫ଜଣ ଓ ମଧ୍ୟମା ୨୩ଜଣ, ଦୌଲତପୁର ହାଇସ୍କୁଲ ୧୫୬ଜଣ, ଅଚ୍ୟୁତପୁର ହାଇସ୍କୁଲରେ ଏସ୍ଓଏସିର ୧୪୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଧର୍ମଶାଳା ବାଣୀପୀଠକୁ ହବ୍ ସେଣ୍ଟର କରାଯାଇଛି।

ବିଜୟଙ୍କୁ କରୋନା ଦେଇଛି ସଫେଇବାଲା ପରିଚୟ

କର୍ଯ୍ୟାଁଗୋଲା, ୧୩।୨(ସମିସ): କରୋନା ପ୍ରଭାବରେ ଅନେକ ବ୍ୟକ୍ତିଙ୍କ ଜୀବନ ଓ ଜୀବିକା ପରିବର୍ତ୍ତନ ହୋଇ ନୂଆ ପରିଚୟ ସୃଷ୍ଟି ହୋଇଛି। ଏଭଳି ଜଣେ ବ୍ୟକ୍ତି ହେଲେ ଦଶରଥପୁର ବ୍ଲକ ଅନ୍ତର୍ଗତ ଜାଫରପୁର ପଞ୍ଚାୟତର ବିଜୟ କୁମାର ମଳିକ। ସେ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଶ୍ରମିକ ଭାବେ ଦାଦନ ଖଟିବାକୁ ଯାଇଥିଲେ। ମାତ୍ର କରୋନା ମହାମାରୀ ଯୋଗୁଁ କଳ କାରଖାନା ବନ୍ଦ ହେବାରୁ ଅନ୍ୟ ଉପାୟ ନ ପାଇ ନିଜ ଭିଟାମାଟିକୁ ଫେରି ଆସିଥିଲେ ବିଜୟ। ସେହି ସମୟରେ ସଫେଇକୁ ଗୁରୁତ୍ୱ ଦିଆଯାଉଥିବା ଦେଖି ନିଜ ଗାଁକୁ ସଫା କରିବା ଆରମ୍ଭ କରିଥିଲେ। ଏପରିକି ଏକ ଟ୍ରଲି କିଣି 'ସ୍ୱଚ୍ଛ ଭାରତ ଗରିବରଥ' ନାମ ଦେବା ସହିତ ଗାଁରୁ ଗାଁ ବୁଲି ପ୍ରତ୍ୟେକ ଦିନ ଅଳିଆ ଆବର୍ଜନା ସଂଗ୍ରହ କରିଥିଲେ। ଏଥିପାଇଁ ଜାଫରପୁର ପଞ୍ଚାୟତ ତରଫରୁ ବିଜୟଙ୍କୁ ଅଳିଆ ବୁହା ଟ୍ରଲି ଦିଆଯାଇଛି। ଏହି କାର୍ଯ୍ୟକୁ ପ୍ରଥମେ କିଛି ବ୍ୟକ୍ତି ନାପସନ୍ଦ କରିଥିଲେ ମଧ ପରେ ଏହାକୁ ପ୍ରଶଂସା କରୁଛନ୍ତି। ପ୍ରତିଦିନ ସଫା କଲାବେଳେ ବ୍ୟବହୃତ ପ୍ଲାଷ୍ଟିକ ଓ କାଚ ବୋତଲ, ଜରି ଓ ଅନ୍ୟାନ୍ୟ ସାମଗ୍ରୀକୁ ସଂଗ୍ରହ କରି ଗୋଟିଏ ଜାଗାରେ ସାଇତି ରଖୁଛନ୍ତି। ସେହି ଗଚ୍ଛିତ ଅଳିଆକୁ କବାଡିବାଲା ବ୍ୟବସାୟୀଙ୍କୁ ବିକ୍ରି କରି ବିଜୟ ଭଲ ଦୁଇ ପଇସା ପାଇ ସେହି ଅର୍ଥରେ ପରିବାର ପ୍ରତିପୋଷଣ କରୁଛନ୍ତି। ବିଜୟଙ୍କ ଦୁଇ ପୁଅ ସ୍ତ୍ରୀଙ୍କୁ ନେଇ ତେଲ ଲୁଣ ସଂସାର। ବିଜୟଙ୍କ ଏଭଳି ଉଦ୍ୟମ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି।



ସୁପୋଷଣ ଓଡ଼ିଶା ମିଶନର ପ୍ରଶିକ୍ଷଣ ଶିବିର

ଯାଜପୁର, ୧୩।୨(ସମିସ): ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁପୋଷଣ ଓଡ଼ିଶା ମିଶନର ପ୍ରଶିକ୍ଷଣ ଶିବିର ସଫଳତା ସହ ଆୟୋଜନ ହୋଇଛି। ରାଜ୍ୟସ୍ତରୀୟ ପ୍ରଶିକ୍ଷକ ହୃଦୟ ପ୍ରଦୀପ ଏହି ସୁପୋଷଣ ଓଡ଼ିଶା ମିଶନର ଲକ୍ଷ୍ୟ ବିଷୟରେ ଆଲୋକପାତ କରିବା ସହ ଏହା କିପରି ହାସଲ କରାଯାଇପାରିବ, ସେ ବିଷୟରେ ତାଲିମ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସାହୁ ଯାଜପୁର ତଥା ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରୁ ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସୁପୋଷିତ କେନ୍ଦ୍ର କରିବାକୁ ଆହ୍ୱାନ ଦେଇଥିଲେ। ୨୦୨୬ ମସିହାରେ ଶତକଡା ୮୦ ପ୍ରତିଶତ କେନ୍ଦ୍ରକୁ ସୁପୋଷଣ କେନ୍ଦ୍ର କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜିଲ୍ଲାର ସମସ୍ତ ପ୍ରକଳ୍ପ ଶିଶୁ ବିକାଶ ଅଧିକାରୀ, ମହିଳା ସୁପରଭାଇଜର, ବ୍ଲକ ପୋଷଣ ସଂଯୋଜକ, ସୁଭଦ୍ରା ହେଲ୍ପ ଡେସ୍କ, ଅଙ୍ଗନବାଡି କର୍ମୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ସୁନନ୍ଦା ଦାସ, ସରୋଜିନୀ ଦାସ, ଲିଲି ଗଗରାଇ ଏବଂ ଜିଲ୍ଲା ସଂଯୋଜକ ରଜନୀଶ ଜେନା, ସହାୟକ ଲକ୍ଷ୍ମୀପ୍ରିୟା ବାରିକ ଉପସ୍ଥିତ ଥିଲେ।

ବ୍ୟବସାୟୀଙ୍କ ପରଲୋକ

ସିଂହପୁର, ୧୩।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବରିଷ୍ଠ ବ୍ୟବସାୟୀ ରତ୍ନାକର ସାହୁଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ସିଂହପୁର ବଜାରରେ ବ୍ୟବସାୟ କରୁଥିଲେ। ତାଙ୍କ ଅକାଳ ବିୟୋଗରେ ସିଂହପୁର ସମେତ ନିଜ ଗ୍ରାମ ନଛିପୁର୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସିଂହପୁର ବଜାର ସମେତ ଗ୍ରାମ ପରିକ୍ରମା କରାଯାଇ ନିଜ ଗ୍ରାମ ନଛିପୁ ରେ ଅନ୍ତିମ ସତ୍କାର କରଯାଇଥିଲା। ତାଙ୍କ ପରଲୋକ ସମ୍ମାନାର୍ଥେ ଆଜି ସିଂହପୁର ବଜାର ବନ୍ଦ ରହିଥିଲା। ବ୍ୟବସାୟୀ ସଂଘର ସମ୍ପାଦକ ନିରଞ୍ଜନ ବେଉରିଆ, ଜିଲ୍ଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ବରିଷ୍ଠ ବ୍ୟବସାୟୀ ସୁରେନ୍ଦ୍ର କୁମାର ଧଳ, ପ୍ରତାପ କୁମାର ରାଉତ, ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ, ସରପଞ୍ଚ ଶଶାଙ୍କ ଶେଖର ଖୁଲ୍ଲାର, ରାମ ବଳିଆର ସିଂହ, ପ୍ରତାପ ସାହୁଙ୍କ ସମେତ ସିଂହପୁର ବଜାରରେ ବ୍ୟବସାୟୀମାନେ ଶୋକ ବ୍ୟକ୍ତ କରିଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତାଗିଦକୁ ବେଖାତିର୍

ସଫେଇ କର୍ମଚାରୀ ଦେଉଛନ୍ତି ଔଷଧ

ବରୀ, ୧୩।୨(ସମିସ)

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କଳାମାଟିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦୀରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ। ଘଣ୍ଟା ଘଣ୍ଟା ଧରି ରୋଗୀ ଡାକ୍ତରଙ୍କୁ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ଏପରିକି ଡାକ୍ତରଖାନାରେ ଫାର୍ମାସିଷ୍ଟ ବଦଳରେ ଜଣେ ସୁଇପର ରୋଗୀଙ୍କୁ ମେଡିସିନ ଦେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନ ଓପିଡି ସମୟରେ ଡାକ୍ତର, ଫାର୍ମାସିଷ୍ଟ ଏବଂ ଏଲଟି ଅନୁପସ୍ଥିତ ରହିଥିଲେ। ଅସୁସ୍ଥ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସି ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ନିରାଶ ହୋଇ ଡାକ୍ତରଙ୍କୁ ଅପେକ୍ଷା କରିଥିଲେ। ଘଣ୍ଟାଏ ଅପେକ୍ଷା କରିବା ପାରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏ ଦିଗରେ ଅବଗତ କରାଇବା ପରେ କଳାମାଟିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଅତି ତରବରିଆ ଭାବରେ ୪.୧୦ରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ରୋଗୀ ଦେଖିଥିଲେ। ଯାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବରୀ ବ୍ଲକ କଳାମାଟିଆ ପଞ୍ଚାୟତରେ ଥିବା କଳାମାଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଅବ୍ୟବସ୍ଥା ଦୀର୍ଘ ଦିନ ଧରି ଲାଗି ରହିଛି। ସକାଳ ଓପିଡି ସମୟରେ ଡାକ୍ତର, ଫାର୍ମାସିଷ୍ଟ, ନର୍ସମାନେ ପାଳିରେ ଆସିବା ସହ ଅପରାହ୍ନ ସମୟରେ କେହି ଆସନ୍ତିନାହିଁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ତାଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କଳାମାଟିଆ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସକାଳ ଓପିଡି ସାରି ଡାକ୍ତର ଫାର୍ମାସିଷ୍ଟ ମାନେ ଘରକୁ ପଳାଉଥିବା ବେଳେ ଅପରାହ୍ନରେ କେବଳ ନର୍ସ ଆଉ ଆଟେନାଣ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଦିଆଯାଉଥିବା ବେଳେ ସୁଇପର୍ ମେଡିସିନ ଦେଉଥିବା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁଦିନ ଅପରାହ୍ନରେ ଡାକ୍ତର କି ଫାର୍ମାସିଷ୍ଟ ଆସୁନଥିବା ବେଳେ ଲୋକମାନେ ଆସି ଡାକ୍ତରଙ୍କୁ ନ ପାଇ ନିରାଶ ହୋଇ ଫେରୁଛନ୍ତି ବୋଲି ଆସିଥିବା ରୋଗୀମାନେ ପ୍ରକାଶ କରଛନ୍ତି। ସୂଚନାଥାଉ କି ଗତ ସପ୍ତାହରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଚାନକ ଗସ୍ତକରି ଡାକ୍ତର ମାନେ ଡିୟୁଟିରେ ଠକୁଥିବା ଅଭିଯୋଗକୁ ସତ ବୋଲି ସ୍ୱୀକାର କରିବା ସହ ତାଗିଦ୍ କରି ଫେରିଥିଲେ। ମାତ୍ର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ତାଗିଦକୁ ଖୋଦ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରି ଡାକ୍ତର ସବ୍ୟସାଚୀ ଦାସ ଏବଂ ଅନ୍ୟ ଡାକ୍ତର ମାନେ ପାଦରେ ଆଡ଼େଇ ଦେଉଥିବା ସହ ଡାକ୍ତରମାନେ ପୂର୍ବ ପରି ପାଳିକରି ଡିୟୁଟି କରୁଛନ୍ତି।

ଜାତୀୟ ସଂହତି ଉତ୍ସବ ଉଦ୍‌ଘାଟିତ

ବ୍ୟାସନଗର, ୧୩।୨(ସମିସ): ଶନିବାର ସନ୍ଧ୍ୟାରେ କୋପଣ୍ଡ ଛକ ନିକଟ ଗୋଶାଳା ପଡ଼ିଆରେ ୩୬ତମ ଜାତୀୟ ସଂହତି ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଫେବୃଆରୀ ୧୩ ତାରିଖ ସନ୍ଧ୍ୟାରେ ଯାଜପୁର ଜିଲ୍ଲାର ମୁଖ୍ୟ ସରକାରୀ ଓକିଲ ତଥା ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଅତିଥି ଭାବେ ଓଏମ୍‌ସିର ଅଧିକାରୀ ଦେବାଶିଷ ସାମଲ, ଓଏମସି ଆଞ୍ଚଳିକ ପରିଚାଳକ ଅବନୀକାନ୍ତ ପ୍ରଧାନ, ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ଦାଶ, ସଂଗ୍ରାମ କେଶରୀ ରାଉତ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପୂର୍ବରୁ ୧୦ ଦିନ ହେଉଥିବା ମହୋତ୍ସବ ଏବେ ୪ ଦିନରେ ସୀମିତ ରହିଛି। ରାଜ୍ୟ ତଥା ଜିଲ୍ଲାର ସର୍ବପୁରାତନ ଅନୁଷ୍ଠାନ ଭାବେ ବୀର୍ଘ ୩୫ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ବାଣିଜ୍ୟ ମେଳା ଚଳିତ ବର୍ଷ ନୂଆ ଢଙ୍ଗରେ ପାଳନ କରିବାକୁ ବାଣିଜ୍ୟ ମେଳା କମିଟି ନିଷ୍ପତ୍ତି ନେଇଛି। ଏଠାରେ ଜାତୀୟ ସ୍ତରରେ କଳା, ସଙ୍ଗୀତ ଏବଂ ବାଦ୍ୟ କ୍ଷେତ୍ରରେ ନିଖୁଣ ଛାପ ଛାଡ଼ିଯାଇଥବା କିମ୍ବଦନ୍ତୀ କଳାକାରମାନଙ୍କୁ ସମ୍ମାନ ଦେବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ସହିତ ସୁଦୂର କଲିକତା, ମୁମ୍ବାଇ, କେରଳ ଓ ମିଜୋରାମ ଆଦି ଅଞ୍ଚଳରୁ ଆସୁଥିବା କଳାକାରମାନେ ସେମାନଙ୍କର କଳାନୈପୂଣ୍ୟ ପ୍ରଦର୍ଶନ କରିବେ। ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ସବ ମାଧ୍ୟମରେ ସମନ୍ୱୟ ସୃଷ୍ଟି କରିବା ଓ ଭାବ ବିନିମୟ ସହିତ ଜାତୀୟ ସଂହତିର ଭାବନା ଜାଗ୍ରତ କରାଇବା ନିମନ୍ତେ ଏହି ଉତ୍ସବ ଆୟୋଜନ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି।

ସକାଳ
THE SAKALA

ସମ୍ପାଦକୀୟ



ବିରୋଧ ଓ ସମାଲୋଚନା କରିବାର ଅଧିକାର ହିଁ ଗଣମାଧ୍ୟମର ବାସ୍ତବ ସ୍ୱାଧୀନତା।
-ଜର୍ଜ ଅରୱେଲ୍

ବାଂଲା ରାଜନୀତି ଅସ୍ପଷ୍ଟ

ବାଂଲାଦେଶରେ ବହୁପ୍ରତୀକ୍ଷିତ ସାଧାରଣ ନିର୍ବାଚନ ସମାପ୍ତ ହୋଇଛି। ଏଥିରେ ସ୍ପଷ୍ଟ ବହୁମତ ପାଇଥିବା 'ବାଂଲାଦେଶ ନ୍ୟାଶ୍‌ନାଲିଷ୍ଟ ପାର୍ଟି'(ବିଏନ୍‌ପି) ନିରଙ୍କୁଶ ସରକାର ଗଢ଼ିବାକୁ ଯାଉଛି। ୨୦୨୪ ଅଗଷ୍ଟ ମାସରେ ହିଂସାତ୍ମକ ବିଦ୍ରୋହ ବଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଗାଦିଚ୍ୟୁତ ହେବା ପରେ ସେଠାରେ ନୋବେଲ୍ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ କାମଚଳା ସରକାର ଚାଲିଛି। ଶାନ୍ତି ଓ ରାଜନୈତିକ ସ୍ଥିରତା ସହିତ ସାଧାରଣ ନିର୍ବାଚନ ଜରିଆରେ ବାଂଲାଦେଶରେ ଗଣତାନ୍ତ୍ରିକ ଶାସନର ପୁନଃପ୍ରତିଷ୍ଠା ଥିଲା କାମଚଳା ସରକାରର ମୁଖ୍ୟ ଲକ୍ଷ୍ୟ। ଏହି ଲକ୍ଷ୍ୟ ଆପାତତଃ ପୂରଣ ହୋଇଛି। କିନ୍ତୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ ଏବଂ ସରକାରର ଆଭିମୁଖ୍ୟ କ'ଣ ହେବ ତାହାର ଚିତ୍ର କିଛିଟା ଅସ୍ପଷ୍ଟ ରହିଛି।

ଯଦି ସେଭଳି କିଛି ଅପ୍ରତ୍ୟାଶିତ ଘଟଣା କିମ୍ବା ବ୍ୟତିକ୍ରମ ନ ଘଟେ ତେବେ ସଦ୍ୟତମ ନିର୍ବାଚନ ଫଳାଫଳ ସ୍ଥିତି ଆଧାରରେ ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ୍ ବାଂଲାଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ଏକପ୍ରକାର ସ୍ପଷ୍ଟ ହୋଇଥିଲେ ହେଁ ଶତପ୍ରତିଶତ ନିଶ୍ଚିତ ନୁହେଁ। ପ୍ରାୟ ୧୭ ବର୍ଷ ଧରି ଦେଶାନ୍ତର ଦଣ୍ଡ ଭୋଗୁଥିବା ତାରିକ୍ ସାମ୍ପ୍ରତିକ ବାଂଲାଦେଶର ରାଜନୈତିକ-ସାମାଜିକ-ଅର୍ଥନୈତିକ-ଧାର୍ମିକ ପରିସ୍ଥିତି ସହିତ ଖାପ୍‌ଖୁଆଇବା ପାଇଁ କିଛି ସମୟ ନେବେ। ଏହା ନିଃସନ୍ଦେହ ଯେ ତାଙ୍କ ପଛରେ ବିପୁଳ ଜନସମର୍ଥନ ରହିଛି। ବିଶେଷକରି ସେଠାକାର ସଂଖ୍ୟାଲଘୁ ଭୋଟ ମଧ୍ୟ ତାଙ୍କୁ ମିଳିଛି। କିନ୍ତୁ ରାଜନୈତିକ ଲୋକପ୍ରିୟତା ଓ ଶାସନଗତ ପରିପକ୍ୱତା ଦୁଇଟି ଭିନ୍ନ ପ୍ରସଙ୍ଗ। ଅଭିଜ୍ଞତା ଓ ଦକ୍ଷତା ଦୃଷ୍ଟିରୁ ଅର୍ଥନୈତିକ-ରାଜନୈତିକ ଅସ୍ଥିର ବାଂଲାଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ପରିସ୍ଥିତିକୁ ସମ୍ଭାଳିବା ତାରିକ୍‌ଙ୍କ ପାଇଁ କାଠିକର ପାଠ ହେବ। ଉତ୍କଟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ବୟନ ଶିଳ୍ପର ପୁନରୁଦ୍ଧାର, ବିଦେଶୀ ନିବେଶକଙ୍କ ଆସ୍ଥା ଫେରିପାଇବା ଏବେ ବାଂଲାଦେଶ ପାଇଁ ମୁଖ୍ୟ ସମସ୍ୟା। ଏହାଛଡ଼ା ସାମ୍ପ୍ରତିକ ଦକ୍ଷିଣ ଏସିଆର ଭୂରାଜନୀତିରେ ବାଂଲାଦେଶ ପଶାପାଲିର କ୍ଷେତ୍ର ପାଲଟିଛି। ଏସିଆର ଦୁଇ ମହାଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ଚୀନ୍ ସହିତ ସମ୍ପର୍କରେ ସମତୁଲତା ରକ୍ଷା ପାଇଁ ବାଂଲାଦେଶର କୂଟନୈତିକ ରଣନୀତି ନିର୍ଦ୍ଧାରଣରେ ତାରିକ୍ କେତେ ସକ୍ଷମ ହେବେ ତା' ଉପରେ ସ୍ୱାଭାବିକ ଭାବେ ସନ୍ଦେହ ରହିଛି। ଏହାଛଡ଼ା ଏବେ ବାଂଲାଦେଶ ଉପରେ ଆମେରିକା ଓ ପାକିସ୍ତାନର ଆଖି ରହିଛି। କାମଚଳା ସରକାର ସମୟରେ ଚୀନ୍ ଓ ପାକିସ୍ତାନ ସହିତ ଯେଉଁକେତେକ ସାମରିକ-ଭିତ୍ତିଭୂମି ବିକାଶ ଚୁକ୍ତି ହୋଇଥିଲା ତାହାର ଭବିଷ୍ୟତ କ'ଣ ହେବ ତାହା ମଧ୍ୟ ଆଉ ଏକ ପ୍ରଶ୍ନ। କୃଷକଙ୍କ ଋଣ ଛାଡ଼, ୨୦ ଲକ୍ଷ ଯୁବକଙ୍କୁ ରୋଜଗାର ସୁଯୋଗ, ମହିଳାଙ୍କୁ ମାଗଣା ଶିକ୍ଷା, ସଂଖ୍ୟାଲଘୁଙ୍କ ପ୍ରତି ହିଂସା ବିରୋଧରେ ଶୂନ୍ୟ ସହନଶୀଳତା ଆଦି ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିବା ମଧ୍ୟ ତାରିକ୍‌ଙ୍କ ସରକାର ପ୍ରତି ଏକ ଆହ୍ୱାନ ହେବ।

ଏହି ପୃଷ୍ଠଭୂମିରେ କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ଭୂମିକା ଚର୍ଚ୍ଚାକୁ ଆସୁଛି। କୂଟନୀତିଜ୍ଞଙ୍କ ଗୋଟିଏ ମହଲର କହିବା କଥା ହେଲା ରାଜନୈତିକ-କୂଟନୈତିକ-ଅର୍ଥନୈତିକ ସ୍ଥିରତା ସ୍ଥାୟୀ ହେବା ପର୍ଯ୍ୟନ୍ତ ଅସଲ କ୍ଷମତା ୟୁନୁସ୍‌ଙ୍କ ହାତରେ ରହିବ ଏବଂ ତାରିକ୍ କେବଳ ପ୍ରଧାନମନ୍ତ୍ରୀଙ୍କ ଚେହେରା ହୋଇରହିବେ। ଆଉ କିଛି ମହଲର ଯୁକ୍ତି ଅନୁଯାୟୀ ଏ ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର ନେଇ ୟୁନୁସ୍ ସ୍ପଷ୍ଟ ସଂକେତ ଦେଇ ନାହାନ୍ତି। ଏବେ ବାଂଲାଦେଶ ସରକାର ପାଇଁ ସବୁଠାରୁ ବଡ଼ ଆହ୍ୱାନ ଅର୍ଥନୈତିକ ସ୍ଥିରତା ଓ ଅଭିବୃଦ୍ଧି ହୋଇଥିବାରୁ ଭାରତ(ଡ. ମନମୋହନ ସିଂହ) ଅନୁକରଣରେ ଅର୍ଥନୀତିଜ୍ଞ ୟୁନୁସ୍‌ଙ୍କୁ ହିଁ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ କରାଯିବ। ୟୁନୁସ୍‌ଙ୍କ ବ୍ୟକ୍ତିତ୍ୱର ଗୁରୁତ୍ୱ ଦୃଷ୍ଟିରୁ ଆମେରିକା, ଚୀନ୍ କିମ୍ବା ପାକିସ୍ତାନ ଆଡୁ ବାଂଲାଦେଶ ପ୍ରତି ହଠାତ୍ ଅସୂୟା ମନୋଭାବ ପ୍ରକାଶ ପାଇବ ନାହିଁ। ତେଣୁ ୟୁନୁସ୍‌ଙ୍କୁ ଏତେଶୀଘ୍ର ସରକାରରୁ ଦୂରେଇ ଦେବାର ମୂର୍ଖାମୀ ବିଏନ୍‌ପି ହୁଏତ କରିବ ନାହିଁ। ଏହିସବୁ ଦୃଷ୍ଟିକୋଣରୁ ସେଠାକାର ଆଗାମୀ ସରକାରରେ ୟୁନୁସ୍‌ଙ୍କ ଭୂମିକା ନିର୍ଣ୍ଣାୟକ ହେବାକୁ ଯାଉଛି। ହୁଏତ ସମସ୍ତ କଳ୍ପନାଜଳ୍ପନାକୁ ଏଡ଼ାଇ ଯାଇ ସେ କ୍ଷମତାମୋହ ତ୍ୟାଗ କରିପାରନ୍ତି କିମ୍ବା ତାଙ୍କୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ରୂପେ ଘୋଷଣା କରାଯାଇପାରେ। ସ୍ଥିତିରେ ସୁଧାର ଆସିବା ପରେ ତାରିକ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି।

ବାଂଲାଦେଶରେ ଆଗାମୀ ପାଞ୍ଚବର୍ଷ ପାଇଁ ଏକ ସ୍ଥିର ସରକାର ଗଠନ ହେବାକୁ ଯାଉଥିବାରୁ ଭାରତକୁ ସେହି ଅନୁଯାୟୀ ସ୍ଥିର କୂଟନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଏନ୍‌ପିର ବିପୁଳ ବିଜୟ ପରେ ତାରିକ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି ଏବଂ ବିଏନ୍‌ପି ମଧ୍ୟ ଏହାକୁ ସ୍ୱାଗତ କରିଛି। କିନ୍ତୁ ନିର୍ବାଚନ ବିଜୟ ପରେ ଜନସାଧାରଣଙ୍କୁ ତାରିକ୍‌ଙ୍କ ପ୍ରଥମ ସମ୍ବୋଧନରେ ହିଁ ହସିନା ପ୍ରସଙ୍ଗ ସ୍ଥାନ ପାଇଛି। ଭାରତରେ ଶରଣ ନେଇଥିବା ଶେଖ୍ ହସିନାଙ୍କୁ ଯଥାଶୀଘ୍ର ବାଂଲାଦେଶ ଫେରାଇ ଅଣାଯିବ ବୋଲି ସେ ସୂଚାଇ ଦେଇଛନ୍ତି। ତେଣୁ ହୁଏତ ଆଗାମୀ ଦିନରେ ଭାରତ-ବାଂଲାଦେଶ ସମ୍ପର୍କରେ ହସିନା ପ୍ରସଙ୍ଗ କଣ୍ଟା ରୂପେ ଉଭା ହୋଇପାରେ। ଏପରିକି ଦଲାଇ ଲାମା ସମ୍ପର୍କିତ କାହାଣୀର ପୁନରାବୃତ୍ତି ମଧ୍ୟ ଘଟିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନ ପାରେ। ତେଣୁ ଭାବପ୍ରବଣତାକୁ ପରିହାର କରି ସମୟର ଆବଶ୍ୟକତା ଅନୁଯାୟୀ ଭାରତ କୂଟନୈତିକ ନିଷ୍ପତ୍ତି ଗ୍ରହଣ କରିବା ଆବଶ୍ୟକ।

ବାଂଲାଦେଶରେ ସ୍ଥିର ସରକାର ଭାରତର ସୀମାନ୍ତ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସେଠାରେ ଏବେ ବିରୋଧୀ ଆସନରେ ବସିବାକୁ ଯାଉଥିବା ମୌଳବାଦୀ ଜମାତ୍ ଏ ଇସ୍‌ଲାମୀ ପାକିସ୍ତାନ ପ୍ରରୋଚନାରେ ଭାରତ ବିରୋଧୀ ଆଭିମୁଖ୍ୟକୁ ଜୋରଦାର କରିବା ଅସମ୍ଭବ ନୁହେଁ। ଏହାଦ୍ୱାରା ବିଏନ୍‌ପି ସରକାରକୁ ବଦ୍‌ନାମ କରିବା ସହିତ ଭାରତ ବିରୋଧୀ କାର୍ଯ୍ୟକ୍ରମ ମଧ୍ୟ ସଫଳ ହୋଇପାରିବ। ପାକିସ୍ତାନ ସମର୍ଥିତ ଏହି ମୌଳବାଦୀ ସଂଗଠନର ଭାରତରେ ହିଂସାକାଣ୍ଡକୁ ପ୍ରୋତ୍ସାହନ ଦେବାର ଉଦାହରଣ ରହିଛି। ତେଣୁ ଉତ୍ତର-ପୂର୍ବ ରାଜ୍ୟ, ବିଶେଷକରି ମଣିପୁର ଓ ଆସାମରେ ଅଶାନ୍ତି ଆହୁରି ବଢ଼ିପାରେ। ଏବେ କ୍ରିକେଟ୍‌କୁ ନେଇ ଦୁଇଦେଶ ମଧ୍ୟରେ ଯେଉଁ ତିକ୍ତତା ସୃଷ୍ଟି ହୋଇଛି ତାହା ଯେପରି ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ସେଥିପ୍ରତି ମଧ୍ୟ ଦୁଇ ଦେଶ ଗୁରୁତ୍ୱ ଦେବାର ବେଳ ଆସିଛି। ●

ନିଃସଙ୍ଗ 'ପେଙ୍ଗୁଇନ୍' ଓ 'ସିଗଲ୍'ର ଉଡ଼ାଣ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

କିଛିଦିନ ହେଲା ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାରିତ ଗୋଟିଏ ଦଳତ୍ୟାଗୀ ପେଙ୍ଗୁଇନ୍‌ର ଦୂରସ୍ଥ ପାହାଡ଼ ଅଭିମୁଖେ ନିରବ, ନିଃସଙ୍ଗ ଯାତ୍ରା ଯେଉଁସବୁ ମତମନ୍ତବ୍ୟ ସାଉଁଟି ଚାଲିଛି, ସେଥିରୁ ଅର୍ଦ୍ଧାଧିକରେ ପ୍ରତିଫଳିତ ହୋଇଛି ବର୍ତ୍ତମାନ ସମୟର ମଣିଷ ଅନୁଭବ କରୁଥିବା ବିଷାଦ, ନୈରାଶ୍ୟ ଓ ବେଦନାବୋଧ। ଜୀବନ ଓ ଜଗତ ପ୍ରତି ଏକବିଂଶ ଶତାବ୍ଦୀର ଏଇ କେତୋଟି ଦଶକ ମଧ୍ୟରେ ଯେଉଁ ନକାରାତ୍ମକ ଦୃଷ୍ଟିକୋଣ ବା ଆଭିମୁଖ୍ୟ ପୋଷଣ କରିବା ପାଇଁ ମଣିଷ ଏକପ୍ରକାର ବାଧ୍ୟ ହୋଇଚାଲିଛି, ତା'ରି ନିଛକ ପ୍ରତିଫଳନ ଆମେ ପାଇଛେ ଏଇସବୁ ମତମନ୍ତବ୍ୟରେ।

ଏଇଠି କିନ୍ତୁ ମନେ ପଡ଼ିଯାଏ ଏଇ ପେଙ୍ଗୁଇନଟି ପରି ଆଉ ଗୋଟିଏ ସାମୁଦ୍ରିକ ପକ୍ଷୀ 'ସିଗଲ୍' ବା 'ଗଙ୍ଗାଚିଲ୍ଲି'ର କଥା। ସେଇଟିକୁ ଗତ ଶତାବ୍ଦୀର ଷାଠିଏ ଦଶକର ମଣିଷମାନେ ଭେଟିଥିଲେ ଗୋଟିଏ ଉପନ୍ୟାସିକାରେ, ଯା'ର ସ୍ରଷ୍ଟା ଥିଲେ 'ରିଚାର୍ଡ ବାଖ୍'। 'ସିଗଲ୍'ଟିର ନାମ ଥିଲା 'ଜୋନାଥନ୍ ଲିଭିଂଷ୍ଟୋନ' ଏବଂ ସେ କ୍ଷୁଦ୍ର ସାହିତ୍ୟକୃତିଟିର ଶୀର୍ଷକ ବି ଥିଲା 'ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍'। ମୁଖ୍ୟ ବିଷୟବସ୍ତୁ ଥିଲା ଜୋନାଥନ୍ ଲିଭିଂଷ୍ଟୋନର 'ଉଡ଼ାଣ'। ନୀଳ ଆକାଶର ବକ୍ଷ ଚିରି ଦୂରଦିଗନ୍ତ ଅଭିମୁଖେ ପକ୍ଷ ମେଲି ଦେବା ପାଇଁ ସେଇ ପକ୍ଷୀର ଆବେଗଘନ ପ୍ରଚେଷ୍ଟା ଓ ଅସାଧ୍ୟ ସାଧନ କରିବା ପାଇଁ ତା'ର ବ୍ୟାକୁଳତାର ମାର୍ମିକ ବର୍ଣ୍ଣନା ରହିଛି ଏଇ ରୂପକାତ୍ମକ କୃତିଟିରେ। 'ଉଡ଼ାଣ'ର ଶୀର୍ଷତା ଓ ପରିସୀମାର ପୂର୍ବସ୍ୱୀକୃତ, ପୂର୍ବଅନୁସୃତ ସମସ୍ତ ସୀମା ସରହଦକୁ ଅତିକ୍ରମ କରି ନବ ନବ ଉଲ୍ଲାସ, ଅନୁଭୂତିର ସନ୍ଧାନରେ ଆପଣାର କୁନି କୁନି ପକ୍ଷ ମେଲିଦେବା ପାଇଁ ଗୋଟିଏ ପକ୍ଷୀର ନିଶ୍ଚଳ ପ୍ରତିଶ୍ରୁତିବଦ୍ଧତା ଫୁଟି ଉଠିଛି ଏଥିରେ।

ସ୍ରଷ୍ଟା ରିଚାର୍ଡ ବାଖ୍ ଏମିତି ଏକ ଅଭିନବ ପକ୍ଷୀଚରିତ୍ରର କଳ୍ପନା କରିଥିଲେ ଯେଉଁ କାଳଖଣ୍ଡରେ, ସେଇଟି ଥିଲା କେତେକାଂଶରେ ବର୍ତ୍ତମାନର କାଳଖଣ୍ଡଠାରୁ ନିଆରା ନିଶ୍ଚୟ। କାରଣ 'ଜୋନାଥନ୍ ଲିଭିଂଷ୍ଟୋନ' ଯେମିତି ତା'ର ଡେଣାର ଉଡ଼ାଣ-ସାମର୍ଥ୍ୟ ସୀମିତ ନୁହେଁ ବୋଲି ବିଶ୍ୱାସ କରି ଦିଗନ୍ତଚୁମ୍ବୀ ହେବାର ଅଭିଳାଷ ପୋଷଣ କରିଥିଲା, ସେମିତି ଅଭିଳାଷ ମଣିଷ ପୋଷଣ କରୁ ଏବଂ ଉତ୍ତରଣ-ପ୍ରୟାସୀ ହେଉ - ଏଇ ଗୂଢ଼ ବାର୍ତ୍ତାଟି ଦେବାକୁ ଚାହିଁଥିଲେ ଲେଖକ। ଏମିତି ଏକ ବାର୍ତ୍ତା ଶୁଣିବାକୁ, ଏମିତି ଏକ ବାର୍ତ୍ତାର ସାରମର୍ମକୁ ବୁଝିବାକୁ ଯେଉଁପ୍ରକାର ବୌଦ୍ଧିକ ବା ଭାବଗତ ସାମର୍ଥ୍ୟ ଲୋଡ଼ା, ତାହା ନିଶ୍ଚୟ ଥିଲା ସେତେବେଳର ମଣିଷମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ। ଜୀବନ ଓ ଜଗତ ପ୍ରତି ସେମାନଙ୍କ ପ୍ରେମଭାବନା କ୍ଷୁଣ୍ଣ, ଖଣ୍ଡିତ ନଥିଲା, ଯେମିତି ହୋଇଚାଲିଛି ଏକବିଂଶ ଶତାବ୍ଦୀର ଏଇ ବିପର୍ଯ୍ୟସ୍ତ, ବିଭାଜିତ, ଘୃଣାବିଦ୍ୱେଷପୂର୍ଣ୍ଣ କାଳଖଣ୍ଡରେ।

ବର୍ତ୍ତମାନର ଏଇ ବିମର୍ଷକର ବାତାବରଣରେ ମଣିଷ ଘାରି ହୋଇଚାଲିଛି ଦ୍ୱନ୍ଦ୍ୱସଂକୁଳ ଅସ୍ତିତ୍ୱଗତ ବେଦନାରେ, ମୋହଭଙ୍ଗ-ଘଟିତ ବିଷାଦବୋଧରେ। ତୁଟି ଚାଲିଛି ଜୀବନପ୍ରତି ତା'ର ଶ୍ରଦ୍ଧା ଓ ଅନ୍ତରଙ୍ଗତା। ଅବିମୋଚନୀୟନିର୍ବେଦତା, ନିସ୍ତେଜତା, ଜୀବନବିତୃଷ୍ଣ ଉଦାସୀନତାର ଅସହାୟ ଶରବ୍ୟ ହୋଇଚାଲିଛି ସେ ଆଜିର ଅର୍ଥହୀନ କୋଳାହଳ ଭିତରେ, ଡିଜିଟାଲ୍ ଦୁନିଆର ସଂକ୍ରମିତ ଆବହାୱାରେ। ସ୍ୱାର୍ଥାନ୍ୱେଷୀ ରାଜନେତା, ଅନିୟନ୍ତ୍ରିତ ମହତ୍ତ୍ୱାକାଂକ୍ଷା-ପୀଡ଼ିତ ବିଜ୍ଞାନୀ ଓ ଟେକ୍‌ନୋକ୍ରାଟ୍, ସଂକୀର୍ଣ୍ଣ ଜାତୀୟତାବାଦ ଓ ଦେଶପ୍ରେମର ଧ୍ୱଜାଧାରୀ ଅଜ୍ଞ ମଣିଷଙ୍କ ବିକୃତ ଚେତନା-ପ୍ରସୂତ ରାଜନୈତିକ ତଥା ଧର୍ମୀୟ ନାରାବାଜିରେ ମୋହିତ ଅନ୍ଧଭକ୍ତମାନଙ୍କ ବିଷମୟ ପ୍ରଭାବରେ ସାଧୁ, ସଚ୍ଚୋଟ ମାନବବାଦୀମାନଙ୍କ ଦୃଷ୍ଟିକୋଣ, ଆଭିମୁଖ୍ୟ ଆଜି ଘୋର ଦ୍ୱନ୍ଦ୍ୱସଙ୍କୁଳ। ଅଘୋରୀ ସାଧକମାନଙ୍କ ପରି ଏକାଗ୍ର ପ୍ରତିଶ୍ରୁତିବଦ୍ଧତା ସହ ଧର୍ମୀୟ, ସାଂପ୍ରଦାୟିକ ଘୃଣାରଞ୍ଜିତ ଉନ୍ମାଦନାର ବୀଜବପନ କରିଚାଲିଥିବା ଆଜିର ଅନ୍ଧଭକ୍ତମାନଙ୍କ ଦୌରାତ୍ମ୍ୟରେ ଭଲମଣିଷମାନେ ଏକପ୍ରକାର ମୁହ୍ୟମାନ ହୋଇ ଧୀରେ ଧୀରେ ପାସୋରି ଯାଉଛନ୍ତି ସେମାନଙ୍କ ଦାୟିତ୍ୱ, ସେମାନଙ୍କ ଆତ୍ମିକ ବିଭବ ଓ ଭାବଐଶ୍ୱର୍ଯ୍ୟ।

ଅଷ୍ଟାଦଶ ଶତାବ୍ଦୀର ଜ୍ଞାନାଲୋକର ବିଚ୍ଛୁରଣରେ ମଣିଷର ଚେତନା-ମୃତ୍ତିକାରେ ପଲ୍ଲବିତ ହୋଇଥିବା ସମତା, ସ୍ୱାଧୀନତା, ଭ୍ରାତୃତ୍ୱବାଦ, ଧର୍ମନିରପେକ୍ଷତା, ବୈଜ୍ଞାନିକ ବିଚାରଶୀଳତା ପରି ଶ୍ରେଷ୍ଠ ଭାବାଦର୍ଶ ସବୁ ପରବର୍ତ୍ତୀ ଦୁଇ ଶତାବ୍ଦୀରେ, ଶତସହସ୍ର ବାଧାବିଘ୍ନ ସତ୍ତ୍ୱେ, ତଥାପି ଥିଲେ କାମ୍ୟ ଓ ଅନୁସରଣୀୟ। ମାତ୍ର ଏକବିଂଶ ଶତାବ୍ଦୀର ଏଇ ତିନୋଟି ଦଶକ ମଧ୍ୟରେ ସେ ଭାବାଦର୍ଶ, ସେ ଆଧୁନିକ ଗଣତାନ୍ତ୍ରିକ ମୂଲ୍ୟବୋଧ ସବୁ ପ୍ରାୟତଃ ଅଲୋଡ଼ା, ଅପାଂକ୍ତେୟ ହୋଇସାରିଲେଣି। ଫଳସ୍ୱରୂପ, ଆମ ଭିତରେ ଥିବା ସତ୍‌ସଚେତନଶୀଳ ମଣିଷମାନେ କାମ୍ୟୁ, କାଫ୍‌କା, ସାର୍ତ୍ରେ କିମ୍ବା ଉଇଲିୟମ୍ ବେକେଟ୍‌ଙ୍କ ପରି ସ୍ଥିତିବାଦୀ ଚିନ୍ତକମାନଙ୍କ ସହ ସ୍ୱର ମିଳାଇ ଏ ଜୀବନ, ଏ ଜଗତକୁ ଉଦ୍ଭଟ, ଅର୍ଥହୀନ ବୋଲି ମଣିବାକୁ ଏକପ୍ରକାର ବାଧ୍ୟ ହୋଇଚାଲିଛନ୍ତି; ଏକପ୍ରକାର ଆତ୍ମସମର୍ପଣ କରି ଦେଇଛନ୍ତି ଘନେଇ ଚାଲିଥିବା ଅନ୍ଧକାର ପାଖରେ ଏବଂ ଛଳଯୋଗୀ, ଛଳତ୍ୟାଗୀମାନଙ୍କ ପାଖରେ। କିନ୍ତୁ ଅନ୍ତରାତ୍ମା ସେମାନଙ୍କର ଚିତ୍କାର କରିଚାଲିଛି ନିଃଶବ୍ଦରେ। ବେଦନାକ୍ତ ହୃଦୟରେ ସେମାନଙ୍କ ମଧ୍ୟରୁ ଅନେକ ହୁଏତ ଖୋଜି ଚାଲିଛନ୍ତି ସଂପୂର୍ଣ୍ଣ ବିସ୍ମୃତିର ମାର୍ଗ ବା ଆତ୍ମଚେତନାର ସଂପୂର୍ଣ୍ଣ ବିଲୋପନର ମାର୍ଗ। ସେଥିପାଇଁ ବୋଧହୁଏ ଯେ ଜ୍ଞାତିକୁଟୁମ୍ବମାନଙ୍କ ଦଳ ପରିତ୍ୟାଗ କରି ପାହାଡ଼ମୁହାଁ ହେଉଥିବା ଏ ପେଙ୍ଗୁଇନ୍‌ର ନିରବ ଯାତ୍ରାଟି ତା'ର ଏକ ଆତ୍ମଘାତୀ ପଦକ୍ଷେପ ବୋଲି ଧରି ନେଇଛେ ଆମେ। ତା'ର ଏ ଓଲଟଗତିଟି ସ୍ୱାଭାବିକ ଭାବରେ ତେଣୁ ପ୍ରତୀକ ପାଲଟି ଯାଇଛି ଆମ ହତାଶାବୋଧର, ଜୀବନବିମୁଖତାର ଓ ପଳାୟନପନ୍ଥୀ ମନୋଭାବର। ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍ ଏବଂ ଚର୍ଚ୍ଚିତ ନିଃସଙ୍ଗ ଯାତ୍ରୀ ପେଙ୍ଗୁଇନ୍- ଏହି ପକ୍ଷୀ ଦୁଇଟିଙ୍କ ପ୍ରତୀକାତ୍ମକତା ମଧ୍ୟରେ ଏହି ହେଉଛି ଫରକ।

ତଥାପି ଏ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ସତ୍ତ୍ୱେ ଆମକୁ ସ୍ମରଣ କରିବାକୁ ହେବ ଯେ ବର୍ତ୍ତମାନର ଆହ୍ୱାନ ହେଉଛି ଜୀବନ ଓ ସମାଜକୁ ଭ୍ରଷ୍ଟ, ବିକୃତ କରୁଥିବା ଅପଶକ୍ତିମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା। ଅପଶକ୍ତିମାନଙ୍କ ପାଖରେ ଆତ୍ମସମର୍ପଣ ନୁହେଁ, ନିର୍ଭୟତାର ସହ ଆତ୍ମତତ୍ତ୍ୱର ପରାକାଷ୍ଠା ଜାହିର କରିବା ଏବଂ ତାହା ସେତିକିବେଳେ କରିପାରିବା ଯେତେବେଳେ ଆମେ ଏକାନ୍ତ ନିବିଷ୍ଟତାର ସହ ନିଜ ନିଜର ସ୍ୱାଧୀନଇଚ୍ଛା, ସ୍ୱାତନ୍ତ୍ର୍ୟର ଗରିମା ପ୍ରତିପାଦନ କରିପାରିବା ପାଇଁ ଦୃଢ଼ତା ପ୍ରକାଶ କରିପାରିବା। ଆମମାନଙ୍କ ମଧ୍ୟରୁ ଯେଉଁମାନେ ଏହି ସକାରାତ୍ମକ ଆଭିମୁଖ୍ୟର ସାରବତ୍ତା ହୃଦୟଙ୍ଗମ କରିଥିବେ, ସେମାନେ ଚର୍ଚ୍ଚିତ ଭାଇରାଲ୍ ପେଙ୍ଗୁଇନ୍ ଓ ରିଚାର୍ଡ ବାଖ୍‌ଙ୍କ ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍ ମଧ୍ୟରେ ଥିବା ମହତ୍ତ୍ୱପୂର୍ଣ୍ଣ ସାମ୍ୟଟିକୁ ବୁଝିପାରିବେ ନିଶ୍ଚୟ।

ଏ ଉଭୟ ପକ୍ଷୀ ଆପଣା ଆପଣାର ସ୍ୱାଧୀନ ଇଚ୍ଛା ଜାହିର କରିଛନ୍ତି ଭିନ୍ନ ଭିନ୍ନ ଢଙ୍ଗରେ - ପେଙ୍ଗୁଇନ୍ ପକ୍ଷୀଟି ପାହାଡ଼ ଅଭିମୁଖେ ନିରବ ଯାତ୍ରା ଆରମ୍ଭ କରିଦେଇଛି। ଏ ଯାତ୍ରା ହେଉଛି ତା'ର ଏକ ନିରବ ବିଦ୍ରୋହ ଗତାନୁଗତିକ ଜୀବନଧାରା ବିରୋଧରେ। ଗଡ୍ଡଳିକାର ଜୀବନ ବଞ୍ଚିବାରେ ଅଭ୍ୟସ୍ତ ଥିବା ତା'ର ଜ୍ଞାତିକୁଟୁମ୍ବମାନଙ୍କ ବିଶ୍ୱାସ, ଆନୁଗତ୍ୟ ବିରୋଧରେ ଏ ବିଦ୍ରୋହ ତା'ର। ଏ ବିଦ୍ରୋହ ତା'ର ଆତ୍ମଘାତୀ ହୋଇପାରେ କିମ୍ବା ଆତ୍ମଉତ୍ତରଣର ନବପର୍ବ ହୋଇପାରେ। ଠିକ୍ ସେମିତି ଜୋନାଥନ୍ ଲିଭିଂଷ୍ଟୋନ ସିଗଲ୍ ଆପଣାର ସୀମିତ ଉଡ଼ାଣ କ୍ଷମତାକୁ ଅସ୍ୱୀକାର କରି ଉଡ଼ିଯାଇଛି ନୂତନ ଦିଗନ୍ତର, ନୂତନ ଅନୁଭୂତିର ସନ୍ଧାନରେ। ବରିଷ୍ଠ ଗରିଷ୍ଠମାନେ ତା'ର ଉଡ଼ାଣମାର୍ଗର ଲକ୍ଷ୍ମଣରେଖା ସଂପର୍କରେ ତାକୁ ବାରମ୍ବାର ସ୍ମରଣ କରାଇଦେଇ ସେହି ରେଖାକୁ ଅଙ୍ଗୀକାର କରିବାକୁ ବାଧ୍ୟ କରୁଥିଲେ ବି ସେ ଅମାନ୍ୟ କରିଛି। ଆରମ୍ଭ କରିଦେଇଛି ନିରବ ବିଦ୍ରୋହ। ଆରମ୍ଭ କରିଦେଇଛି ତା'ର ନିଃସଙ୍ଗ ଉଡ଼ାଣ।

ଏ ଉଭୟ ପକ୍ଷୀଙ୍କ ଲକ୍ଷ୍ୟ ସ୍ଥିର, ନିର୍ଦ୍ଦିଷ୍ଟ ଓ ସ୍ୱାଧୀନ ଇଚ୍ଛା -ପ୍ରଚୋଦିତ। ଏମିତି ଏକ ଗଭୀର ଆଶାବାଦୀ, ଗଭୀର ସକାରାତ୍ମକ ଦୃଷ୍ଟିକୋଣ ନେଇ ଆମକୁ ମଧ୍ୟ ବଞ୍ଚିବାକୁ ହେବ ବର୍ତ୍ତମାନର ଅଶାନ୍ତ, ଅରାଜକ, ବହୁଧା ବିଭାଜିତ କାଳଖଣ୍ଡରେ। କ୍ଷମତାଲିପ୍‌ସୁ ଓ ଆତ୍ମଘୋଷିତ ଗୁରୁମାନଙ୍କ ଅନ୍ଧ ଅନୁଗାମୀମାନେ ଆମକୁ ଶିଖାଇ ଚାଲିଥିବା ଅଖଣ୍ଡ ଆନୁଗତ୍ୟର ମନ୍ତ୍ରସବୁକୁ ଭୁଲିଯାଇ ଖୋଜିବାକୁ ହେବ ମୁକ୍ତ ଆତ୍ମଅଭିବ୍ୟକ୍ତିର ମାର୍ଗ। ଆତ୍ମଅଭିବ୍ୟକ୍ତିର ସ୍ୱାଧୀନତା ଯେଉଁଠି ଥିବ, ସେଇଠି ଉଦାର ଗଣତାନ୍ତ୍ରିକ, ଭେଦଭାବହୀନ ଧର୍ମୀୟ ତଥା ବିଶ୍ୱଜନୀନ ମୂଲ୍ୟବୋଧର ସକ୍ରିୟ ପୃଷ୍ଠପୋଷକତା କରୁଥିବା ସତ୍‌ମଣିଷମାନଙ୍କର ଆବିର୍ଭାବ ଯୁଗେ ଯୁଗେ ହୋଇଚାଲିଥିବ -ଏହା ନିଃସନ୍ଦେହ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

ବିଶ୍ୱର ସର୍ବବୃହତ ଖଦି ତ୍ରିରଙ୍ଗା ଓ ଆତ୍ମନିର୍ଭରଶୀଳ ଭାରତ

ମନୋଜ କୁମାର

କଚ୍ଛର ଶ୍ୱେତ ମରୁଭୂମି, ଯେଉଁଠାରେ ପୃଥିବୀ ଓ ଆକାଶର ଦିଗନ୍ତ ଦେଖାଯାଏ, ତାହା ଏବେ ନୂତନ ଭାରତର ପରିବର୍ତ୍ତିତ ଆତ୍ମବିଶ୍ୱାସର ଏକ ଜୀବନ୍ତ ପ୍ରତୀକରେ ପରିଣତ ହୋଇଛି। ଏହି ବିଶାଳ ପରିସର ମଧ୍ୟରେ ଗତ ଗଣତନ୍ତ୍ର ଦିବସ ଅବସରରେ ବିଶ୍ୱର ସର୍ବବୃହତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗାର ଏକ ଭବ୍ୟ ଓ ଦିବ୍ୟ ପ୍ରଦର୍ଶନ ଆୟୋଜନ ହୋଇଥିଲା। ଏହା କେବଳ ଏକ କାର୍ଯ୍ୟକ୍ରମ ନଥିଲା, ବରଂ ସ୍ୱଦେଶୀ ପରମ୍ପରା, ଜାତୀୟ ସଂକଳ୍ପ ଓ ସମସାମୟିକ ଭାରତର ବିକାଶ ଦୃଷ୍ଟିକୋଣର ଏକ ଶକ୍ତିଶାଳୀ ସାର୍ବଜନୀନ ପ୍ରକାଶନ ଥିଲା। ଦେଶର କାରିଗର, ସଶସ୍ତ୍ର ବାହିନୀର କର୍ମଚାରୀ ଏବଂ ସାଧାରଣ ନାଗରିକମାନେ ଏହି ଅଦ୍ଭୁତ, ଅବିଶ୍ୱସନୀୟ ଓ ଅକଳ୍ପନୀୟ ଦୃଶ୍ୟର ସାକ୍ଷୀ ଥିଲେ। ଏହା ଏକ ନୂତନ ଇତିହାସ ସୃଷ୍ଟି କଲା। କାରଣ ସମଗ୍ର ଦେଶର ଲକ୍ଷାଧିକ ଖଦି କାରିଗର ଭିଡିଓ ବାର୍ତ୍ତା ମାଧ୍ୟମରେ ଜାତୀୟ ପତାକାକୁ ସଲାମ ଜଣାଇ ଏକ ଅଦ୍ୱିତୀୟ ଅଭିଲେଖ ସ୍ଥାପନ କରିଥିଲେ।

ଏହି ତ୍ରିରଙ୍ଗା କେବଳ ଏକ ବସ୍ତ୍ରର ପ୍ରସାର ନୁହେଁ, ବରଂ ଏକ ଚିନ୍ତାଧାରାର ପ୍ରସାର। ଯେଉଁ ଖଦିକୁ କେବେ ସ୍ୱାଧୀନତା ଆନ୍ଦୋଳନର ଆତ୍ମା ବୋଲି କୁହାଯାଉଥିଲା, ସେହି ଖଦିକୁ ଆଜି ସ୍ୱାବଲମ୍ବୀ ଭାରତର ଶକ୍ତି ଭାବେ ପୁନର୍ବ୍ୟାଖ୍ୟା କରାଯାଉଛି। ମହାତ୍ମା ଗାନ୍ଧୀଙ୍କ କଥା 'ଖଦି ହେଉଛି ଭାରତର ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ' - ଆଧୁନିକ ଭାରତ ପରିପ୍ରେକ୍ଷୀରେ ଏକ ନୂତନ ଅର୍ଥ ସହ ଜୀବନ୍ତ ହୋଇଉଠିଛି।

ଏହି ଜାତୀୟ ପୁନରୁତ୍ଥାନକୁ ବୁଝିବା ପାଇଁ ଭୁଜ ସହରକୁ ଦେଖିବା ହିଁ ପର୍ଯ୍ୟାପ୍ତ। ଏକ ଭୟାବହ ଭୂମିକମ୍ପ ଏହି ସହରକୁ ଗଭୀର ଆଘାତ ପହଞ୍ଚାଇଥିଲା। କିନ୍ତୁ ସେହି ସଙ୍କଟକାଳୀନ ମୁହୂର୍ତ୍ତରେ ଜଣେ ନେତା ପୁନର୍ନିର୍ମାଣକୁ କେବଳ ଆବଶ୍ୟକତା ଭାବେ ନୁହେଁ, ବରଂ ଏକ ସୁଯୋଗ ଭାବେ ଦେଖିଥିଲେ। ସେତେବେଳର ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଯୋଜନାବଦ୍ଧ ସହରୀକରଣ, ସୁଦୃଢ଼ ପ୍ରାଥମିକ ଢାଞ୍ଚା ଉନ୍ନୟନ ଓ ସମୁଦାୟର ପୁନଃସ୍ଥାପନା ମାଧ୍ୟମରେ ଭୁଜର ପୁନର୍ଜନ୍ମ ଘଟିଥିଲା। ୨୫ ବର୍ଷର ପୁନଃନିର୍ମାଣ ପରେ ଭୁଜ ଏବେ ଆଗକୁ ବଢ଼ୁଛି। ଏହା ଏହି ସତ୍ୟର ଏକ ସ୍ପଷ୍ଟ ପ୍ରମାଣ ଯେ, ଯେତେବେଳେ ନେତୃତ୍ୱରେ ସ୍ପଷ୍ଟ ଦୃଷ୍ଟିକୋଣ ଓ ଦୃଢ଼ ସଙ୍କଳ୍ପ ଥାଏ, ସେତେବେଳେ ବିପର୍ଯ୍ୟୟ ମଧ୍ୟ ବିକାଶର ଏକ ମୁଖବନ୍ଧ ହୋଇପାରେ।

ଭୌଗୋଳିକ ଦୃଷ୍ଟିକୋଣରୁ ସୀମାଞ୍ଚଳ ଅଞ୍ଚଳରେ ଅବସ୍ଥିତ ହେବାରୁ ଭୁଜର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି। ଏଠାରେ ଉନ୍ନତି ଓ ସୁରକ୍ଷା ପରସ୍ପର ବିରୋଧୀ ନୁହେଁ, ବରଂ ପରସ୍ପର ପରିପୂରକ। ସଦା ସଚେତନ ଭାବରେ ଭାରତୀୟ ସେନାନୀମାନଙ୍କର ସତର୍କ ଉପସ୍ଥିତି ଆମକୁ ସ୍ମରଣ କରାଏ ଯେ, ଜାତିର ଆର୍ଥିକ ଅଗ୍ରଗତି ତାହାର କୌଶଳଗତ ସ୍ଥିରତା ଉପରେ ନିର୍ଭରଶୀଳ। 'ଅପରେସନ୍ ସିନ୍ଦୂର' ର ପ୍ରେରଣାଦାୟକ ଆତ୍ମାରୁ ପ୍ରେରିତ ହୋଇ, ବିଶ୍ୱର ସର୍ବବୃହତ ପ୍ରତୀକାତ୍ମକ ଖଦି ତ୍ରିରଙ୍ଗାକୁ ଜଣାଇଥିବା ସଲାମ ବାସ୍ତବରେ ସେହି ଅସଂଖ୍ୟ ବୀର ସନ୍ତାନମାନଙ୍କ ପ୍ରତି ଜାତିର ସାମୂହିକ କୃତଜ୍ଞତାର ପ୍ରତୀକ, ଯାହାଙ୍କର ତ୍ୟାଗ ଓ ବଳିଦାନ ଦେଶର ଉନ୍ନତିର ଅବିରତ ଧାରାକୁ ସୁନିଶ୍ଚିତ କରିଥାଏ। ଯଦି ତ୍ରିରଙ୍ଗା ଜାତୀୟ ଗୌରବର ପ୍ରତୀକ, ତେବେ ଖଦି ସେହି ଗୌରବର ଆତ୍ମା। ପ୍ରଧାନମନ୍ତ୍ରୀ ଶ୍ରୀମୋଦୀଙ୍କ କହିବା ଅନୁଯାୟୀ, 'ଖଦି କେବଳ ଏକ ବସ୍ତ୍ର ନୁହେଁ, ବରଂ ଏହା ସ୍ୱାବଲମ୍ବୀ ଭାରତର ଏକ ଚିନ୍ତାଧାରା ଓ ଜନଆନ୍ଦୋଳନ।'

ଏହି ଜନଆନ୍ଦୋଳନ ସମଗ୍ର ଜାତିକୁ ନୂତନ ଉତ୍ସାହ ଓ ସଚେତନତାରେ ପ୍ରେରିତ କରିଛି। 'ଗ୍ରାମ ସ୍ୱରାଜ'ର ମହାନ ଧାରଣା ଏବେ ପ୍ରାୟୋଗିକ ଅର୍ଥନୀତିରେ ପରିଣତ ହେଉଥିବା ପ୍ରତୀକ ହୋଇଛି। ଖଦି ଓ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ପରିମାଣ ୧.୭୦ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି ଏବଂ ଶୀଘ୍ର ୨ ଲକ୍ଷ କୋଟି ଟଙ୍କାର ସୀମା ସ୍ପର୍ଶ କରିବାକୁ ଯାଉଛି। ଏହି କ୍ଷେତ୍ର ଦୁଇକୋଟିରୁ ଅଧିକ ଲୋକଙ୍କୁ ଜୀବିକାର ସୁଯୋଗ ପ୍ରଦାନ କରି ଗ୍ରାମୀଣ ଭାରତକୁ କେବଳ ଉପଭୋକ୍ତା ଭାବେ ନୁହେଁ ବରଂ ଉତ୍ପାଦନଶୀଳ ଓ ସ୍ୱାବଲମ୍ବୀ ଶକ୍ତି ରୂପେ ସ୍ଥାପିତ କରିଛି। ଗତ ୧୧ ବର୍ଷ ମଧ୍ୟରେ ୨.୪୮ ଲକ୍ଷରୁ ଅଧିକ ମେସିନ୍ ଏବଂ ଟୁଲକିଟ୍ ବଣ୍ଟନସୂଚାଇ ଦେଉଛି ଯେ ଭାରତର ବିକାଶ ଆଉ ମହାନଗରଗୁଡ଼ିକରେ ସୀମିତ ନାହିଁ। ଏହା ଗ୍ରାମ, କୁଟୀର ଶିଳ୍ପ ଓ ପାରମ୍ପରିକ କାରିଗରମାନଙ୍କ ମାଧ୍ୟମରେ ଏକ ବ୍ୟାପକ ସାମାଜିକ ଭିତ୍ତିଭୂମି ହାସଲ କରୁଛି। ଏହି ପରିବର୍ତ୍ତନର ମୂଳରେ ଅଛି ଶ୍ରମର ମର୍ଯ୍ୟାଦା। ଖଦି କାରିଗରଙ୍କ ମଜୁରୀ ପ୍ରତି ହ୍ୟାଙ୍କ ପାଇଁ ୧୫ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକୁ ୨୦ ଟଙ୍କାକୁ ବୃଦ୍ଧି କରିବାର ଯୋଜନା ରହିଛି।

ଡିଜିଟାଲ୍ ଯୁଗରେ ପ୍ରତୀକଗୁଡ଼ିକର ଶକ୍ତି ଆହୁରି ବୃଦ୍ଧି ପାଇଛି। ହାସଟ୍ୟାଗ୍ ଆଇକନିକ୍‌ଖଦିତିରଙ୍ଗା ସାମାଜିକ ଗଣମାଧ୍ୟମରେ ୨୦ ନିୟୁତରୁ ଅଧିକ ଦର୍ଶନ ହାସଲ କରିବା କେବଳ ପ୍ରଶଂସାର ଏକ ସଙ୍କେତ ନୁହେଁ, ବରଂ ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ। ଏହି ପ୍ରତୀକ ସହିତ ସଂଯୋଗ ସୂଚାଇ ଦିଏ ଯେ ନୂତନ ପିଢ଼ି ବିଶ୍ୱ ଆକାଂକ୍ଷା ସହିତ, ସମାନ ବିଶ୍ୱାସ ସହିତ ଏହାର ସାଂସ୍କୃତିକ ପରିଚୟକୁ ଗ୍ରହଣ କରିବାକୁ ଇଚ୍ଛୁକ। ଭୁଜର ପୁନରୁତ୍ଥାନ, ଖଦିର ପୁନର୍ଜୀବନ ଏବଂ ଗ୍ରାମ ସ୍ୱରାଜର ନୂତନ ସଚେତନତା ଏକତ୍ରିତ ହୋଇ ଏମିତି ଏକ ଭାରତ ଗଢୁଛି, ଯାହା କେବଳ ସମ୍ଭାବନାର ନୁହେଁ, ବରଂ ସାଧନାର ଭାରତ ଆତ୍ମବିଶ୍ୱାସୀ, ସ୍ୱାବଲମ୍ବୀ ଓ ଦୃଢ଼ କୁଶଳୀ। ●

ଅଧ୍ୟକ୍ଷ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ,
ଭାରତ ସରକାର

ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବପ୍ରକାଶିତ ଉତ୍ତାରୁ...

'ଅଙ୍ଗୁତ୍ତର ନିକାୟ'ରେ ଉଲ୍ଲେଖ ମୁତାବକ ବୁଦ୍ଧ ସେମାନଙ୍କୁ ନିଜର କିଛି ନଖ ଓ କେଶ ପ୍ରଦାନ କରିଥିଲେ ସ୍ମୃତି ସ୍ୱରୂପ। ଦୁଇଭ୍ରାତା ଏହି ପବିତ୍ର ପଦାର୍ଥକୁ ନିଜର ଜନ୍ମ ସ୍ଥାନ 'ଅସିତାଞ୍ଜନ'କୁ ନେଇ ଚିତ୍ତାକର୍ଷକ ଚୈତ୍ୟ ନିର୍ମାଣ କରି ସେଥିରେ ସେହି ପବିତ୍ର ପଦାର୍ଥକୁ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ତପସ୍ସୁ ଜଣେ 'ସୋତାପନ୍ନ' (ସିଦ୍ଧିର ଚାରିଗୋଟି ସ୍ତର ମଧ୍ୟରୁ ଏହା ପ୍ରାରମ୍ଭିକ ବା ପ୍ରଥମ ସ୍ତର) ରୂପେ ପରିଣତ ହୋଇଥିଲେ। ପରେ 'ଦବାଚକ' ଭାବରେ ଜଣେ ଖ୍ୟାତିସଂପନ୍ନ ଉପାସକ ଭାବେ ତାଲିକାଭୁକ୍ତ ହୋଇ ପାରିଥିଲେ। ଅନ୍ୟପକ୍ଷରେ ଭଲ୍ଲିକ ସଂଘରେ ପ୍ରବେଶ କରି ଜଣେ ଅର୍ହତ ହୋଇପାରିଥିଲେ।

ଏହି ତପସ୍ସୁ-ଭଲ୍ଲିକ ବୃତ୍ତାନ୍ତ ବୌଦ୍ଧ ଜଗତରେ ଏତେ ଲୋକପ୍ରିୟତା ତଥା ଗ୍ରହଣୀୟତା ଅର୍ଜନ କରିଥିଲା ଯେ ପରବର୍ତ୍ତୀକାଳରେ ଏହା ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ କାହାଣୀର ରୂପ ନେଇ ଉପସ୍ଥାପିତ ହୋଇଥିଲା। ଉଦାହରଣ ସ୍ୱରୂପ ସିଂହଳର 'ପୂଜାବଲୀୟ'ରେ ଏହି ଦୁଇ ବଣିକ ଭ୍ରାତା ସେହି ଦେଶର ପୂର୍ବତଟ ଅଞ୍ଚଳ ପରିଦର୍ଶନ କରିଥିବା ଏବଂ ସେଠାରେ ଏକ ଚୈତ୍ୟ ନିର୍ମାଣ କରିଥିବା ବିଷୟ ବର୍ଣ୍ଣନା କରାଯାଇଛି। ଏହି ପ୍ରସଙ୍ଗ ସେ ଦେଶରେ ଏତେ ଲୋକପ୍ରିୟତା ହାସଲ କରିଥିଲା ଯେ ଏହାର ସମର୍ଥନରେ ବିଭିନ୍ନ ଅଭିଲେଖୀୟ ପ୍ରମାଣ ମଧ୍ୟ ସୃଷ୍ଟି କରାଯାଇଛି। ସେହିଭଳି ବର୍ମା (ବର୍ତ୍ତମାନ ମ୍ୟାଁମାର)ର ପ୍ରାଚୀନ ଉପାଖ୍ୟାନରେ ବର୍ଣ୍ଣନା କରାଯାଇଛି ତପସ୍ସୁ (ତପୂସ) ଓ ଭଲ୍ଲିକ (ପାଲେକତ) ଯେଉଁମାନେ କି ଓକ୍କଳ ସହରର ନିବାସୀ, ସେମାନେ ଅଜ୍ଜିତ୍ତ ବନ୍ଦରରେ ପହଞ୍ଚିବା ପରେ ସୂୱାମ ଅଞ୍ଚଳକୁ ଗଲେ ଏବଂ ସେଠାରୁ ରାଜଗୃହ ଯାତ୍ରା କରି ଭାଗବାନ ବୁଦ୍ଧଙ୍କୁ ଗୟା ନିକଟ ଉରୁବେଳାଠାରେ ଭେଟି ପାରିଥିଲେ। ଏହି ଅଜ୍ଜିତ୍ତ ବନ୍ଦରକୁ ତାମ୍ରଲିପ୍ତ ତଥା ସୂୱାମକୁ ସୂହ୍ମ ରାଜ୍ୟ ଭାବେ ବର୍ଣ୍ଣନା କରାଯାଇଛି। ଯଦିଚ ଏହି ଉପାଖ୍ୟାନରେ ବଣିକ ଦୁଇଭାଇଙ୍କୁ ବର୍ମାର ବାସିନ୍ଦା ଭାବରେ ଉପସ୍ଥାପିତ କରାଯାଇଛି ଏବଂ ସେମାନଙ୍କୁ ଇରାବତୀ (ଇରାବଦୀ) ନଦୀ ମୁହାଣର ତ୍ରିକୋଣ ଭୂମିର ଓକ୍କଳବଠାରେ ସ୍ଥାନିତ କରିବା ଏସବୁ କେବଳ ଉତ୍କଳ ଦେଶର ଅନ୍ୟ ଏକ ବର୍ଣ୍ଣନା। ଏଥିରେ ଉତ୍କଳକୁ ଏକ ସହର ଭାବେ ଉଲ୍ଲେଖ କରାଯାଇଛି।



ଓଡ଼ିଶାର ବୌଦ୍ଧ ପରମ୍ପରା

'ଲଳିତବିସ୍ତର' ଓ 'ମହାବସ୍ତୁ' ଆଦି ପରବର୍ତ୍ତୀ ବୌଦ୍ଧ ସାହିତ୍ୟରେ ଉତ୍କଳକୁ ତପସ୍ସୁ ଓ ଭଲ୍ଲିକଙ୍କର ଜନ୍ମସ୍ଥାନ ଭାବେ ଉଲ୍ଲେଖ କରାଯାଇଛି ଏବଂ ଉତ୍କଳ ଭାରତର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ବୋଲି ଦର୍ଶା ନ ଯାଇ ଏହାକୁ ଉତ୍ତର-ପଶ୍ଚିମ, ଅର୍ଥାତ୍ ଉତ୍ତରାପଥରେ ଅବସ୍ଥିତ ହୋଇଥିବା କୁହାଯାଉଛି। 'ଲଳିତବିସ୍ତର'ରେ ଉତ୍କଳ ନାମକ ସହର ଉତ୍ତରାପଥରେ ରହିଥିବା ଦର୍ଶାଯିବା ସହ ସେହି ଅଞ୍ଚଳର ଅନ୍ୟ ଦୁଇଟି ସହର କେଶସ୍ଥଳୀ ଓ ଭଲ୍ଲୁଖୋ ବୋଲି ଦର୍ଶାଯାଇ ସେଠାରେ ତପସ୍ସୁ ଓ ଭଲ୍ଲିକ ଦୁଇ ଭାଇ ବୁଦ୍ଧଙ୍କ କେଶ ଓ ନଖ ଧାତୁକୁ କେଶସ୍ତୂପ ଓ ନଖସ୍ତୂପ ନିର୍ମାଣ କରାଇ ସ୍ଥାପିତ କରିଥିବା ଉଲ୍ଲେଖ କରାଯାଇଛି। ଚୀନ ପରିବ୍ରାଜକ ହୁଏନସାଂ ମଧ୍ୟ ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣରେ ଆସିଥିବା ସମୟରେ ଏହି ଦୁଇଟି ଯାକ ସହର ତାଙ୍କ ସମୟରେ ଭାରତର ଉତ୍ତର-ପଶ୍ଚିମ ଭାଗରେ ରହିଥିବା କଥା ଦର୍ଶାଇଛନ୍ତି। ସେ କହିଛନ୍ତି 'ରାଜଧାନୀ ବଲଖ(ବର୍ତ୍ତମାନ ଆଫଗାନସ୍ଥାନରେ) ଠାରୁ ଉତ୍ତର-ପଶ୍ଚିମକୁ ପଚାଶ ଲି (ପ୍ରାୟ ପଚିଶ କି.ମି) ଦୂରରେ ତି-ୱେଇ ସହର ଏବଂ ଚାଳିଶ ଲି ଉତ୍ତର ଦିଗକୁ ପୋ-ଲି ସହର ଅବସ୍ଥିତ।' ଏହି ଦୁଇଟି ସହରକୁ ତପସ୍ସୁ ଓ ଭଲ୍ଲିକ ସହର ଭାବରେ ଚିହ୍ନଟ କରାଯାଇଛି।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଜମି ବିକ୍ରି ନାଁରେ ଜାଲିଆତି କରି ୩.୫ କୋଟି ଠକେଇ

ଅଭିଯୁକ୍ତକୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ, ୧୩।୨ (ସମିସ): ପିପିଲି ଅଞ୍ଚଳରେ ଜମି ବିକ୍ରି ନାଁରେ କୋଟିକୋଟି ଟଙ୍କା ଠକେଇ ଘଟଣାର ଅଭିଯୁକ୍ତ କେଳୁଚରଣ ବେହେରା ଓରଫ୍ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ହାଇକୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି। ଅଭିଯୁକ୍ତଜଣଙ୍କ ଦୁରାରୋଗ୍ୟରେ ପୀଡ଼ିତ ତଥା ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧ଲକ୍ଷ ଟଙ୍କାର ଜାମିନ ବଣ୍ଡ ସହ ଦୁଇଜଣ ଜାମିନଦାର ବଦଳରେ ହାଇକୋର୍ଟ ଏହି ସର୍ତ୍ତମୂଳକ ଜାମିନ ମଂଜୁର କରିଛନ୍ତି। ସେହିଭଳି ଅଦାଲତଙ୍କ ବିନା ଅନୁମତିରେ ସେ ଦେଶ ବାହାରକୁ ଯାଇପାରିବେ ନାହିଁ ଏବଂ ନିମ୍ନ ଅଦାଲତରେ ପାସ୍‌ପୋର୍ଟ ଦାଖଲ କରିବେ। ପ୍ରତି ଶୁଣାଣି ସମୟରେ କୋର୍ଟରେ ହାଜର ହେବେ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ନିଜର ବର୍ତ୍ତମାନର ଠିକଣା ଓ ମୋବାଇଲ ନମ୍ବର ପ୍ରଦାନ କରିବେ। ସର୍ତ୍ତ ଉଲ୍ଲଂଘନ କଲେ, ତାଙ୍କ ବିରୋଧରେ ନୂତନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଛି। ମାମଲାରୁ ପ୍ରକାଶ ଯେ ମୃତ ବ୍ୟକ୍ତିଙ୍କୁ ଜମି ମାଲିକ ସଜାଇବା ସହ ଜାଲ୍ ଦଲିଲ୍ ଦେଖାଇ ବିଭିନ୍ନ ଲୋକଙ୍କଠାରୁ ୩ କୋଟି ୫୦ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୁକ୍ତଙ୍କ ବିରୋଧରେ ପିପିଲି ଥାନାରେ ତିନୋଟି ପୃଥକ ମାମଲା ରୁଜୁ ହୋଇଥିଲା।

କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଗୁରୁତର

ମସ୍ତିଷ୍କାଘାତ ପରେ ଘରୋଇ ହସ୍ପିଟାଲ୍‌ର ଆଇସିୟୁରେ ଭର୍ତ୍ତି

କଟକ,୧୩।୨(ସମିସ): ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଗୁରୁତର ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତକାଲି ସନ୍ଧ୍ୟାରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମୟରେ ସେ ହଠାତ୍ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ପ୍ରଥମେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏହା ପରେ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସାହିତ୍ୟ ସଭାରେ ସେ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବା ସହ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ପରିବାରଲୋକେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।

ପ୍ରକାଶଥାଉ କି, ୧୯୭୦ ମସିହାରୁ ଓଡ଼ିଆ ସଙ୍ଗୀତ ଜଗତ ସହ ଜଡ଼ିତ ଗୀତା ନିଜର ମଧୁର ସ୍ୱର ପାଇଁ ଘରେ ଘରେ ପରିଚିତ। ବିଶେଷକରି ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସହ ତାଙ୍କର ଅନେକ ଡୁଏଟ୍ ଗୀତ ଆଜି ମଧ୍ୟ ଶ୍ରୋତାଙ୍କ ମନରେ ସତେଜ ରହିଛି। ଫୁର୍ କିନା ଉଡ଼ିଗଲା ବଣି, ଏମିତି ପୁଅକୁ ମୁଁ ବାହା ହୁଅନ୍ତି, ବାହା ମୁଁ ହେବି, ଏବଂ ମୋ ଦେହରେ ଭଳି ଅନେକ କାଳଜୟୀ ଗୀତ ଗାଇ ସେ ଓଡ଼ିଆ ସଙ୍ଗୀତକୁ ସମୃଦ୍ଧ କରିଛନ୍ତି।

ଘରୋଇ ଜମି ଡିମାର୍କେସନ ବେଳେ ପୁଲିସର ଉପସ୍ଥିତି

ଗୃହ ବିଭାଗ ଗଣିବେ ୨ଲକ୍ଷ, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୨(ସମିସ): ଜୟନ୍ତୀ ମୁଣ୍ଡା ନାମକ ଜଣେ ଆଦିବାସୀ ମହିଳାଙ୍କ ମାନବାଧିକାର ଉଲ୍ଲଘଂନ ଘଟଣାରେ ରାଜ୍ୟ ସରକାରଙ୍କୁ ୨,୦୦,୦୦୦ (ଦୁଇ ଲକ୍ଷ) କ୍ଷତିପୂରଣ ଦେବାକୁ ରାଜ୍ୟ ମାନବିକ ଅଧିକାର କମିଶନ ଆଦେଶ ଦେଇଛନ୍ତି। ଅଭିଯୋଗକାରୀ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଥାନା ନୟାପଲ୍ଲୀ ଗ୍ରାମର ବାସିନ୍ଦା ଜୟନ୍ତୀ ମୁଣ୍ଡା ଓ ତାଙ୍କ

ସନ୍ଦେହ ଘେରରେ ପୁଲିସର ଭୂମିକା

ସ୍ୱାମୀ ହରିଚରଣ ମୁଣ୍ଡା। ସେମାନେ ଅଭିଯୋଗ କରିଥିଲେ ଯେ ପ୍ଲଟ୍ ନଂ ୬୫, ଖାତା ନଂ ୪୬/୩୨ ଉପରେ ସେମାନଙ୍କ ଦଖଲ ଥିଲା। ଗତ ୨୦୨୩ ମସିହା ଡିମାର୍କେସନ ସମୟରେ ତାଙ୍କ ଘର ଛାଉଣି ଭଙ୍ଗାଯାଇଥିଲା। ଘଟଣା ସମୟରେ ପୁଲିସ୍ ଉପସ୍ଥିତ ଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ପୁଲିସ୍ ଓ ପ୍ରଶାସନିକ ତଦନ୍ତ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇଥିଲା।

ତଦନ୍ତ ରିପୋର୍ଟ ଅନୁସାରେ ଜମି ବିବାଦଟି ସିଭିଲ୍ ପ୍ରକୃତିର। ତହସିଲଦାରଙ୍କ ଉପସ୍ଥିତିରେ ଡିମାର୍କେସନ କାର୍ଯ୍ୟ ହୋଇଥିଲା। ଅଭିଯୋଗକାରୀଙ୍କ ଦ୍ୱାରା କୁହାଯାଇଥିବା ସରକାରୀ ଘର ଭଙ୍ଗାଯାଇଥିବା ଅଭିଯୋଗ ପ୍ରମାଣିତ ହୋଇ ନ ଥିଲା। ତଥାପି ଘଟଣା ସମୟରେ ପୁଲିସ୍ ଉପସ୍ଥିତି ଥିବା ସ୍ପଷ୍ଟ ହୋଇଥିଲା। ଆୟୋଗ ଦେଖିଲେ ଯେ ଜମି ବିବାଦ ସିଭିଲ୍ ପ୍ରକୃତିର ହେଉଥିବା ସତ୍ତ୍ୱେ ପୁଲିସ୍ ହସ୍ତକ୍ଷେପ ଓ ଡିମାର୍କେସନ ସମୟରେ ଉପସ୍ଥିତି ଆଇନଗତ ସୀମା ଅତିକ୍ରମ। ଅଭିଯୋଗକାରୀଙ୍କ ଏଫ୍‌ଆଇଆର୍ ଗ୍ରହଣ ନ କରିବା ନେଇ ସନ୍ଦେହ ରହିଛି। ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜୀବନ ଓ ମର୍ଯ୍ୟାଦାର ଅଧିକାର ଉଲଂଘନ। ଆୟୋଗ ନିମ୍ନଲିଖିତ ସୁପାରିସ କରିଛନ୍ତି ଯେ ଗୃହ ବିଭାଗ ମାଧ୍ୟମରେ ଜୟନ୍ତୀ ମୁଣ୍ଡାଙ୍କୁ ୨ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯାଉ। ସମ୍ପୃକ୍ତ ତତ୍କାଳୀନ ଆଇଆଇସି ବିରୋଧରେ ବିଭାଗୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ। ଅଭିଯୋଗକାରୀ ଓ ତାଙ୍କ ପରିବାରକୁ ଆଗାମୀ ଦିନରେ ସୁରକ୍ଷା ପ୍ରଦାନ କରାଯାଉ। ତିନି ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଦେଶ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଏସ୍. ପୁଜାହାରୀଙ୍କ ଦ୍ୱାରା ଜାରି କରାଯାଇଛି।

ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲା

୩ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୩।୨(ସମିସ): ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ୩ ଜଣଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଗୋପାଳକୃଷ୍ଣ ଦାସ, ଅନ୍ୱେଷ ନାୟକ ଓ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏଗୁଡିକୁ ଖାରଜ କରିଛନ୍ତି ଜଷ୍ଟିସ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ। ଗୋଳନ୍ଥରା ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ସିବିଆଇକୁ ଏହାର ତଦନ୍ତ ହସ୍ତାନ୍ତର କରାଯାଇଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ମାର୍ଚ୍ଚ ୨୦୨୫ରେ ପ୍ରାୟ ୪୦୦ ପରୀକ୍ଷାର୍ଥୀଙ୍କୁ ପଶ୍ଚିମବଙ୍ଗର ଦୀଘା ଏବଂ ସୁନ୍ଦରବନର ବିଭିନ୍ନ ହୋଟେଲକୁ ନିଆଯାଇ ପରୀକ୍ଷା ପୂର୍ବରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଦେଖାଯାଇଥିଲା। ଏଥିପାଇଁ ଅପରାଧିକ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ବଡ଼ଧରଣର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ କରିବା ପାଇଁ ତଦନ୍ତକାରୀ ସଂସ୍ଥାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିବା ଆବଶ୍ୟକ। ଆଗୁଆ ଜାମିନ ପ୍ରଦାନ ତଦନ୍ତରେ ବାଧା ସୃଷ୍ଟି କରିପାରେ ବୋଲି ଅଦାଲତ କହିଛନ୍ତି। ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା ହୋଟେଲ ଲଗ୍, ବିଲ୍ ଏବଂ ମୋବାଇଲ୍ ଲୋକେସନ ତଥ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ଏହି ଆଧାରରେ ସେମାନଙ୍କୁ ସିବିଆଇ ପକ୍ଷରୁ ନୋଟିସ୍ କରାଯାଇଥିଲା। ସେମାନଙ୍କ ନାମ ଏତଲାରେ ନ ଥିବା ବେଳେ ଗିରଫଦାରୀ ଏଡ଼ାଇବା ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମହାଶିବରାତ୍ରୀ ପରଦିନ ହାଇକୋର୍ଟ ଛୁଟି

କଟକ,୧୩।୨(ସମିସ): ଆସନ୍ତା ଫେବୃଆରି ୧୬ ତାରିଖ ତଥା ମହାଶିବରାତ୍ରୀ ପରଦିନ ସୋମବାର ହାଇକୋର୍ଟ ଛୁଟି ରହିବ ବୋଲି ଜଣାପଡ଼ିଛି। ଏହି ଛୁଟି ବଦଳରେ ଆସନ୍ତା ମେ' ୨ତାରିଖ ଶନିବାରକୁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି। ଆଜି ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶଥାଉକି ମହାଶିବରାତ୍ରୀ ରବିବାର ପଡୁଥିବାରୁ ପରଦିନ ଛୁଟି ଭାବେ ଘୋଷଣା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ୍ ତରଫରୁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିଲା ବୋଲି ଆସୋସିଏସନ୍‌ର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

VEHICLE FOR SALE

TATA LPT 1816, MODEL 2023, Regn. No -OD-02-CP-0966, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

LOST

I, **Usha Gupta,** resident of 11/A/3 Sunny Park, Mohini Mansion, 1st floor, Ballygunge, Kolkata-700019. This is to inform you that we have lost original lease of land deed between government of Odisha and Usha Gupta (my self) dated 28 July 1992 from our residence 11/A/3 sunny park, Ballygunge, Kolkata-700019 of a GA PLOT situated in the city of Bhubaneswar,on 15.01.2026 we have searched a lot but could not trace the same. please feel free to call or whatsapp me for any further queries or questions on **9830200208.**

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ତାରିକ ରହେମାନ...

କରାଯାଇଥିଲା। ୧୨ ତାରିଖ ସକାଳ ସୁଦ୍ଧା ବହୁତ କମ ଲୋକ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଯାଇଥିଲେ। ଅନେକ ସ୍ଥାନରେ କୌଣସି ମତଦାନ ମଧ୍ୟ ହୋଇନାହିଁ। ତେଣୁ ନିର୍ବାଚନକୁ ରଦ୍ଦ କରାଯାଉ ବୋଲି ହସିନା ଦାବି କରିଛନ୍ତି।

ଏହି ଐତିହାସିକ ବିଜୟ ସହ ବିଏନ୍‌ପି ଅଧ୍ୟକ୍ଷ ତାରିକ ରହମାନ ପ୍ରଧାନମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ତାରିକ ଦୁଇଟି ଆସନରୁ ଲଢ଼ିଥିଲେ ଓ ଉଭୟ ଆସନରୁ ବିଜୟୀ ହୋଇଛନ୍ତି। ସେ ଢାକା-୧୭ ଓ ବଗୁରା-୬ ଅଭୟ ଆସନରୁ ବିଜୟୀ ହୋଇଛନ୍ତି। ସେ ଗତ ଡିସେମ୍ବରରେ ଦୀର୍ଘ ୧୭ ବର୍ଷ ପରେ ଲଣ୍ଡନରୁ ନିର୍ବାସନରେ ରହିବା ପରେ ଦେଶକୁ ଫେରିଥିଲେ। ବାଂଲାଦେଶରେ ୩୫ ବର୍ଷ ପରେ କୌଣସି ପୁରୁଷ ନେତା ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ପୁରୁଷ ଭାବେ ଶେଷଥର ପାଇଁ ୧୯୮୮ରେ କାଜି ଜାଫର ଅହମ୍ମଦ ପ୍ରଧାନମନ୍ତ୍ରୀ ହୋଇଥିଲେ। ଏହାପରେ ୧୯୯୧ରୁ ୨୦୨୪ ପର୍ଯ୍ୟନ୍ତ ଦେଶର ରାଜନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲେଦା ଜିୟା ଓ ଶେଖ ହସିନାଙ୍କ ପ୍ରାଧାନ୍ୟ ରହି ଆସିଥିଲା।

ବିଏନ୍‌ପିର ଏହି ବୃହତ ବିଜୟ ଦେଶର କଠୋରପନ୍ଥୀମାନଙ୍କ ପାଇଁ ଝଟ୍‌କା ସଦୃଶ ହୋଇଛି। ବିଶେଷଜ୍ଞମାନେ ବିଏନ୍‌ପିର ଏହି ଏକତରଫା ବିଜୟ ପଛରେ ୩ଟି ମୁଖ୍ୟ କାରଣ ଦର୍ଶାଇଛନ୍ତି। ଶେଖ ହସିନାଙ୍କ ଆୱାମୀ ଲିଗ୍‌ର ଭୋଟ୍, ବିଶେଷ କରି ହିନ୍ଦୁ ଭୋଟରମାନେ ବିଏନ୍‌ପିକୁ ଆଡ଼କୁ ଢଳିଲେ। ସେହିପରି ବାଂଲାଦେଶର ମୁକ୍ତି ସଂଗ୍ରାମକୁ ବିରୋଧ କରିଥିବା ଜମାତ-ଇ- ଇସଲାମୀର ପୁରୁଣା କଳା ଦାଗ ଓ ଇତିହାସକୁ ଲୋକ ଏବେ ଭୁଲିନାହାନ୍ତି। ପୁଣି ଛାତ୍ର ସଂଗଠନର ବିଫଳତା ମଧ୍ୟ ବିଏନ୍‌ପିକୁ ସୁହାଇଥିଲା। ଶେଖ ହସିନାଙ୍କୁ ଶାସନରୁ ହଟାଇଥିବା ଛାତ୍ରମାନଙ୍କର ଦଳ 'ନ୍ୟାସନାଲ ସିଟିଜେନ ପାର୍ଟି' (ଏନ୍‌ସିପି)କୁ ଲୋକମାନେ ପ୍ରତ୍ୟାଖାନ କରିଛନ୍ତି। ନିର୍ବାଚନ ସମୟରେ କେତୋଟି ସ୍ଥାନରେ ହିଂସାକାଣ୍ଡ ଘଟିଥିଲା। ବାଂଲାଦେଶ ନିର୍ବାଚନରେ ଏଥର ୫୯.୪୪ ପ୍ରତିଶତ ମତଦାନ ହୋଇଥିଲା। ୨୦୨୪ରେ ସାଧାରଣ ନିର୍ବାଚନରେ ୪୧.୮ ପ୍ରତିଶତ ମତଦାନ ହୋଇଥିଲା ଅର୍ଥାତ ଏଥର ୧୭ ପ୍ରତିଶତ ଅଧିକ ମତଦାନ ହୋଇଛି। ଏବେ ହସିନାଙ୍କୁ ଭାରତ ସରକାର ଦେଶକୁ ପଠାନ୍ତୁ ବୋଲି ବିଏନପି ପକ୍ଷରୁ ଦାବି ହୋଇଛି। ଦେଶରେ ତାଙ୍କ ବିରୋଧରେ ମାମଲା ଚାଲିବ ବୋଲି କୁହାଯାଇଛି।

ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଏନ୍‌ପିର ଐତିହାସିକ ବିଜୟ ପାଇଁ ତାରିକ୍ ରହମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି ଯେ, ଏହି ବିଜୟ ତାରିକ ରହମାନଙ୍କ ନେତୃତ୍ୱପ୍ରତି ବାଂଲାଦେଶୀବାସୀଙ୍କ ବିଶ୍ୱାସକୁ ଦର୍ଶାଉଛି। ଭାରତ ଏକ ଗଣତାନ୍ତ୍ରିକ, ପ୍ରଗତିଶୀଳ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲୁଥିବା ବାଂଲାଦେଶ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛି। ଶେଖ ହସିନାଙ୍କ ସରକାରର ପତନ ପରେ ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କରେ ଅବନତୀ ହୋଇଥିଲା। ଏବେ ସମ୍ପର୍କକୁ ସୁଦୃଢ଼ କରିବା ନୂଆ ସରକାର ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହେବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଂଲାଦେଶ ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଥିବାରୁ ବିଏନ୍‌ପି ଅଧ୍ୟକ୍ଷ ତାରିକ ରହମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ନିଜର ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ବାଂଲାଦେଶରେ ବିଏନ୍‌ପିର ଏହି ଚମତ୍କାର ବିଜୟ ପାଇଁ ମୋର ଭାଇ ତାରିକ, ତାଙ୍କ ଦଳ ଓ ବାକି ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା। ବାଂଲାଦେଶ ସର୍ବଦା ଭାରତ ସହିତ ସୁସମ୍ପର୍କ ବଜାୟ ରଖୁ।

ନୂଆ ପ୍ରଧାନମନ୍ତ୍ରୀ ଅଫିସ...

୧୯୪୭ରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଏହି କୋଠାରେ ଥିଲା। ଏହା ୭୮ ବର୍ଷ ହେଲା କ୍ଷମତା କେନ୍ଦ୍ର ଥିଲା। ୨୦୧୪ରେ କ୍ଷମତାସୀନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗୁଲାମୀର ପ୍ରତୀକ ହଟାଇବାକୁ ସରକାର ପଦକ୍ଷେପ ନେଇ ଚାଲିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନର୍ଥ ବ୍ଲକ ଏବଂ ସାଉଥ ବ୍ଲକର କୋଠାଗୁଡ଼ିକ ବ୍ରିଟିଶ ଶାସନର ପ୍ରତୀକ ଥିଲା। ଏହି ଭବନ ବ୍ରିଟେନ ମହାରାଜାଙ୍କ ଚିନ୍ତାଧାରାକୁ ଗୋଲାମ ଭାରତରେ ଲାଗୁ କରିବାର ମାଧ୍ୟମ ଥିଲା। ଗୋଲାମର ଏହି ମାନସିକତାରୁ ବାହାରିବା ଜରୁରୀ ଥିଲା। ଦିଲ୍ଲୀର କୋଠାରେ, ଐତିହାସିକ ସ୍ଥଳରେ ଗୋଲାମର ଚିହ୍ନ ରହିଛି। ସ୍ୱାଧୀନ ଭାରତରେ ସହିଦ ହୋଇଥିବା ସୈନିକଙ୍କ ପାଇଁ ସେଠାରେ କୌଣସି ସ୍ମାରକ ନ ଥିଲା। ୨୦୧୪ରେ ଗୋଲାମର ମାନସିକତା ଆଉ ଚଳିବ ନାହିଁ ବୋଲି ଦେଶ ଧାର୍ଯ୍ୟ କରିଥିଲା। ପୁରୁଣା ଭବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କୋଠାକୁ ଭାଙ୍ଗିବା ପରିବର୍ତ୍ତେ ମ୍ୟୁଜିୟମ (ସଂଗ୍ରହାଳୟ) ନିର୍ମାଣ କରାଯିବ। ଏହା ଦ୍ୱାରା ନୂଆ ପିଢ଼ି ଇତିହାସକୁ ବୁଝିପାରିବେ।

ନୂଆ ପିଏମଓରେ ପ୍ରଧାନମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ମଧ୍ୟ ମଞ୍ଜୁରି ଦେଇଛନ୍ତି। ଏହା ମଧ୍ୟରେ ଜରୁରୀ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ, କୃଷି ଭିତ୍ତିଭୂମି ଆଦିକୁ ଅନୁମୋଦନ ଦେଇଛନ୍ତି। ଏଥିରେ 'ପିଏମ ରାହତ ସ୍କିମ' ସାମିଲ ରହିଛି। ଏହା ମାଧ୍ୟମରେ ଦୁର୍ଘଟଣା ପୀଡ଼ିତଙ୍କୁ ତତ୍କାଳ ମେଡିକାଲ ସହାୟତା ସୁନିଶ୍ଚିତ କରାଯିବ। ଯୋଜନାରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାସଲେସ ଚିକିତ୍ସା ମିଳିବ। ସେହିପରି ଲକ୍ଷପତି ଦିଦି ଯୋଜନାର ଲକ୍ଷ୍ୟକୁ ଦୁଇ ଗୁଣ କରି ୩ରୁ ୬ କୋଟି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ସଂସଦରେ ଖଡ୍‌ଗେ...

ମିଳିଥିଲା। ମାତ୍ର ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ସହାୟିକା ଭାବେ ନିଯୁକ୍ତି ଦେବାରୁ ଗ୍ରାମବାସୀ ଏହାର ବିରୋଧ କରିଥିଲେ। କେବଳ ଏତିକି ନୁହେଁ, ଗ୍ରାମବାସୀମାନେ ନିଜ ପିଲାଙ୍କୁ ସେଠାରେ ଖାଦ୍ୟ ଖାଇବାକୁ ଦେଇନଥିଲେ। ଜାତିପ୍ରଥାର କୁତ୍ସିତ ପରମ୍ପରାକୁ ଜାବୁଡ଼ି ଧରି ଗାଁ ଲୋକେ ତାଙ୍କ ଶିଶୁଙ୍କୁ ପାଠ ପଢ଼ିବାକୁ ମଧ୍ୟ ଛାଡୁ ନାହାନ୍ତି। ଫଳରେ ପାଖାପାଖି ତିନିମାସ ହେବ ପିଲାମାନେ ଅଙ୍ଗନବାଡି କେନ୍ଦ୍ରକୁ ଯାଉନାହାନ୍ତି ଏବଂ ମୌଳିକ ଶିକ୍ଷରୁ ବଞ୍ଚିତ ହେଉଛନ୍ତି। ଗଣମାଧ୍ୟମରେ ଉକ୍ତ ଖବର ପ୍ରକାଶିତ ହେବା ପରେ ସାରା ଦେଶରେ ଏହା ଆଲୋଡ଼ନ ସୃଷ୍ଟି କରିଛି।

ଶ୍ମଶାନରୁ ୫ ଶବ...

ବୋଲି ସନ୍ଦେହ କରାଯାଉଛି। ଏଭଳି କୁତ୍ସିତ କାମକୁ ରୋକିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ଏହାକୁ ଗୁରୁତ୍ୱ ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମ ଶ୍ମଶାନରୁ ଶବ ଚୋରି ହେବା ନୂଆ ନୁହେଁ, ୨୦୧୬ ମସିହାରେ ପ୍ରଥମେ ଏହି ଘଟଣା ପଦାକୁ ଆସିଥିଲା। ଏକ ଶିଶୁର ଶବ ପୋତାଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ସେହି ବର୍ଷ ଗ୍ରାମର ଅନାମ ବେହେରାଙ୍କ ଶବକୁ ମଧ୍ୟ କେହି ଚୋରି କରିନେଇଥିଲା। ୨୦୧୭ରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବସନ୍ତ ଦାସ ଓ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ବାସୁଦେବ ଦାସଙ୍କ ଶବକୁ ମଧ୍ୟ ଖୋଳି ନିଆଯାଇଥିବା ଜଣାପଡ଼ିଥିଲା।

ସେହିପରି ଗତ ୨୦୨୩ ଜୁନ ୨୩ ତାରିଖ ରାତିରେ ଏକକାଳୀନ ୩ ଶବ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ସଦ୍ୟ ସଂସ୍କାର ହୋଇଥିବା ୩ଟି ଗାତରୁ ପୋତାଯାଇଥିବା ଶବ ନଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମର ଶ୍ରୀକାନ୍ତ ବେହେରା, ଅକ୍ଷୟ ବେହେରା ଓ ଅନନ୍ତନାଥଙ୍କ ଶବ ଚୋରି ହୋଇଥିଲା। ଖୋଳାଯାଇଥିବା ୩ଟି ଗାତ ନିକଟରୁ ସଂସ୍କାର ସମୟରେ ଶବର ପିନ୍ଧାବସ୍ତ୍ର ପଡିଥିଲା। ଏହାର ୨୨ଦିନ ପୂର୍ବେ ମୃତ୍ୟୁବରଣ କରିଥିବା ଗ୍ରାମର ଅକ୍ଷୟ ଓ ଅନନ୍ତଙ୍କ ସଢ଼ାମାଂସ କଢ଼ାଯାଇ ପଡ଼ିଥିଲା। ୨୦୨୫ ଏପ୍ରିଲ ୧ ତାରିଖରେ ହୃଦଘାତରେ ପ୍ରାଣ ହରାଇଥିବା ଗ୍ରାମର ରୁକ୍ମିଣୀ ସାମଲଙ୍କ ଦଶାହ ପାଳନ ନ ହେଉଣୁ, ଦୁର୍ବୃତ୍ତମାନେ ଶବ ଚୋରି କରିନେଇଥିଲେ।

ଅଚଳ ଆକାଉଣ୍ଟରେ...

୧୦ବର୍ଷ ପୂର୍ବରୁ ଖୋଲା ଯାଇଥିବା ଓ ୧୦ବର୍ଷ ହେଲା ବ୍ୟବହାର ହୋଇନଥିବା ଏକ ଘରୋଇ ବ୍ୟାଙ୍କ ଜମାଖାତାରେ ଏହି ଟଙ୍କା ଜମା ହୋଇଥିବା ସେ ଜାଣିବାକୁ ପାଇଥିଲେ।

ତାଙ୍କ କହିବା ଅନୁସାରେ, ୨୦୧୬ ମସିହାରେ ସେ ଏକ ଘରୋଇ ସଂସ୍ଥାରେ ଇଞ୍ଜିନୟର୍ ଭାବେ କାମ କରୁଥିବା ବେଳେ ଉକ୍ତ ସଂସ୍ଥା ତାଙ୍କ ନାମରେ ଭୁବନେଶ୍ୱର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲା। ଦୁଇତିନି ମାସ ପରେ ଉକ୍ତ ସଂସ୍ଥା ସେହି ବ୍ୟାଙ୍କ ଜମାଖାତାକୁ ବ୍ୟବହାର କରିବା ବନ୍ଦ କରିଦେଇଥିଲା। ଫଳରେ ସେହି ଦିନଠାରୁ ଶ୍ରୀ ଥାଟି ମଧ୍ୟ ଆଉ ବ୍ୟବହାର କରୁନଥିଲେ। ଜମାଖାତାର ଏଟିଏମ୍ ମଧ୍ୟ ଅଚଳ ହୋଇସାରିଛି। ତେବେ ବର୍ତ୍ତମାନ ଧାନ ବିକ୍ରି ଟଙ୍କା ଉକ୍ତ ଆକାଉଣ୍ଟରେ ଜମା ହେବା ପରେ ତାକୁ କେମିତି ଉଠାଇବେ, ସେନେଇ ସେ ଚିନ୍ତାରେ ପଡ଼ିଛନ୍ତି। କିଛି ଦିନ ପରେ ପୁଣି ଆଉ ଏକ ଟୋକନରେ ସେ ଆହୁରି ୭୫ କ୍ୱିଣ୍ଟାଲ ଧାନ ବିକିବେ। ପୁଣି ଉକ୍ତ ଆକଉଣ୍ଟରେ ଟଙ୍କା ଜମା ହେବା ଏକପ୍ରକାର ସ୍ପଷ୍ଟ। ଏମିତିରେ, ସେ ଉକ୍ତ ବ୍ୟାଙ୍କର ଶାଖା ବିଷୟରେ ସୂଚନା ଖୋଜୁଥିବା ବେଳେ ବଲାଙ୍ଗିର କିମ୍ବା ଆଖପାଖ ଜିଲ୍ଲାରେ ବି କୌଣସି ଶାଖା ନ ଥିବା ଜାଣିବାକୁ ପାଇଛନ୍ତି। ଏଥିପାଇଁ ତାଙ୍କୁ ଭୁବନେଶ୍ୱରରେ କିମ୍ବା କୋଲକାତା ଯିବାକୁ ପଡ଼ିବ ବୋଲି ସେ କହିଛନ୍ତି। ତାଙ୍କ ନାମରେ ଅନ୍ୟ ସକ୍ରିୟ ବ୍ୟାଙ୍କ ଜମାଖାତା ରହିଥିବା ବେଳେ ବର୍ଷବର୍ଷ ଧରି ବ୍ୟବହାର ନ ହୋଇ ପଡ଼ି ରହିଥିବା ଆକାଉଣ୍ଟରେ ଧାନବିକ୍ରି ଟଙ୍କା ଜମା ହେବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

କିଛି ଦିନ ତଳେ ଆଗଲପୁର ବ୍ଲକ ନଅଗାଁ(କ)ର ଚାଷୀ ବଳରାମ ପଧାନଙ୍କ କେରଳରେ ଥିବା ଏକ ବ୍ୟାଙ୍କ ଆକାଉଣ୍ଟରେ ଧାନ ବିକ୍ରି ଟଙ୍କା ଜମା ହୋଇଥିଲା। ତାହାକୁ ଉଠାଣ ପାଇଁ ସେ ଯାଇଥିବା ବେଳେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। କିଭଳି ଚାଷୀମାନେ ସରକାରୀ ବିଧିବ୍ୟବସ୍ଥାରେ ଅଣନିଃଶ୍ୱାସୀ ଓ ହଇରାଣ ହେଉଛନ୍ତି, ଏହା ହେଉଛି ତାହାର ଏକ ନଗ୍ନ ନମୁନା।

ମାର୍ଚ୍ଚ ୯ ଯାଏଁ...

ପରେ ସଭାପତିତ୍ୱ କରୁଥିବା ସନ୍ଧ୍ୟା ରାୟ ଲୋକସଭାକୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ଅନ୍ୟପଟେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଆଜି ରାହୁଲ ଗାନ୍ଧୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ ଥିଲେ। ରାହୁଲ କ୍ଷମତା ପାଇଁ ଦେଶକୁ ଭାଗ ଭାଗ କରିବାକୁ ଯୋଜନା କରୁଥିବା ଦୁବେ କହିଥିଲେ। ଅନ୍ୟପଟେ ଅଣସଂସଦୀୟ ଭାଷା ବ୍ୟବହାରକୁ ନେଇ ରାହୁଲଙ୍କ ବିରୋଧରେ କୌଣସି ପ୍ରସ୍ତାବ ଅଣାଯିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ କହିଛନ୍ତି। କାରଣ ଏଭଳି ଏକ ନୋଟିସ ବିଜେପି ସଦସ୍ୟ ପୂର୍ବରୁ ଆଣି ସାରିଛନ୍ତି। ଏହା ପୂର୍ବରୁ ବିରୋଧୀ ଦଳର ସଦସ୍ୟ ସଂସଦ ଭବନର ମକର ଦ୍ୱାର ସାମ୍ନାରେ ବିରୋଧ ପ୍ରଦର୍ଶନ କରିଥିଲେ।

ପତ୍ନୀହନ୍ତାକୁ ଫାଶୀ...

କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବିନତାଙ୍କ ବାପା କାର୍ତ୍ତିକ ସିଂଙ୍କ ଅଭିଯୋଗ ଆଧାରରେ ସହଦେବଖୁଣ୍ଟା ପୁଲିସ ନମ୍ବର ୫୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

୩୪ଜଣ ସାକ୍ଷ୍ୟ, ୧୧୦ ଗୋଟି ଦସ୍ତାବିଜ୍ ଓ ପୁଲିସ ତଦନ୍ତକୁ ଆଧାର କରି କୋର୍ଟ ଚନ୍ଦନକୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ସଂଜୟ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ତାଙ୍କୁ ଏତଲାକାରୀଙ୍କ ତରଫରୁ ନିଯୁକ୍ତ ଆଇନଜୀବୀ ସୁଲଳିତ କର ସହାୟତା କରିଥିଲେ। ଅପରପକ୍ଷେ, ଏହି ଘଟଣାରେ ଅନ୍ୟ ୬ଜଣ ଅଭିଯୁକ୍ତଙ୍କୁ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

WANTED

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | **Location : Bhubaneswar**

Interested candidates can send their CV to
Email: 19sanatang@gmail.com

Contact 7978386707

AFFIDAVIT

I, Mrs KUSHNAZ RAHEMAN, W/o-Md. Muzammilur Rahman Resident of Aradbazar, PS-Sahadevkhunta, Balasore, Pin-756001, Odisha. Declare by this Affidavit No-7238, dt-20/06/2025, Now onwards I Shall be Known as **KHOOSNAZ RAHEMAN** for all future purpose .

ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ନୋଟିସ୍ ନଂ. ୩୧ | ଡା. ୧୩.୦୨.୨୦୨୬

ଟେଣ୍ଡର ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୬-୨୭ ବର୍ଷ ପାଇଁ ନିମ୍ନଲିଖିତ କଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ **ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ)** ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ **ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଅପରାହ୍ନ ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୧୫.୦୨.୨୦୨୬ରିଖ ଠାରୁ ତା.୨୨.୦୨.୨୦୨୬ରିଖ** ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ। ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ। ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ। ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ।

ଟେଣ୍ଡର ପର୍ଯ୍ୟାୟ	ଟେଣ୍ଡର ଗ୍ରହଣ ତାରିଖ ଓ ସମୟ	ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ
ପ୍ରଥମ ପର୍ଯ୍ୟାୟ	ତା.୨୩.୦୨.୨୦୨୬ରିଖ ୧୧ ଘଟିକା	ତା.୨୩.୦୨.୨୦୨୬ରିଖ ୧୨.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ	ତା.୦୨.୦୩.୨୦୨୬ରିଖ ୧୧ ଘଟିକା	ତା.୦୨.୦୩.୨୦୨୬ରିଖ ୧୨.୦୦ ଘଟିକା
ତୃତୀୟ ପର୍ଯ୍ୟାୟ	ତା.୦୯.୦୩.୨୦୨୬ରିଖ ୧୧ ଘଟିକା	ତା.୦୯.୦୩.୨୦୨୬ରିଖ ୧୨.୦୦ ଘଟିକା

କ୍ର.ନଂ.	ଟେଣ୍ଡରର ନାମ	ଧାର୍ଯ୍ୟ ମୂଲ୍ୟ	ଅମାନତ ଦେୟ
୧	ମନ୍ଦିର ସମ୍ମୁଖରେ ଫଟୋ ଉଠା	ଟ.୩୧,୮୭,୫୮୦/-	ଟ.୩,୧୮,୭୫୮/-
୨	ଖୁଣ୍ଟା ମୌଜା ଚାଷ ଜମି	ଟ.୬,୦୦୦/-	ଟ.୬୦୦/-
୩	ଚଇତି ପର୍ବ ଟେଣ୍ଟ, ବାରିକେଡ୍ ଯୋଗାଇବା	ଟ.୧୫,୧୨,୫୦୦/-	ଟ.୧,୫୧,୨୫୦/-
୪	ଚଇତି ପର୍ବ ଲାଇଟ୍, ଜେନେରେଟର ଯୋଗାଇବା	ଟ.୪,୪୪,୪୦୦/-	ଟ.୪୪,୪୪୦/-
୫	ଚଇତି ପର୍ବ ମାଇକ୍ ଯୋଗାଇବା	ଟ.୧,୨୪,୩୦୦/-	ଟ.୧୨,୪୩୦/-
୬	ଚଇତି ପର୍ବ LED Display ଯୋଗାଇବା Video Camera ଓ Steel Photo	ଟ.୬୯/- Per Sqft. (LED Display)	ଟ.୨୫,୦୦୦/-

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

NOTICE
(above 18 years of age)

By virtue of an affidavit sworn before **Executive Magistrate, Udala, Mayurbhanj, dated 04.02.2026**, I, Ashok Kumar Patra Address At - Ambajoda, Po- Taradasol, Ps- Khunta, Dist - Mayurbhanj - 757085 declare that I have changed my name from Ashok Patra to Ashok Kumar Patra. Henceforth I shall be known as **Ashok Kumar Patra** for all purposes.

Ashok Kumar Patra

AFFIDAVIT

By virtue of an affidavit sworn before The Executive Magistrate, G.UDAYAGIRI, DIST: KANDHAMAL (Odisha), dated: 06/02/2026, I, Kanha Arjali, resident of Village: Padasahi, P.O.: G.Udayagiri, P.S.: G.Udayagiri, Dist: Kandhamal, State: Odisha, PIN: 762100, declare that I have changed my son name from Barun Arjali to Krishna Arjali. Henceforth, he shall be known as Krishna Arjali for all purposes.

GOVERNMENT OF ODISHA
DEPARTMENT OF WATER RESOURCE
OFFICE OF THE SUPERINTENDING ENGINEER,
NAHARANGPUR IRRIGATION DIVISION
NABARANGPUR, DIST-NABARANGPUR(ODISHA)
Email id- senidivision@gmail.com

32001/88/2526

Lr. No. 214 | Dated 10.02.2026

E-PROCUREMENT NOTICE
BID IDENTIFICATION NO-SE-NID- 07 /2025-26 (01-03)

1. Nature of the work - Construction of Through wall & Improvement ofServive Road.
2. Total Nos. of works - 03 (Three) Nos.
3. Tender cost of the works- From Rs.9.03 lakhs to Rs.6.91 lakhs (excluding GST)
4. Class of Contractor - 'D' & 'C' Class
5. Period of completion-01 (One) Month
6. Other details as follows:

Procurement Officer	Bid Identification No.	Availability of Bid online		Last date & time of seeking tender clarification	Date & Time & Place of opening of Tender
Superintending Engineer, Nabarangpur Irrigation Division, Naharangpur	SE-NID-07/2025-26(01-03)	16.02.2026 (10.00AM)	25.02.2026 (up to 05.00 PM)	20.02.2026 up to 5.00 PM	26.02.2026 at 11.00 AM in the O/o the Superintending Engineer. Nabarangpur Irrigation Division Nabaranepur.

Further details can be seen from the Government web site www.tendersodislia.gov.in
Addendum/Corrigendum/Cancellation if any required will be published in Govt. website only.

Superintending Engineer
Nabarangpur Irrigation Division
Nabarangpur

OIPR-32001/32361/1/25-26/0002

यूनियन बैंक ऑफ़ इंडिया Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଲୁଇସ୍ ରୋଡ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଲୁଇସ୍ ରୋଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

ଲୁଇସ୍ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା	ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ)	ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ	ସ୍ଥାବର ସମ୍ପତ୍ତିର ବିବରଣୀ
ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ କଳିଙ୍ଗ ସାନିଟାରୀ, **ସ୍ୱତ୍ୱାଧିକାରୀ:** ଶ୍ରୀ ଆଲୋକ ରଞ୍ଜନ ବେଉରା, ପିତା: ଜତିନ୍ଦ୍ର ନାଥ ବେଉରା, **ଠିକଣା-୧:** ଭୁବନେଶ୍ୱର ହୋଟେଲ ନିକଟ, କଟକ ରୋଡ, ଭୁବନେଶ୍ୱର, **ଠିକଣା-୨:** ସା: ତଳ ତେଲେଙ୍ଗା ବଜାର, ପୁରୀ ଘାଟ, କଟକ-୭୫୩୦୦୯, **ଠିକଣା-୩:** ଫ୍ଲାଟ୍ ନଂ.: ୨୧, ରାଣୀ ଅନ୍ନପୂର୍ଣ୍ଣା ଆପାର୍ଟମେଣ୍ଟ, ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଜୟନ୍ତୀ ପରିଡା,** ସ୍ୱାମୀ: ଶ୍ରୀ ଆଲୋକ ରଞ୍ଜନ ବେଉରା, ସା: ଫ୍ଲାଟ୍ ନଂ.: ୨୧, ରାଣୀ ଅନ୍ନପୂର୍ଣ୍ଣା ଆପାର୍ଟମେଣ୍ଟ, ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୪	ଟ.୯,୪୨,୩୦୪.୦୩ + ସେବାବଦ ସୁଧ	୦୧.୦୮.୨୦୧୫ / ୧୦.୦୨.୨୦୨୬	ଶ୍ରୀ ଆଲୋକ ରଞ୍ଜନ ବେଉରାଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୪୫ଡିସିମିଲିରୁ ଏକର୦.୧୫ ଡିସିମିଲି, ଖାତା ନଂ.: ୨୦୧, ପ୍ଲଟ୍ ନଂ.: ୧୧୩୪, ମୌଜା: ଗାଡକଣ, କିସମ: ଶାରଦ-୨, ଜିଲ୍ଲା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗନ୍ଧର୍ବ ପରିଡା, ପଶ୍ଚିମ: ମାଗୁଣି ମଙ୍ଗରାଜ, ଉତ୍ତର: ଭ୍ରମର ଭୋଇ, ଦକ୍ଷିଣ: ଅପର୍ତ୍ତି ଭୋଇ

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୨.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୭୪ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରା

ଭଦ୍ରକ, ୧୩।୨(ସମିସ)

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା–୨୦୨୫-୨୬ (ପର୍ଯ୍ୟାୟ–୧) ଅବସରରେ ଜିଲ୍ଲାର ୭୪ ଶ୍ରଦ୍ଧାଳୁ ପୁରୀ ଯାତ୍ରା କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ଭଦ୍ରକରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ସଚିବ (ବାଣିଜ୍ୟ) ଓ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅରୁଣ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଯୋଜନାର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟର ସାଧାରଣ ଲୋକଙ୍କ ଧାର୍ମିକ ଆସ୍ଥାକୁ ସମ୍ମାନ ଦେଇ ତୀର୍ଥଯାତ୍ରାକୁ ଆହୁରି ସୁବିଧାଜନକ କରିବା ସହ ଜନସାଧାରଣଙ୍କ ଭାଗୀଦାରିକୁ ସୁଦୃଢ଼ କରିବା ଦିଗରେ ଏହି ଯୋଜନାକୁ ଗୁରୁତ୍ୱ ଦିଆଯାଇଛି।

କୀର୍ତ୍ତନ ମଣ୍ଡପରୁ ଚୋରି

ବାରିକପୁର, ୧୩।୨(ସମିସ): ଭଣ୍ଡାରିପୋଖରୀ ଥାନା ସାନମାଳଦା କୀର୍ତ୍ତନ ମଣ୍ଡପରୁ ଚୋରି ହୋଇଥିବା ଜଣାପଡିଛି। ଗାଁ ମୁଣ୍ଡରେ ମଣ୍ଡପ ଥିବା ବେଳେ କେହି ଦୁର୍ବୃତ୍ତ ଶୂନଶାନ ସମୟରେ ଚୋରି କରିଥିବା ସୂଚନା ଦିଆଯାଇଛି। ଭଗବାନ ମୁଣ୍ଡରେ ଥିବା ରୁପା ମୁକୁଟ ଓ ବେକରେ ଥିବା ରୁପାହାରକୁ ଚୋର ଲୁଟି ନେଇଛି। ଆଖପାଖ ଅଞ୍ଚଳର କେହି ଦୁର୍ବୃତ୍ତ ଏଭଳି ଚୋରି କରିଥିବା ଅନୁମାନ କରାଯାଉଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।

କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଉଦ୍ଧାର; ୨ ଗିରଫ

ତିହିଡି, ୧୩।୨ (ସମିସ): ତିହିଡ଼ି କଲେଜକୁ ଫର୍ମ ପୂରଣ କରିବାକୁ ଆସିଥିବା ଜଣେ ଛାତ୍ରୀଙ୍କୁ କାରରେ ଅପହରଣ କରିନିଆଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଛନ୍ତି। କାରକୁ ଭଙ୍ଗାରୁଜା କରିବା ସହ ଦୁଇ ଜଣ ଯୁବକଙ୍କୁ ତିହିଡ଼ି ପୁଲିସକୁ ହସ୍ତାନ୍ତର କରାଯାଇଛି। ସଂପୃକ୍ତ ଛାତ୍ରୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କୁ ତାଙ୍କ ବାପା ଆଜି କଲେଜରେ ଛାଡ଼ି ଚାଲିଯାଇଥିଲେ। ତେବେ ପରୀକ୍ଷା ଫର୍ମ ପୂରଣ ପାଇଁ ସେ ଜେରକ୍ସ ଦୋକାନକୁ ଯାଇଥିବା ବେଳେ ୪ ଜଣ ଯୁବକ ତାଙ୍କୁ କାରରେ ଟେକି ନେଇ ଦ୍ରୁତ ଗତିରେ ଚାଲିଯାଇଥିଲେ। କାରଟି ଦ୍ରୁତ ଗତିରେ ବାଉଁଶବାଗ ଗ୍ରାମ ଭିତରେ ପଶିଯାଇଥିଲା। ରାସ୍ତାରେ କେତେକ ସ୍ଥାନରେ କାଁଭାଁ ଦୁର୍ଘଟଣା ମଧ୍ୟ ଘଟାଇଥିବା ପୁଲିସ କହିଛି। ତେବେ ଗ୍ରାମବାସୀ କାରଟିକୁ ଅଟକାଇବା ପରେ ୨ ଜଣ ଯୁବକ କୌଶଳକ୍ରମେ ଖସିଯାଇଥିବା ବେଳେ ୨ ଜଣ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। କିଛି ଉତ୍ୟକ୍ତ ଲୋକେ କାର ଭଙ୍ଗାରୁଜା କରିଦେଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣାରେ ନିରୁ ଓ ଅନ୍ୟ ଜଣେ ଯୁବକ ଥାନାରେ ଅଟକ ଅଛନ୍ତି। ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି।

ଖୁବଶୀଘ୍ର ଜବରଦଖଲ ଗ୍ରାମ୍ୟଜଙ୍ଗଲ ଜମି ହେବ ରେକର୍ଡ଼ଭୁକ୍ତ

‘ସକାଳ’ ପ୍ରଭାବ

ଅସୁରାଳି, ୧୩।୨ (ସମିସ): ‘ସକାଳ’ରେ ଗ୍ରାମ୍ୟ ଜଙ୍ଗଲ ଜବରଦଖଲ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉକ୍ତ ଜମିକୁ ତୁରନ୍ତ ଚିହ୍ନଟ କରି ରେକର୍ଡଭୁକ୍ତ କରିବାକୁ ତହସିଲଦାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୋଚାରଣ ଭୂମି, ଖେଳ ପଡ଼ିଆ ଓ ଶ୍ମଶାନ ପାଇଁ ଆବଶ୍ୟକ ସୁରକ୍ଷା ଓ ସୁବିଧା ନିଶ୍ଚିତ କରିବାକୁ କୁହାଯାଇଛି। ଗୋବିନ୍ଦପୁର ଗ୍ରାମର ୧୪ ଏକର ଗ୍ରାମ୍ୟ ଜଙ୍ଗଲ ଜମିରୁ ୧୨ ଏକର ଜବରଦଖଲ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗ୍ରାମରେ ୨ହଜାର ପାଖାପାଖି ଲୋକ ବସବାସ କରୁଥିବା ସତ୍ତ୍ୱେ ଗୋଚାରଣ ଭୂମିର ଅଭାବରେ ଲୋକେ ଗୋ-ପାଳନରୁ ବିମୁଖ ହେଉଛନ୍ତି। ଜବରଦଖଲକାରୀଙ୍କ ପ୍ରଭାବରେ ପୋଖରୀ ଖୋଳିବା, ବାଡ଼ ଘେରାଇ ନିଜ ଜମିରେ ମିଶାଇଦେବା ପରି କାର୍ଯ୍ୟରେ ଗ୍ରାମ୍ୟ ଜଙ୍ଗଲ ଭୂମି କ୍ରମାଗତ ଭାବେ ହ୍ରାସ ପାଇଛି। ଗ୍ରାମବାସୀ ପ୍ରଶାସନକୁ ‘ନିରବଦ୍ରଷ୍ଟା’ ଭାବରେ ବର୍ଣ୍ଣନା କରି ଚେତାବନୀ ଦେଇଛନ୍ତି ଯେ ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେବ, ସେମାନେ ରାସ୍ତାକୁ ଓହ୍ଲାଇବେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗ୍ରାମବାସୀଙ୍କ ମଧ୍ୟରେ ଆଶାର ସୃଷ୍ଟି ହୋଇଛି ଯେ ଗ୍ରାମର ହରାଇଥିବା ଜଙ୍ଗଲ ଓ ଗୋଚାରଣ ଭୂମି ପୁନର୍ଜୀବିତ ହେବ।

● କ୍ରିକେଟ ଟୁର୍ଣ୍ଣୋମେଣ୍ଟ

ବାରୋ ଏମ୍‌ଏନ୍‌ସିଟି ଚାମ୍ପିଅନ

ତିହିଡି,୧୩।୨ (ସମିସ): ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ବାବା ନୃସିଂହ ଯୁବ ପରିଷଦ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଚୂଡ଼ାନ୍ତ ଖେଳରେ ବାରୋର ଏମଏନସିଟି ଟିମ ତାଳପଦାର ମା’ ବଡ଼ମ୍ବା କ୍ରିକେଟ ଟିମକୁ ହରାଇ ଚମ୍ପିଅନ ହୋଇଛି। ବାରୋ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୮ ୱିକେଟ ହରାଇ ୩୧୫ ରନ ସଂଗ୍ରହ କରିଥିବା ବେଳେ ତାଳପଦା ଟିମ ସମସ୍ତ ୱିକେଟ ହରାଇ ୧୪.୪ ଓଭରରେ ୨୫୬ ରନ ସଂଗ୍ରହ କରିଥିଲା। ଯୁବ ପରିଷଦର ଅନୁରାଗ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ସାମ୍ବାଦିକ ରାମନାରାୟଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ସାହୁ, ସରୋଜ କୁମାର ନାୟକ, ସୂର୍ଯ୍ୟନାରାୟଣ ଭୋଇ, ସୁମିତ ପୁହାଣ, ଆତ୍ମଜିତ ନାୟକ, ଟଂଜିତ ତରାଇ ଅତିଥିଭାବେ ଯୋଗଦେଇ ଚମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ ଆଶିଷ ସାହୁ, ମ୍ୟାନ ଅଫ ଦି ସିରିଜ ମୋହିତ ଖାନକୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ସୁମନ ନାୟକ ଓ ବିଶ୍ୱଜିତ ନାୟକ ଅମ୍ପାୟର ଥିବା ବେଳେ ପ୍ରିନ୍ସ ମହାନ୍ତି ସ୍କୋରର ଓ ନାରଣ ସେଠୀ ଧାରାବିବରଣୀ ପ୍ରଦାନ କରିଥିଲେ।

ବାବା ବୀରେଶ୍ୱର ମହୋତ୍ସବ ଉଦ୍‌ଯାପିତ

ଭଦ୍ରକ,୧୩।୨(ସମିସ): ଭଦ୍ରକ ବ୍ଲକର ନଳାଙ୍ଗ ନିକଟସ୍ଥ ବୀରପଡ଼ାଠାରେ ବାବା ବୀରେଶ୍ୱର ମହୋତ୍ସବ ଉଦଯାପିତ ହୋଇଯାଇଛି। ଶିକ୍ଷକ ଗଗନ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ମନୋରମା ରାୟ, ବରେଣ୍ୟ ଅତିଥି ଭାବେ କବୟିତ୍ରୀ ସଂଯୁକ୍ତା ବଳ ନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମୁକୁନ୍ଦ ବେହେରା ଓ ଡାକ୍ତର ଦେବରାଜ ପାତ୍ର ଯୋଗ ଦେଇଥିଲେ। ମହୋତ୍ସବ ମାଧ୍ୟମରେ ଗ୍ରାମ ଗ୍ରାମ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଥାଏ। ଗ୍ରାମର ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ବିକଶିତ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଛଅ ଦିନ ବ୍ୟାପୀ ଚାଲୁଥିବା ଏହି ବାବା ବୀରେଶ୍ୱରଙ୍କ ପ୍ରତିଷ୍ଠା ଉତ୍ସବରେ ବୀରେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବା ସହିତ ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ କୁନି କୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କମିଟିର ସଭାପତି ନିତ୍ୟାନନ୍ଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଚନ୍ଦ୍ରକାନ୍ତ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭ୍ୟା ନିରୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ମହୋତ୍ସବ ୬ ଦିନ ଧରି ଚାଲୁଥିଲା।

ତିଶଳପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ, ୧୩।୨(ସମିସ): ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜ ପଞ୍ଚାୟତର ତିଶଳପୁର ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଭଦ୍ରକର ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର, ମୁଖ୍ୟବକ୍ତା ବିଏନଏ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ବିଶ୍ୱରଞ୍ଜନ ଦାଶ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଭାଗୀରଥି ନାୟକ, ପାଳିଆ କଲେଜ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସରୋଜ ମହାପାତ୍ର, ଆଦାନୀ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଭରତଚନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପ୍ରସାଦ ସାମଲ, ରାହାଞ୍ଜ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା, ରମ୍ଭିଳା ସରପଞ୍ଚ ଗଣେଶଚନ୍ଦ୍ର ପଣ୍ଡା, ତିଶଳପୁର ସିଆରସିସି ଜୟନ୍ତ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାଧ୍ୟକ୍ଷ ଗୌରୀବଲ୍ଲଭ ପାଢ଼ୀ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଉପଦେଷ୍ଟା ତଥା ଆଲୁମନି କମିଟିର ସଭାଧ୍ୟକ୍ଷ ସ୍ୱର୍ଗତ ମୋହନ ପରିଡ଼ାଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଅନାବରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳର ‘ପ୍ରାଚୀର ପତ୍ର’ ଓ ‘ଚିତ୍ରକଳାପ୍ରାଚୀର ପତ୍ର’ “ତିଶଳୟା -୨୦୨୬”କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ସିଆରସିସି ଚନ୍ଦ୍ରକାନ୍ତ ଶୁକ୍ଳ ଅତିଥି ପରିଚୟ ଦେଇଥିଲେ। ମଞ୍ଚରେ ରାହାଞ୍ଜି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା ତଥା ଚରମ୍ପା ଅଞ୍ଚଳର ଯୁବ କଣ୍ଠଶିଳ୍ପୀ କୁମାରୀ ଇଷ୍ଟପ୍ରିୟା ଧିଦ୍ଦାଙ୍କୁ “ତିଶଳୟା ସମ୍ମାନ” ପ୍ରଦାନ କରାଯାଇଛି। କ୍ରୀଡ଼ା ଉତ୍ସବରେ କୃତୀ ଶିଶୁ ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ସିଆରସିସି ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପଲ୍ଲାଇ, ମୀରାଲକ୍ଷ୍ମୀ ମହାନ୍ତି, ନିରୁପମା ପଣ୍ଡା, ମନୋଜ ଦାସ, ଦୀପକ ନାଏକ, ବଟକୃଷ୍ଣ ମହାପାତ୍ର, ସରୋଜ ବେହେରା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ବିଜୟ ଶୁକ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

ଶିବରାତ୍ରି ପୂର୍ବରୁ ପୂର୍ତ୍ତ ବିଭାଗ ନିଦାବିଷ୍ଟୁ

ରାସ୍ତାରେ ପଡ଼ିଲାନି ଝୁଡ଼ିଏ ଡଷ୍ଟ

ଅସୁରାଳି, ୧୩।୨(ସମିସ): ରାତି ପାହିଲେ ମହା ଶିବରାତ୍ରୀ। ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ହେବ ଲକ୍ଷାଧିକ ଭକ୍ତଙ୍କ ଭିଡ଼। ଶାନ୍ତିଶୃଙ୍ଖଳା ରକ୍ଷା ତଥା ଏହି ପର୍ବକୁ ସୁଚାରୁ ରୂପେ ସମ୍ପାଦନ କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ୨ ଥର ପ୍ରସ୍ତୁତି ବୈଠକ ମଧ୍ୟ ହୋଇସାରିଛି। ବୈଠକରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତାର ପୂର୍ବରୁ ରାସ୍ତାରେ ପିଚୁ ପକାଇ ଏହି କାମ ସାରିବାକୁ ପୂର୍ତ୍ତ ବିଭାଗ ଏସଇ ଦେବୀପ୍ରସନ୍ନ ଘୋଷଙ୍କୁ ଆଦେଶ ଦେଇଥିଲେ। ମାତ୍ର ଏସଇ ଏହାକୁ ଭ୍ରୂକ୍ଷେପ ନକରି ଏହି ରାସ୍ତାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନାହାଁନ୍ତି ? ସେନେଇ ପ୍ରଶ୍ନ ଉଠିଛି। ଶିବରାତ୍ରୀ ଦିନ ଦୁର୍ଘଟଣା ଘଟି ଭକ୍ତମାନେ ଖଣ୍ଡିଆ ଖାବରା ହେଲେ ଏଥିପାଇଁ କିଏ ଦାୟୀ ରହିବେ ? ଏନେଇ ସୁନ୍ଦରପୁର ଗ୍ରାମର ସମାଜସେବୀ ଉମାକାନ୍ତ ସାହୁ ପୂର୍ତ୍ତ ବିଭାଗ ଓ ଠିକାଦାର କାମ ନକରି ମଧୁଚନ୍ଦ୍ରିକା କରି ଅର୍ଥ ଆତ୍ମସାତ କରିଥିବା କହିଛନ୍ତି। ପ୍ରତିବାଦରେ

ଦୁରବସ୍ଥା ନେଇ ଆଲୋଚନା ହେବା ସହ ତେଲି ପାଟଣାଠାରୁ ମଠଡିହ ପର୍ଯ୍ୟନ୍ତ ରାସ୍ତାକାମ ସାରିବାକୁ ସ୍ଥିର ହୋଇଥିଲା। ଏହି ମାସ ୯ ତାରିଖରେ ଧାମନଗର ବ୍ଲକର ହସନାବାଦରେ ଅନୁଷ୍ଠିତ ଜିଲ୍ଲା ଜନଶୁଣାଣିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲ୍ଲାପାଳ ଦିଲୀପ ରାଉତରାଏ ଶିବରାତ୍ରୀ ଝୁଡିଏ ଡଷ୍ଟ ମଧ୍ୟ ପକାଇ ନାହାନ୍ତି। ଯାହାକୁ ନେଇ ଓଳଗ, ଦୋହରାପାଟଣା, ସୁନ୍ଦରପୁର, ସାହୁସାହି ଆଦି ଗ୍ରାମର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଭିନ୍ନ ପ୍ରଶ୍ନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧିକାରୀ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରିଥିଲେ ବି ଜିଲ୍ଲା ପ୍ରସାସନ କାହିଁକି ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗର ଜେ.ଇ. ନବଘନ ମାରାଣ୍ଡି କହିଛନ୍ତି, ଶନିବାର ରାସ୍ତାରେ ଡଷ୍ଟ ଓ ଚିପ୍ସ ପକାଇ ଖାଲଖମା ପୋତିବା ସହ ପାଣିଢ଼ାଳି ରୋଲିଂ ଦ୍ୱାରା ଅସ୍ଥାୟୀ ଭାବେ ମରାମତି କରାଯିବ। ୧୫ ଦିନ ମଧ୍ୟରେ ପିଚୁକାମ ଆରମ୍ଭ କରାଯିବ।

ଲକ୍ଷାଧିକ ଟଙ୍କାର ସାଇବର ଠକେଇ

ଦୋବଲ,୧୩।୨(ସମିସ): ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତ ଛତିଶ ବେଦପୁର ଗ୍ରାମର ଅଶୋକ କୁମାର ପତି ସାଇବର ଠକେଇର ଶିକାର ହୋଇଛନ୍ତି। ଠକେଇରେ ତାଙ୍କ ଆକାଉଣ୍ଟରୁ ମୋଟ ୧ ଲକ୍ଷ ୯୫ ହଜାର ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଶୋକ ଓ ତାଙ୍କ ପତ୍ନୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ଅଶୋକଙ୍କ ନିକଟକୁ ଏକ ଅଜଣା ଫୋନ କଲ୍ ଆସିଥିଲା। କଲ୍ କରୁଥିବା ବ୍ୟକ୍ତି ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏସବିଆଇ ୟୋନୋ ଆପ୍ ଡାଉନଲୋଡ କରିବାକୁ କହିଥିଲେ। ସନ୍ଦେହବଶତଃ ଅଶୋକ ଏହାକୁ ମାନା କରିଦେଇଥିଲେ। ପରେ ୱାଟସଆପ୍ ମାଧ୍ୟମରେ ଏକ ଲିଙ୍କ୍ ପଠାଯାଇଥିଲା। ଲିଙ୍କ୍ ଖୋଲିବା ସହିତ ତାଙ୍କ ମୋବାଇଲ୍ ହେଙ୍ଗ ହୋଇଯାଇଥିଲା। ଏହାପରେ ତାଙ୍କ ବନ୍ଧନ ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରଥମେ ୯୦ ହଜାର ଟଙ୍କା ଏବଂ ପରେ ୫ ହଜାର ଟଙ୍କା କଟିଯାଇଥିବା ଜଣାପଡ଼ିଥିଲା। ଏହି ମୋବାଇଲ୍ ନମ୍ବର ତାଙ୍କ ପତ୍ନୀ ମଧୁସ୍ମିତା ପତିଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଣ୍ଟ ସହ ଯୋଡ଼ା ଥିବାରୁ, ତାଙ୍କ ଆକାଉଣ୍ଟରୁ ମଧ୍ୟ ୧ ଲକ୍ଷ ଟଙ୍କା କଟାଯାଇଥିବା ମେସେଜ୍ ମାଧ୍ୟମରେ ଜଣାପଡ଼ିଥିଲା। ଅଶୋକଙ୍କ ଘର ଖଡିପଦା ହୋଇଥିଲା ବେଳେ ସେ ବର୍ତ୍ତମାନ ଯାଜପୁରରେ ବସବାସ କରୁଛନ୍ତି। ଘଟଣା ସମ୍ବନ୍ଧରେ ଆଜି ଧାମନଗର ଥାନାରେ ପହଞ୍ଚି ଦମ୍ପତି ଲିଖିତ ଅଭିଯୋଗ କରିଥିଲେ। ଭଦ୍ରକରେ ନୂତନ ସାଇବର ଥାନା ଆରମ୍ଭ ହୋଇଥିବାରୁ ପୁଲିସ୍ ପକ୍ଷରୁ ତାଙ୍କୁ ଭଦ୍ରକ ସାଇବର ଥାନାକୁ ପଠାଯାଇଥିବା ସୂଚନା ମିଳିଛି। ଘଟଣାରେ ପୁଲିସ୍ ତଦନ୍ତ ଜାରି ରଖିଛି।

ସିଲିଣ୍ଡର ଚୋରି ଘଟଣାରେ ୨ ଗିରଫ

ଦୋଳସାହି,୧୩।୨(ସମିସ): ତିହିଡି ଥାନା ଅନ୍ତର୍ଗତ ପାଳିଆବିନ୍ଧା ପଞ୍ଚାୟତସ୍ଥିତ ଗ୍ୟାସ ଗୋଦାମ ନିକଟରୁ ଗ୍ୟାସ ସିଲିଣ୍ଡର ଚୋରି ହେବା ଘଟଣାରେ ତିହିଡି ପୁଲିସ ପକ୍ଷରୁ ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗ୍ୟାସ କମ୍ପାନୀର ହୋଲସେଲର ଚକ୍ରଧର ରାଉତଙ୍କ ଗ୍ୟାସ ଗୋଦାମ ନିକଟରେ ଏକ ଗ୍ୟାସ ବୋଝେଇ ଟ୍ରକରେ ଗତ ୧୧ ତାରିଖ ୧୮ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ତିହିଡି ଥାନାରେ ଅଭିଯୋଗ ହେଲା ପରେ ଥାନାଧିକାରୀ ସତ୍ୟବ୍ରତ ଗ୍ରହାଶ୍ଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ରୋଜେନ ମୁର୍ମୁ, ସୌମ୍ୟରଞ୍ଜନ ମଲ୍ଲିକ, ଏଏସଆଇ ଲକ୍ଷ୍ମଣ ମାରାଣ୍ଡି ଓ ଅନ୍ୟ ସହଯୋଗୀଙ୍କ ଦ୍ୱାରା ଗୁରୁବାର ବିଳମ୍ବିତ ରାତ୍ରିରେ ସାବରଙ୍ଗ ଥାନା ଅଧୀନ ରସଲପୁର ଗ୍ରାମର ସୁମିକୁମାର ଘଡେଇ (୨୮) ଓ ସନ୍ତୋଷ ପୁହାଣ (୨୪)ଙ୍କୁ ଗିରଫ କରିଥିଲେ। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଧାମନଗର ବିଜୁ ଜନତା ଦଳର ବନ୍ଧୁ ମିଳନ

ଅସୁରାଳି, ୧୩।୨(ସମିସ): ଧାମନଗର ବ୍ଲକ ଭଟଂସାହି ପଞ୍ଚାୟତ ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ବନ୍ଧୁ ମିଳନ ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସ୍ଥିତିରେ ସାଙ୍ଗଠନିକ ମନୋବଳ ଓ ଦଳ ପ୍ରତି ଆନୁଗତ୍ୟ ଦୃଢ଼ କରିବା ପାଇଁ ସାଥୀକର୍ମୀ ଓ ସଙ୍ଗଠକଙ୍କୁ ପରାମର୍ଶ ଦିଆଯାଇଛି। ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଧୁଷୁରୀ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ସ୍ଥାନୀୟ ସରପଞ୍ଚ ସୀତାକାନ୍ତ ମିଶ୍ର, ଭାରତ ବିଜୟ ଦଳେଇ, ସନ୍ଦୀପ ସ୍ୱାଇଁ, ପଣ୍ଡିତ ପଞ୍ଚାନନ ମିଶ୍ର, ପଣ୍ଡିତ ଦୟାନିଧି ମିଶ୍ର, ଉମେଶ ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ।

ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କାର୍ମଶାଳା

ଦୋବଲ, ୧୩।୨(ସମିସ): ଧାମନଗର ବ୍ଲକ ପଧାନୀ ପଞ୍ଚାୟତ କାର୍ଯ୍ୟାଳୟରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଖରିଫ ଚାଷ ସମେତ ବିଭିନ୍ନ ପନିପରିବା ଚାଷ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି ଓ ଆଧୁନିକ ପଦ୍ଧତି ବିଷୟରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଧାମନଗର ବ୍ଲକ ପ୍ରତିନିଧି ତଥା ସ୍ଥାନୀୟ ସରପଞ୍ଚ ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ ଓ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନି ବାଳା ବିଶ୍ୱାଳ ଯୋଗ ଦେଇଥିବା ବେଳେ ଧାମନଗର ବ୍ଲକ ଗୋଷ୍ଠୀ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା ସରକାରଙ୍କ ବିଭିନ୍ନ କୃଷି ଯୋଜନା ବିଷୟରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁ ଉଦ୍ୟାନ କୃଷି ସ୍କିମ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦିଲ୍ଲୀପ ସାହୁ, ମନୋଜ ନନ୍ଦୀ ଓ ଅଭିନାଶ ଜେନା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ ଯୋଗଦାନ କରିଥିଲେ।

ଇନ୍ଦ୍ରାଣୀ ବାନାର୍ଜୀ କବିଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୩।୨(ସମିସ)

ସ୍ୱର୍ଗତ ଇନ୍ଦ୍ରାଣୀ ବାନାର୍ଜୀ କବିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସ୍ୱାମୀ କାତାର ଓଡ଼ିଆ ସଂଘ ‘ଉତ୍କଳିକା’ର ସଭାପତି ଡଃ. ବସନ୍ତ କୁମାର କବିଙ୍କର ଭଦ୍ରକ ଜିଲ୍ଲାସ୍ଥିତ ରାହାଞ୍ଜ ବାସଭବନ ଠାରେ ଆୟୋଜିତ ଏକ ସମାରୋହରେ ତାଙ୍କର ଶତାଧିକ ପରିବାର ବର୍ଗ, ବନ୍ଧୁବାନ୍ଧବ, ସମ୍ପର୍କୀୟ ଓ ଶୁଭେଚ୍ଛୁ ସମାଗମ ହୋଇଥିଲେ। ସ୍ୱର୍ଗତଃ ଇନ୍ଦ୍ରାଣୀଙ୍କର ନିଷ୍ଠା, ସାଧନା,ସତ୍ୟ,ନ୍ୟାୟ ଓ ଧର୍ମପରାୟଣା ପରି ମାନବୀୟ ଗୁଣାବଳୀ ଅନନ୍ୟ ଓ ଅତୁଳନୀୟ ଥିଲା। ତାଙ୍କର ସ୍ୱାମୀଙ୍କ ଦ୍ୱାରା ଲିଖିତ ଇଂରାଜୀ ଉପନ୍ୟାସ ‘ରେଲ ଟୁ ରେମିନିସେନ୍ସ ଆନ ଏଟରନାଲ ଭଏଜ ଉଇଥ ଇନ୍ଦ୍ରାଣୀ’, ନଣନ୍ଦ ସୁନାମଧନ୍ୟ କବୟିତ୍ରୀ ସାବିତ୍ରୀ କବିଙ୍କ ରଚିତ ଓଡ଼ିଆ ପୁସ୍ତକ ‘ଲୁହର ସମୁଦ୍ରରେ ଇନ୍ଦ୍ରାଣୀ ଓ ସ୍ମୃତି ସମ୍ବଳିତ ଇଂରାଜୀ ସ୍ମରଣିକା “ଇନ୍ଦ୍ରାଣୀ: ଦ ରାଡିଅଂଟ ଷ୍ଟାର ଇନ୍ ଦ ସ୍କାଏ” ଆଦିକୁ ଆମନ୍ତ୍ରିତ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଖ୍ୟାତ ସାରସ୍ୱତ ସାଧକ ପବିତ୍ର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉଦ୍ଘାଟକ ଭାବରେ ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ, ଭଦ୍ରକ ପୌରପାଳିକାର ଅଧ୍ୟକ୍ଷା ଗୁଲ୍‌ମକୀ ଦଲାଓଜୀ ହବିବ, ପ୍ରସିଦ୍ଧ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ପ୍ରତିଷ୍ଠିତ ସାହିତ୍ୟିକ ଅରୁଣୋଦୟ ଖିଲାର, ପ୍ରତିରକ୍ଷାବିତ କର୍ଣ୍ଣେଲ ଶେଖର ସ୍ୱାଇଁ ଏବଂ ସୁପ୍ରସିଦ୍ଧ ଗାଳ୍ପିକ ରଜନୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଶୋକ କବି ସଂଯୋଜନା ଓ ସଂଚାଳନ କରିଥିଲେ। ସନ୍ଧ୍ୟାବେଳେ ଉଦୀୟମାନ ଭଜନ ଗାୟକ ଜଗବନ୍ଧୁ ମୁଦୁଲି ଓ ସାଥୀ ସୁମଧୁର ଭଜନ ମାନ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସ୍ୱର୍ଗତଃ ଇନ୍ଦ୍ରାଣୀଙ୍କର ରୁଚିକୁ ଆଧାର କରି ବିଭିନ୍ନ କିସମର ସ୍ୱାଦିଷ୍ଟ ବ୍ୟଞ୍ଜନ ଉଭୟ ମଧ୍ୟାହ୍ନ ଓ ରାତ୍ର ଭୋଜନରେ ପରଷା ଯାଇଥିଲା। ଇନ୍ଦ୍ରାଣୀଙ୍କର ପିତା ଆଶୀଷତରୁ ବାନାର୍ଜୀ ଓ ମାତା ସୁମିତା ବାନାର୍ଜୀ ତଥା ସମଗ୍ର କବି ପରିବାର ବର୍ଗ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିବା ସହିତ ଆଗନ୍ତୁକଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଥିଲେ।

ମଣ୍ଡିରେ କୁଆ ଉଡୁଛି!

ଦୁଇଦିନ ହେବ ଶସ୍ୟକ୍ରୟ ବନ୍ଦ; ହୋଇପାରୁନି ସଠିକ ନିଷ୍ପତ୍ତି

ବାରିକପୁର, ୧୩।୨(ସମିସ): ପ୍ରାୟ ୪୫ ଦିନ ପରେ ମଧ୍ୟ ଅଧିକାଂଶ ଚାଷୀ ଏଯାଏଁ ଶସ୍ୟ ମୁଠାଏ ବିକି ନାହାନ୍ତି। ମଣ୍ଡି ଶୁଭାରମ୍ଭ ଦିନଠାରୁ ବିଭିନ୍ନ ସମସ୍ୟା ଲାଗି ରହିଛି। ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସୂଚନା ମୁତାବକ, ପ୍ରାୟ ୧୧ ହଜାର ୩୯୩ ଜଣ ଚାଷୀ ଧାନ ବିକ୍ରି ପାଇଁ ସରକାରୀ ଭାବେ ପଞ୍ଜିକୃତ ହୋଇଥିଲେ। ତନ୍ମଧ୍ୟରୁ ଏପର୍ଯ୍ୟନ୍ତ ମାତ୍ର ୨୨୦୯ ଜଣ ଚାଷୀ ଧାନ ବିକ୍ରି କରିଥିବା ଜଣାପଡ଼ିଛି। ଆଠଟି ଏସଏଚଜି ଓ ଆଠଟି ସମିତି ମଣ୍ଡି ଜରିଆରେ ୧ ଲକ୍ଷ ୫୯ ହଜାର ୧୨୨ କୁଇଣ୍ଟାଲ ଧାନ କିଣା ହୋଇଥିବା ବେଳେ ମିଲର ନେଇଛି ୧ ଲକ୍ଷ ୧୩ ହଜାର ୯୪୧ କ୍ୟୁଇଣ୍ଟାଲ ଶସ୍ୟ। ଏବେବି ବିଭିନ୍ନ ମଣ୍ଡିରେ ୪୫ ହଜାର ୧୮୪ କୁଇଣ୍ଟାଲ ଧାନ ଗଚ୍ଛିତ ରହିଛି। ଧାନ କ୍ରୟରେ ମନ୍ଥରତା ଓ ସ୍ଥାନାନ୍ତରିତ ପ୍ରକ୍ରିୟା ତ୍ୱରାନ୍ୱିତ ହେଉନଥିବା ଯୋଗୁଁ ଏଯାବତ ବ୍ଲକ ଅଞ୍ଚଳର ଚାଷୀମାନଙ୍କଠାରୁ ସରକାର ମାତ୍ର ଶତକଡା ୩୦ ଭାଗ ଶସ୍ୟ କିଣିଛି। ଯଥେକଷ୍ଟେ ଚାଷୀମାନେ ମଣ୍ଡିରେ ଧାନ ଦେଉଥିବା ବେଳେ ଗତକାଲିଠାରୁ ଜିଲ୍ଲା ମିଲର ସଂଘ ଶସ୍ୟ ସ୍ଥାନାନ୍ତରିତ କରିବା ପାଇଁ ରୋକଠୋକ ମନା କରିଛି। ସଂଘର କହିବା କଥା ହେଲା, ସରକାର ଏଯାଏଁ ଚାଉଳ ନେଉନାହାନ୍ତି। ତେଣୁ ମଣ୍ଡିରୁ ଧାନ ନେଇ କଣ କରିବେ। ଯେତିକି ନେଇଛନ୍ତି ତାକୁ ରଖିବା ପାଇଁ ଯାଗା ନାହିଁ। ମିଲର ମାନଙ୍କ ଅନ୍ୟାନ୍ୟ ଦାବି ପୂରଣ ସହିତ ସରକାର ଯେତେ ଶୀଘ୍ର ମିଲରୁ ଚାଉଳ ନେବା ପାଇଁ ବ୍ୟବସ୍ଥା କରିବେ ସେତେ ଶୀଘ୍ର ଧାନ କ୍ରୟ ହେବ ବୋଲି ସଂଘ ପକ୍ଷରୁ ଏକପ୍ରକାର ଚେତାବନୀ ଦିଆଯାଇଛି। ମଣ୍ଡିରେ ଏବେ କୁଆ ଉଡ଼ିବା ପରିସ୍ଥିତି ଦେଖାଦେଇଛି। ଦୁଇ ଦିନ ଧରି ଧାନ କିଣା ହେଉନାହିଁ। ପ୍ରଶାସନ ପକ୍ଷରୁ ଏଯାଏଁ ଏନେଇ କିଛି ପଦକ୍ଷେପ ଗ୍ରହଣ କରା ଯାଇ ନଥିବା ଜଣାପଡ଼ିଛି। ଯୋଗାଣ ବିଭାଗ ଅଧିକାରୀମାନେ ମଧ୍ୟ ଏବିଷୟରେ କିଛି ମୁହଁ ଖୋଲୁନାହାନ୍ତି। ଚାଷୀଙ୍କ ଭାଗ୍ୟ ଅନିଶ୍ଚିତତା ଦିଗକୁ ଗତି କରୁଛି।

ଧାନ ବିକିଛୁ, ଟଙ୍କା ମିଳୁନି

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନ ବସ୍ତା ରଖି ବିକ୍ଷୋଭ

ଭଦ୍ରକ, ୧୩।୨(ସମିସ)

ଭଦ୍ରକ ଜିଲ୍ଲାରେ ବିଳମ୍ବରେ ଧାନ ମଣ୍ଡି ଖୋଲିବା ସହ ଚାଷୀମାନେ ଧାନ ବିକ୍ରୟ କରିବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ସହ ମଣ୍ଡିରେ ନାହିଁ ନ ଥିବା ଅସୁବିଧା ନେଇ ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନ ବସ୍ତା ଢାଳି ଧାରଣା ଦିଆଯାଇଛି। ଭଦ୍ରକ ଜିଲ୍ଲାରେ ବିଳମ୍ବରେ ଧାନ ମଣ୍ଡି ଖୋଲିବା ସହ ଚାଷୀମାନେ ଧାନ ବିକ୍ରୟ କରିବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ସହ ମଣ୍ଡିରେ ନାହିଁ ନ ଥିବା ଅସୁବିଧା ନେଇ ଆଜି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନ ବସ୍ତା ଢାଳି ଧାରଣା ଦିଆଯାଇଛି। ଏନେଇ ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ ଦୀର୍ଘ ୮ ଦିନ ହେବ ମଣ୍ଡିରେ ଧାନ ପଡ଼ି ରହିଛି, ନା ମିଲର ଟ୍ରକ ପଠାଉଛି, ନା ଚାଷୀମାନେ ଧାନ ଠିକ ଭାବରେ ବିକ୍ରୟ କରି ପାରୁଛି। ଚାଷୀମାନେ ଧାନ ଦେଇଥିଲେ ମଧ୍ୟ ୮ ଦିନ ହେବ ଟଙ୍କା ପାଇ ପାରିନାହାନ୍ତି। ସେପଟେ ଗତକାଲି ମିଲରମାନେ ମଣ୍ଡିରୁ ଧାନ ଆଉ ଉଠାଇବେ ନାହିଁ ବୋଲି କହିଥିଲେ, କିନ୍ତୁ ଚାଷୀମାନେ ଟୋକାନ ଲାଗ୍ସ ହେବାକୁ ବସିଥିଲେ ମଧ୍ୟ ଧାନ ବିକ୍ରୟ କରି ପାରୁନାହାନ୍ତି। କାରଣ ମଣ୍ଡିରୁ ଧାନ ଉଠି ପାରୁନାହିଁ। ଏହି ବିଷୟରେ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କିଛି ସମସ୍ୟାର ସମାଧାନ କରିପାରିନାହିଁ। ଯାହାଫଳରେ ଆଜି ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ଚାଷୀ ଧାରଣାରେ ବସିଛି। ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ କୁହାଯାଇଛି ଯେ ଯେପର୍ଯ୍ୟନ୍ତ ଧାନର କଟଣି, ଛଟଣୀ, ମଣ୍ଡିରେ ଧାନ ଉଠାଣ, ସମସ୍ତ ଚାଷୀର ଧାନ ବିକ୍ରୟ ସମସ୍ୟା ସମାଧାନ ନ ହୋଇଛି, ସେ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ଦୁଇ ବାଲି ଟ୍ରକ୍ ଧକ୍କା

ବାରିକପୁର, ୧୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ନିକଟସ୍ଥ ୪ ନମ୍ବର କେନାଲଠାରେ ଦୁଇଟି ବାଲି ଟ୍ରକ ମଧ୍ୟରେ ଧକ୍କା ହୋଇଥିବା ଜଣାପଡ଼ିଛି। ଟ୍ରକ ଦୁଇଟି ବୈତରଣୀ ନଦୀରୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି ଦୁଇଟି ଜାତୀୟ ରାଜପଥର ଡିଭାଇଡରକୁ ଧକ୍କା ଦେଇଥିବା ବେଳେ ଦୁଇ ଚାଳକ ଏଥିରେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବା ଜଣାପଡ଼ିଛି।

ଦିନବେଳା ଭାରୀଯାନ ଚଳାଚଳକୁ ବିରୋଧ

● ନିର୍ବାଚିତ ପ୍ରତିନିଧିଙ୍କ ଲିଖିତ ଅଭିଯୋଗ

ବନ୍ତ/ଆଗରପଡ଼ା, ୧୩।୨(ସମିସ): ଦିନବେଳା ପୁଣି ଭାରୀଯାନଗୁଡ଼ିକ ଜନଗହଳିପୂର୍ଣ୍ଣ ଆଗରପଡ଼ା ମୁଖ୍ୟ ବଜାର ରାସ୍ତାଦେଇ ଚଳାଚଳ କରୁଥିବାରୁ ଏହାକୁ ନେଇ ବିରୋଧାଭାଷ ସହ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏଥିନେଇ ମଧ୍ୟ ପୁଲିସକୁ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନେ ଲିଖିତ ଭାବେ ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ସ୍କୁଲ ଯାଆଆସ ସମୟ ଜନଗହଳି ରାସ୍ତାରେ ଏହି ଭାରୀଯାନଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଥିବାରୁ ଦୁର୍ଘଟଣାମାନ ଘଟୁଛି। କିଛିମାସ ତଳେ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବାରୁ ପୁଲିସ ପ୍ରଶାସନ ହସ୍ତକ୍ଷେପ ଫଳରେ ରାତି ୮ଟା ପରେ ଏହି ଯାନଗୁଡ଼ିକ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା ଓ ଭାରୀଯାନ ମାଲିକମାନେ ମଧ୍ୟ ଏହାକୁ ମାନିଥିଲେ। ମାତ୍ର ପୁଣି ଗତ କିଛିଦିନ ହେବ ଏହି ଭାରୀଯାନଗୁଡ଼ିକ ଦିନବେଳା ଚଳାଚଳ କରୁଥିବାର ପରିଲକ୍ଷିତ ହେଉଛି। ଯଦ୍ୱାରା ଦୁର୍ଘଟଣା ହେବାର ସମ୍ଭାବନା ଦେଖାଦେଇଛି। ଏହାଛଡ଼ା ବେଆଇନ୍ ଭାବେ ଅନେକ ବାଲି ବୋଝେଇ ହାଇୱା, ଟିପର, ଟ୍ରକ ଓ ଟ୍ରାକ୍ଟରମାନ ଚଳାଚଳ କରୁଥିବାର ଅଭିଯୋଗ ହେଉଛି ମାତ୍ର ଖଣି ବିଭାଗରେ କର୍ମଚାରୀଙ୍କ ଅଭାବ ଯୋଗୁଁ ଧରପଗଡ଼ ଠିକ୍ ସମୟରେ ହେବା ସମ୍ଭବପର ହୋଇପାରୁ ନଥିବା ଜଣାପଡ଼ିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

ଅପେରା ଟ୍ରକ୍ ଦୁର୍ଘଟଣାଗ୍ରସ୍ତ; ୫ ଆହତ

ବନ୍ତ/ଆଗରପଡ଼ା, ୧୩।୨(ସମିସ): ଆଗରପଡ଼ା ଥାନା ଆଗରପଡ଼ା-ବରପଦା ରାସ୍ତାର ମହାବୀର କ୍ରସର୍ ନିକଟରେ ଚକଲେଟ୍ ପରିବାର ନାମକ ଏକ ଅପେରା ଟ୍ରକ୍ ବରପଦା ଆଡ଼କୁ ଯାଉଥିବା ସମୟରେ ଟ୍ରକଟିର ଆଗ ପାର୍ଶ୍ୱ ଡାହାଣ ଚକଟି ଫାଟିଯିବା ଫଳରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଫଳରେ ଟ୍ରକରେ ଥିବା ଡ୍ରାଇଭରଙ୍କୁ ମିଶାଇ ମୋଟ୍ ୫ ଜଣ ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେମାନଙ୍କ ଚିକିତ୍ସା ଜାରି ରହିଛି। ଆହତ ୫ଜଣ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଦକ୍ଷିଣପରାସପୁର, ମୁକୁନ୍ଦା ଅଞ୍ଚଳର ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ଟି ପଡ଼ିରହିଥିବା ଦେଖାଯାଇଛି।

ଗୋ-ମାତା ସୁରକ୍ଷା ପାଇଁ ଦାବିପତ୍ର

ବାରିକପୁର, ୧୩।୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଦଲାଲମାନେ ବେଆଇନ ଗୋ-ମାତା ଚାଲାଣ କରୁଛନ୍ତି। ଦୈନିକ ରାଜପଥ ସହିତ ଗ୍ରାମ୍ୟ ରାସ୍ତା ଦେଇ ଗୋ ଚାଲାଣ ହେଉଛି। ଅନେକ ଚାରି ଚକିଆ ଯାନରେ ଗାଈଗୋରୁଙ୍କୁ ଚାଲାଣ କରାଯାଉଛି। ଦିନକୁ ଦିନ ଦଲାଲଙ୍କ ପାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଗୋଚାଲାଣ ବଢ଼ି ଚାଲିଛି। ଏଭଳି ବିଧର୍ମୀ ଗୋ ଦଲାଲ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲା ବଜରଙ୍ଗ ସେନା ପକ୍ଷରୁ ଦାବି କରାଯାଇଛି। ସଭାପତି ଅଶ୍ୱିନୀ ପାଢ଼ୀ, ସମ୍ପାଦକ ଚିରଞ୍ଜିବୀ ନାୟକ, ପ୍ରସନ୍ନ କୁମାର ଦୀକ୍ଷିତ, ବଳରାମ ଜେନା, ମଧୁସୁଦନ ଦାସ ପ୍ରମୁଖ ଏନେଇ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

● କାଣ୍ଡବା ନୋଡାଲ ଉଚ୍ଚବିଦ୍ୟାଳୟ

ବନ୍ତ/ଆଗରପଡ଼ା, ୧୩।୨(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଗୋପୀନାଥପୁର କ୍ଲଷ୍ଟର ଅନ୍ତର୍ଗତ କାଣ୍ଡବା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ନାରାୟଣଚନ୍ଦ୍ର ଉଦ୍‌ଗାତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ କମିଟି ଉପଦେଷ୍ଟା ରବୀନ୍ଦ୍ର ଆଇଚ, ସରକାରୀ ଓକିଲ ମନୋଜ ରାୟ, ସିଆରସିସି ପ୍ରଫୁଲ୍ଲ ସାହୁ, ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁଧାଂଶୁ ଶେଖର ଜେନା ଅତିଥି ପରିଚୟ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରିତାରାଣୀ ପରିଡ଼ା ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ବୈଜୟନ୍ତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ରେବତୀ ଦାସ, କୁମୁଦିନୀ ବାରିକ, ସୁଜାତା ଖମାରୀ, ଅଭିରାମ ଜେନା, ସଞ୍ଜୀବ ଶତପଥୀଙ୍କ ସମେତ ପରିଚାଳନା କମିଟି ସଭ୍ୟ/ସଭ୍ୟା, ଅଭିଭାବକ/ଅଭିଭାବିକା ଓ ଗ୍ରାମବାସୀ ସହଯୋଗ କରିଥିଲେ।

● ପୁରୁଷୋତ୍ତମ ଉଚ୍ଚବିଦ୍ୟାଳୟ

ଓଡ଼ଙ୍ଗ କ୍ଲଷ୍ଟର ଅନ୍ତର୍ଗତ ସରମରାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି କାଦବରାଙ୍ଗ ଉଚ୍ଚ ମାଧ୍ୟମିକ ସଂଯୁକ୍ତ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ବିମଳ ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ପ୍ରବଚକ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି କେସିବିଏମ୍ ପ୍ରଧାନଶିକ୍ଷକ ଶରତ ଜେନା, ମଙ୍ଗୁଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତ, ସିଆରସିସି ପରମେଶ୍ୱର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଶଶିକାନ୍ତ ଜେନା, ପରିଚାଳନା କମିଟି ସଭାପତି ବିଶ୍ୱନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନିରଞ୍ଜନ ରାଉତ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟତ୍ରୀ ଅନସୂୟା ଭୋଇ ଅତିଥି ପରିଚୟ ପ୍ରଦାନ, ବାର୍ଷିକ ବିବରଣୀ ପଠନ ଶିକ୍ଷୟିତ୍ରୀ ଜଲିରାଣୀ ଶଙ୍ଖୁଆ ଓ ଧନ୍ୟବାଦ ଅର୍ପଣ ଶିକ୍ଷକ ସୋମନାଥ ବିଶ୍ୱାଳ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀ ଯଶୋବନ୍ତ ସିଂ, ରାମକୃଷ୍ଣ ଆଇଚ, ତାପସ ଜେନା, ଲସୋ କିସ୍କୁ, ଦିବ୍ୟଜ୍ୟୋତି ଜେନା, ସରସ୍ୱତୀ ନାଥ, ଧୀରେନ୍ଦ୍ର ରାଉଳ, ଖଗେଶ୍ୱର ଜେନା, ମଳୟ କୁମାର ଦାସଙ୍କ ସମେତ ପରିଚାଳନା କମିଟି ସଦସ୍ୟ/ସଦସ୍ୟା ଓ ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲର ପ୍ରତିଷ୍ଠାତାଙ୍କ ପରିବାର ପକ୍ଷରୁ ଦଶମ ଶ୍ରେଣୀର ସର୍ବାଧିକ ନମ୍ବର ରଖିଥିବା ଦୁଇ ଜଣ ଛାତ୍ର ଓ ଛାତ୍ରୀଙ୍କୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜାଗରଯାତ୍ରା ପାଇଁ ଉତ୍ସବମୁଖର ଆଖଣ୍ଡଳମଣିପୀଠ



ଭଦ୍ରକ/ଆରଡି, ୧୩।୨(ସମିସ): ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗରଯାତ୍ରା ପାଇଁ ଉତ୍ସବମୁଖର ଆରଡିପୀଠ। ଶନିବାର ମନ୍ଦିରରେ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ ଏକବାରନୀତି, ଭୋର ୪ଟା୩୦ରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି ସମ୍ପନ୍ନ ହେବା ପରେ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ କରାଯାଇ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟ ଭୋଗ ଲାଗି କରାଯିବ। ପରେ ସକାଳ ୫ଟାରୁ ମଧ୍ୟାହ୍ନ ୧ଟାଯାଏଁ ଆଗନ୍ତୁକ ଶ୍ରଦ୍ଧାଳୁଭକ୍ତମାନେ ସାହଣମେଲା ଦର୍ଶନ କରିବେ। ଅପରାହ୍ଣ ୪ଟା ସୁଧା ମଣିବାବାଙ୍କର ସମସ୍ତ ସକାଳ ଧୂପ ସରିବା ପରେ ଗର୍ଭଗୃହ ମାର୍ଜନା କରାଯାଇ ନୂଆ ଚାନ୍ଦୁଆ ଲାଗି ହେବା ସହ ମନ୍ଦିରଚୂଡାରେ ନୂଆନେତ ଲାଗି କରାଯିବ। ପରେ ମଣିବାବାଙ୍କର ବଡସିଂହାର ବେଶ ସହ ସନ୍ଧ୍ୟାରେ ଏକବାର ଅନ୍ନଭୋଗ ନୀତି ଲାଗି କରାଯିବ।

● ଆଜି ଏକବାର ; କାଲି ଜାଗର
● ଅପରାହ୍ଣ ୫ଟାରେ ମନ୍ଦିର ଚୂଡ଼ାରେ ନେତଲାଗି
● ସନ୍ଧ୍ୟାରେ ଏକବାର ଅନ୍ନ ନୀତିଭୋଗ

ଜାଗରଯାତ୍ରାର ଚୂଡାନ୍ତ ନୀତି ନିର୍ଘଣ୍ଟ

- ଭୋର ୪ଟା ଦ୍ୱାର ଫିଟା ଓ ମଙ୍ଗଳ ଆଳତି
- ସକାଳ ୫ଟା କନିକାରାଜାଙ୍କ ପହିଲି ଘର୍ଷଣଲାଗି ଓ ଜଳାଭିଷେକ
- ସକାଳ ୫ଟା ୩୦ରେ ପାଳିଆ ସେବାୟତ ପକ୍ଷରୁ ପହିଲି ବଡ଼ାଭାତ ଅନ୍ନନୀତି ଭୋଗ ଲାଗି
- ସକାଳ ୫ଟାରୁ ରାତ୍ର ୧୨ଟା ଯାଏଁ ଶ୍ରଦ୍ଧାଳୁଭକ୍ତଙ୍କ ସାହାଣମେଳା ଦର୍ଶନ
- ସଂଧ୍ୟା ୬ଟାରେ ପ୍ରଥମ ପ୍ରହର ରୁଦ୍ରାଭିଷେକ, ଜଳଲାଗି, ମଧୁ, କ୍ଷୀର ସ୍ନାନ, ପଞ୍ଚ ଉପଚାର ପୂଜା
- ସଂଧ୍ୟା ୭ଟା ୩୦ରେ ଦ୍ୱିତୀୟ ପ୍ରହର ରୁଦ୍ରାଭିଷେକ, ପଞ୍ଚ ଉପଚାର ପୂଜା, ସଂଧ୍ୟା ଆଳତି
- ରାତ୍ର ୯ଟାରେ ତୃତୀୟ ପ୍ରହର ମହାସ୍ନାନ, ରୁଦ୍ରାଭିଷେକ, ଜଳଲାଗି ପଞ୍ଚ ଉପଚାର ପୂଜା
- ରାତ୍ର ୧୦ଟା୩୦ରେ ଚତୁର୍ଥ ପ୍ରହର ରୁଦ୍ରାଭିଷେକ, କ୍ଷୀର, ମଧୁ, ପଞ୍ଚାମୃତ ସ୍ନାନ, ୧୦୮ କଳସ ଜଳଲାଗି, ପଞ୍ଚ ଉପଚାର ପୂଜା, ବଡ଼ ଆଳତି
- ରାତ୍ର ୧ଟାରେ ସୁନାବେଶ ଦର୍ଶନ
- ରାତ୍ର ୩ଟାରେ ମହାଦୀପ ପ୍ରସ୍ତୁତି, ଗୁପ୍ତ ଷୋଡ଼ଶ ଉପଚାର ପୂଜା, ମହାଦୀପ ପ୍ରତିଷ୍ଠା ଓ ଅଗ୍ନି ସଂଯୋଗ
- ଭୋର ୪ଟାରେ ମହାଦୀପ ବେଢ଼ା ପରିକ୍ରମା
- ଭୋର ୪ଟା୩୦ରେ ମହାଦୀପ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମନ୍ଦିର ଚୂଡାରେ ସ୍ଥାପନ
- ସକାଳ ୫ଟାରୁ ୬ଟା ଯାଏ ପୁନର୍ବାର ସୁନାବେଶ ଦର୍ଶନ

ଜାଗରମେଳା ପାଇଁ ମନ୍ଦିରମାଳିନୀ ଆଗରପଡ଼ା ଚଳଚଞ୍ଚଳ

ବନ୍ତ/ଆଗରପଡ଼ା, ୧୩।୨(ସମିସ): ଆଉ ଦିନକ ପରେ ମହାଶିବରାତ୍ରି ଓ ଜାଗରମେଳା। ସେଥିପାଇଁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ମନ୍ଦିରମାଳିନୀ ଆଗରପଡ଼ାରେ ଥିବା ବିଭିନ୍ନ ଶୈବପୀଠ ଅଣିଜୋସ୍ଥିତ ବାବା ସିଦ୍ଧେଶ୍ୱର ମହାଦେବ, ତ୍ରିସାଳିଆସ୍ଥିତ ବାବା ସୁବର୍ଣ୍ଣେଶ୍ୱର ମହାଦେବ ଓ ପୁରୁଷଣ୍ଡସ୍ଥିତ ବାବା ପାରକେଶ୍ୱର ମହାଦେବଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଜନଶ୍ରୁତି କହେ ଯେ ବର୍ତ୍ତମାନର ମନ୍ଦିର ପଣ୍ଡା ଓ କାଉପୁର ନିକଟସ୍ଥ ନାଲଗରା ନିବାସୀ ଯଶୋବନ୍ତ ଚୌଧୁରୀ, ରାମାନୁଜ ବ୍ରହ୍ମଚାରୀ ଏବଂ ଗ୍ରାମବାସୀମାନଙ୍କର ମିଳିତ ଉଦ୍ୟମରେ ୧୯୧୮ ମସିହାରେ ମନ୍ଦିର ନିର୍ମାଣ ହୋଇଥିଲା। ବାବା ସିଦ୍ଧେଶ୍ୱର ପ୍ରାୟ ୧୨ଏକର ଜମି ଉପରେ ପ୍ରତିଷ୍ଠିତ। ତାଙ୍କ ଉଚ୍ଚତା ୨୦ମିଟର ୩ ଇଞ୍ଚ। ମନ୍ଦିରର ପୂର୍ବ ଦିଗରେ ସିଂହଦ୍ୱାର ଏବଂ ସମ୍ମୁଖରେ ଅଶ୍ୱତ୍ଥ ଗଛ ମୂଳେ ସିଂହ ଏବଂ ବୃଷଭଙ୍କର ମୂର୍ତ୍ତି ବାବାଙ୍କ ପୀଠକୁ ହୃଦୟସ୍ପର୍ଶୀ କରିପାରିଛି। ମନ୍ଦିରର ଉତ୍ତର ଓ ଦକ୍ଷିଣ ଦିଗରେ ମଧ୍ୟ ଦୁଇଟି ଦ୍ୱାର ରହିଛି। ମନ୍ଦିରର ଦକ୍ଷିଣ ଦିଗରେ ଗୋଟିଏ ବଡ଼ ପୁଷ୍କରିଣୀ ଖୋଳାଯାଇଛି ଯାହାର ଗଭୀରତା ପ୍ରାୟ ୧୮ ଫୁଟ ଏବଂ ଆୟତନ ଏକ ଏକର। ମନ୍ଦିରର ବେଢ଼ା ଭିତରେ ଏକ ବାମ୍ପି ରହିଛି, ଯାହାର ଗଭୀରତା ୩୦ଫୁଟ ବା ୨୧ହାତ। ଯାହା ଜଳକୁ ନେଇ ଠାକୁରଙ୍କ ନୀତି କରାଯାଏ। ମନ୍ଦିରରେ ଗଣେଶ, ଜଗନ୍ନାଥ, ହନୁମାନ, ମା' ପାର୍ବତୀ ଓ ସ୍ୱୟଂ ବାବା ପଞ୍ଚଦେବତା ରୂପେ ପୂଜା ପାଉଛନ୍ତି। ବଡ଼ଦେଉଳ ସମ୍ମୁଖରେ ୯ଫୁଟ ବା ୧୦୮ ଇଞ୍ଚ ବିଶିଷ୍ଟ ଏକ ବାସୁଆ ବଳଦ ଖମ୍ବ ଉପରେ ଠିଆ ହୋଇଛି। ବାବାଙ୍କ ଲିଙ୍ଗ କଳାରଙ୍ଗର ମୁଗୁନି ପଥର ପରି ଚିକ୍‌ଚିକ୍ ଚିକ୍କଣ ବାବାଙ୍କ ଲିଙ୍ଗ, ପାତାଳୀ ଲିଙ୍ଗ ଯାହାର ମୋଟେଇ ଗୋଲେଇ ଅନୁମାନିକ ୭ ହାତ ହେବ। କାରଣ, ଲିଙ୍ଗକୁ କେବେ ମପାଯାଏ ନାହିଁ ତେଣୁ ମାପ ସଠିକ୍ ନିଆଯାଇ ନପାରେ। ଲିଙ୍ଗର ଉଚ୍ଚତା ୩ରୁ ସାଢ଼େ ୩ଫୁଟ ମଧ୍ୟରେ ହେବ। ଲିଙ୍ଗକୁ ଲାଗି ଏକ ତମ୍ବା ସର୍ପ ରହିଛି। ଯାହାର ଉଚ୍ଚତା ପ୍ରାୟ ୪ ଫୁଟ। ବାବାଙ୍କ ମସ୍ତକରେ ରୂପାର ଏକ ମୁକୁଟ ରହିଛି। ସେହିପରି ଭଦ୍ରକ ଜିଲ୍ଲାରୁ ୨୨କି.ମି ଦୂର ଆଗରପଡ଼ାର ରାଉତରାପୁର, ମହାନ୍ତିପଡ଼ା ଓ ତ୍ରିସାଳିଆ ଗ୍ରାମର ମଧ୍ୟ ସ୍ଥଳରେ ଅବସ୍ଥିତ ବାବା ସୁବର୍ଣ୍ଣେଶ୍ୱର ମହାଦେବ। ଆଜକୁ ପ୍ରାୟ ୮୦ବର୍ଷ ତଳେ (୧୯୪୫ମସିହା ବେଳକୁ) ରାଉତରାପୁର ଗ୍ରାମର ୰ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ଘର ଅଗଣାରୁ ଏକ ପଥର ନିର୍ମାଣ "ବାସୁଆବଳଦ" ପ୍ରତିମୂର୍ତ୍ତିକୁ ଉଦ୍ଧାର କରାଯାଇଥିଲା। କିଛିଦିନ ପରେ ଶ୍ରୀଧର ଓଝା ନାମକ ବ୍ୟକ୍ତିଙ୍କୁ "ଲିଙ୍ଗରାଜ" ନାମରେ ଏକ ମନ୍ଦିର ତୋଳିବା ପାଇଁ ସ୍ୱପ୍ନାଦେଶ ହୋଇଥିଲା। ପ୍ରଭୁଙ୍କ ଆଦେଶକ୍ରମେ ମନ୍ଦିର ନିର୍ମାଣ ହୋଇଥିଲା ଓ ପରବର୍ତ୍ତୀ ସମୟରେ ଏହା ସୁବର୍ଣ୍ଣେଶ୍ୱର ନାମରେ ନାମିତ ହୋଇଥିଲା। ଉଦ୍ଧାର ହୋଇଥିବା ବାସୁଆ ବଳଦଙ୍କ ପ୍ରତିମୂର୍ତ୍ତିକୁ ମନ୍ଦିର ପ୍ରାଂଗଣରେ ସ୍ଥାପନ କରାଯାଇଥିଲା। ସେହି ବାସୁଆବଳଦଙ୍କର ଅଲୌକିକ ଶକ୍ତିକୁ ନେଇ ବହୁ କଥା ଶୁଣିବାକୁ ମିଳେ। ଆଶ୍ଚର୍ଯ୍ୟର କଥା ହେଉଛି "ବାସୁଆବଳଦ"ଙ୍କ ବେକରେ ଥିବା ଘଣ୍ଟିକୁ ଯଦି ଗଣନା କରାଯାଏ ଭିନ୍ନ ଭିନ୍ନ ସମୟରେ ଗଣନ ସଂଖ୍ୟା ଭିନ୍ନ ହୋଇଥାଏ। ଶୁଣିବାକୁ ମିଳେ ଯେ "ବାସୁଆବଳଦ"ଙ୍କର କାନରେ ମନରେ ମାନସିକ କରିଥିବା ଯେ କୌଣସି କଥାକୁ ଯଦି ଭକ୍ତିର ସହ କୁହାଯାଏ ତାହା ଅବଶ୍ୟ ଫଳପ୍ରଦ ହୋଇଥାଏ। କଥାରେ ଅଛି ବାର ମାସରେ ତେର ପର୍ବ ସେଥିମଧ୍ୟରୁ ଶିବରାତ୍ରି ସ୍ୱତନ୍ତ୍ର। ଏଥିରେ ବାବାଙ୍କ ପାଖରେ ଭକ୍ତମାନଙ୍କର ମହାସମାଗମ ହୋଇଥାଏ। ଉକ୍ତ ପୀଠରେ ପ୍ରାୟ ସପ୍ତାହ ଧରି ମେଳା ଲାଗିଥାଏ। ଏହି ମେଳା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବେପାରୀ ତାଙ୍କ ପସରା ମେଲାଇଥାନ୍ତି। ବିଭିନ୍ନ ସଂଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥାଏ। ସେହିପରି ବହୁବର୍ଷ ପୂର୍ବେ ମହାନ୍ତିପଡ଼ାର ବାସିନ୍ଦା ମଧୁଦାସଙ୍କ ପୁରୁଷଣ୍ଡ ସ୍ଥିତ ଜାଗାରେ ପାରକେଶ୍ୱର ମହଦେବ(ବୁଢ଼ା ମହଦେବ) ଆର୍ବିଭୂତ ହୁଅନ୍ତି। ଜମିଦାରୀ ପ୍ରଥା ପ୍ରଚଳିତ ହେଉଥିବାରୁ ଜମିଦାରୀ ବଳପ୍ରୟୋଗ କରି ଜଣେ ସାମୂହିକ ସେବାୟତ ପ୍ରଭୁଙ୍କୁ ନିଜ ଜାଗାକୁ ନେବାକୁ ଚେଷ୍ଟିତ ହୁଅନ୍ତି। ସେଥିପାଇଁ ସେ ସେହି ସ୍ଥାନକୁ ଖୋଳିବାକୁ ଲାଗନ୍ତି। ପାଖାପାଖି ୧୦/୧୫ ହାତ ଖୋଳିବାପରେ ସେ ଦେଖନ୍ତି ଯେ ଯେତେ ଖୋଳୁଛନ୍ତି ପ୍ରଭୁଙ୍କ ଆସ୍ଥାନ ଭିତରକୁ ଭିତରକୁ ସେତେ ଲମ୍ବି ଯାଇଛି। ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ ଯେଉଁଠି ପ୍ରବଳ ମାତ୍ରାରେ ଜଳ ନିର୍ଗତ ହୋଇ ସ୍ଥାନଟି ଜଳମଗ୍ନ ହୋଇଯାଏ। ଏହା ଦେଖି ସେ ଆଉ ସେ ଜାଗାକୁ ନଖୋଳନ୍ତି। ପ୍ରଥମେ ଚାଳ ଛପର ଘର କରି ଠାକୁରଙ୍କର ପୂଜାର୍ଚ୍ଚନା କରାଯାଉଥିଲା। ପରେ ଗ୍ରାମବାସୀଙ୍କର ମିଳିତ ଉଦ୍ୟମରେ ଏକ ମନ୍ଦିର ନିର୍ମିତ କରାଯାଇ ବାବାଙ୍କର ପୂଜାର୍ଚ୍ଚନା କରାଯାଉଛି। ପୂଜକ ସୁରେନ୍ଦ୍ର ପାଢ଼ୀଙ୍କ କହିବା ଅନୁଯାୟୀ ପ୍ରତି ବର୍ଷ ପ୍ରଭୁଙ୍କ ଉଚ୍ଚତା ଓ ମୋଟେଇ ଏକ ଇଞ୍ଚଅବର୍ଦ୍ଧିତ ହେବାର ଲକ୍ଷ୍ୟ କରାଯାଉଛି। ପ୍ରତିବର୍ଷ ବାବାଙ୍କ ପୀଠରେ ଜାଗରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ। ଦିନକ ପରେ ମହାଶିବରାତ୍ରି ଓ ଜାଗରମେଳା ପାଳିତ ହେବାକୁ ଯାଉଥିବା ବେଳେ ଆଗରପଡ଼ା ଅଞ୍ଚଳରେ ଥିବା ଅଲୌକିକ ଶକ୍ତି ସମ୍ପନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି।

୧୮ ରୁ +୨ ବିଜ୍ଞାନ, ୧୯ ରୁ ଧନ୍ଦାମୂଳକ ଓ ୨୦ରୁ କଳା ଓ ବାଣିଜ୍ୟ ପରୀକ୍ଷା

ଉତ୍ତର ଓଡ଼ିଶାର ୪ ଜିଲ୍ଲାର ୨୪୭ ପରୀକ୍ଷା କେନ୍ଦ୍ରରେ ୭୪ ହଜାର ୨୭ ଜଣ ପରୀକ୍ଷାର୍ଥୀ

ବାରିପଦା, ୧୩।୨(ସମିସ)

ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ଫେବୃଆରୀ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହୋଇ ଆଗାମୀ ମାର୍ଚ୍ଚ ମାସ ୨୮ ତାରିଖ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୮ ତାରିଖ ବୁଧବାରଠାରୁ ବିଜ୍ଞାନ, ୧୯ ତାରିଖ ଗୁରୁବାରଠାରୁ ଧନ୍ଦାମୂଳକ ଓ ୨୦ ତାରିଖ ଶୁକ୍ରବାରଠାରୁ କଳା ଓ ବାଣିଜ୍ୟ ପରୀକ୍ଷା ଆରମ୍ଭ ହେବ। ସ୍ଥାନୀୟ ବାରିପଦା ଉତ୍ତରାଞ୍ଚଳ ଶିକ୍ଷା ପରିଷଦ ଅଧୀନରେ ଥିବା ଉତ୍ତରାଞ୍ଚଳ ଜୋନ ଅନ୍ତର୍ଗତ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ମୋଟ ୨୪୭ଟି କେନ୍ଦ୍ରରେ ୭୪ ହଜାର ୨୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ବ୍ୟବସ୍ଥା ହୋଇଥିବା ପରିଷଦର ଉତ୍ତରାଞ୍ଚଳ ଉପସଚିବ ରାଜେଶ ପ୍ରଧାନ ସୂଚନା ଦେଇଛନ୍ତି।

ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ କଳାରେ ୪୭ ହଜାର ୪୬, ବିଜ୍ଞାନରେ ୨୧ ହଜାର ୫୪୨, ବାଣିଜ୍ୟରେ ୩ ହଜାର ୯୨୨ ଓ ଧନ୍ଦାମୂଳକରେ ୧ ହଜାର ୫୨୭ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ତତସହିତ ଉତ୍ତର ଓଡ଼ିଶାର ପରୀକ୍ଷାର୍ଥୀଙ୍କ ପାଇଁ ମୋଟ ୨୪୭ଟି ପରୀକ୍ଷା କେନ୍ଦ୍ର ୩୯ଟି ହବ୍ ଅଧୀନରେ ରଖାଯାଇଛି। ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୨୩ ହଜାର ୬୭୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ ହଜାର ୭୨୫ ଜଣ କଳା, ୬ ହଜାର ୫୮୭ ଜଣ ବିଜ୍ଞାନ, ୮୪୯ ଜଣ ବାଣିଜ୍ୟ ଓ ୫୧ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୭୯ଟି ପରୀକ୍ଷା କେନ୍ଦ୍ର ୯ଟି ହବ୍ ଅଧୀନରେ ରଖାଯାଇଛି। ବାଲେଶ୍ୱର ଜିଲ୍ଲାରେ ମୋଟ ୨୨ ହଜାର ୩୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ହଜାର ୫୬୨ଜଣକଳା, ୮ ହଜାର୪୨୮ ଜଣବିଜ୍ଞାନ, ୯୫୬ ଜଣ ବାଣିଜ୍ୟ ଓ ୩୫୫ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୬୮ଟି ପରୀକ୍ଷା କେନ୍ଦ୍ର ୧୩ଟି ହବ୍ ଅଧୀନରେ ରଖାଯାଇଛି। ଭଦ୍ରକ ଜିଲ୍ଲାର ମୋଟ ୧୨ ହଜାର ୮୪୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ହଜାର ୪୦୬ ଜଣ କଳା, ୨ ହଜାର ୯୦୬ ଜଣ ବିଜ୍ଞାନ, ୧ ହଜାର ୧୯୬ ଜଣ ବାଣିଜ୍ୟ ଓ ୩୩୪ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୪୧ଟି ପରୀକ୍ଷା କେନ୍ଦ୍ର ୫ଟି ହବ୍ ଅଧୀନରେ ରଖାଯାଇଛି। ସେହିପରି କେନ୍ଦୁଝର ଜିଲ୍ଲା ମୋଟ ୧୫ ହଜାର ୨୦୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦ ହଜାର ୩୫୩ ଜଣ କଳା, ୩ ହଜାର ୬୨୧ ଜଣ ବିଜ୍ଞାନ, ୯୧୧ ଜଣ ବାଣିଜ୍ୟ ଓ ୩୨୪ ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ରହିଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ପାଇଁ ୫୯ଟି ପରୀକ୍ଷା କେନ୍ଦ୍ର ୯ଟି ହବ୍ ଅଧୀନରେ ରଖାଯାଇଛି। ଚଳିତବର୍ଷ ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ସକାଶେ ଏଥର ପରିଷଦ ପକ୍ଷରୁ ବିଶେଷଭାବେ କଡ଼ା ପଦକ୍ଷେପ ନିଆଯାଇଛି। ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ମୋବାଇଲ ବାରଣ କରାଯାଇଥିବା ବେଳେ ଅଧୀକ୍ଷକ, ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ନିଶ୍ଚିତ ଭାବେ ସିସି କେମେରା ଲଗାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ କପି ରୋକିବା ପାଇଁ ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

ବୀରେଶ୍ୱରପୁର ନାଏବ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ବଡ଼ସାହି, ୧୩।୨(ସମିସ): ବଡ଼ସାହି ବ୍ଲକ୍ ଅଧୀନ ବୀରେଶ୍ୱରପୁର ପଞ୍ଚାୟତରେ ପ୍ରଥମେ ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଣାଯାଇଥିବାବେଳେ ପରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥାଅଣାଯାଇଥିଲା। ଉଭୟ ନିଜର ବହୁମତ ସାବ୍ୟସ୍ତ କରି ନ ପାରି ପରାସ୍ତ ହୋଇଥିଲେ। ଫଳରେ ପଞ୍ଚାୟତର ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇଥିଲା। ଫଳରେ ୱାର୍ଡ ମେମ୍ବର ଲିଳିମଣି ସିଂଙ୍କୁ ଅସ୍ଥାୟୀ ସରପଞ୍ଚ ଦାୟିତ୍ୱ ଦେଇ କାମ ଚଳାଯାଉଥିଲା। ପରେ ଗତମାସ ୨୧ ତାରିଖରେ ନାଏବ ସରପଞ୍ଚ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର ୧୨ଟି ୱାର୍ଡରୁ ୧୦ ଜଣ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୦ ନମ୍ବର ୱାର୍ଡର ୱାର୍ଡ ମେମ୍ବର ସୁବ୍ରତ ରାଉତ ଏକାକୀ ନାମାଙ୍କନପତ୍ର ଦାଖଲ କରି ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶୁକ୍ରବାର ବିଡିଓ ବନଜା ଦାସଙ୍କ ଚିଠି ନଂ ୪୦୧, ୧୧ ଫେବୃୟାରୀ ୨୦୨୬ ଅନୁସାରେ ତାଙ୍କୁ ଆଜି ସରପଞ୍ଚଙ୍କ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହି ସମୟରେ ସମସ୍ତ ୱାର୍ଡ ସଭ୍ୟସଭ୍ୟାଙ୍କ ସହିତ ସମାଜସେବୀ କାନନ ମିଶ୍ର ଓ ପିଇଓ ଉପସ୍ଥିତ ଥିଲେ।

ଉପଖଣ୍ଡସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା ଉଦ୍‌ଯାପିତ

କରଞ୍ଜିଆ/ଚମ୍ପୁଆ,୧୩।୨(ସମିସ): ଚମ୍ପୁଆରେ ଉପଖଣ୍ଡସ୍ତରୀୟ କୃଷି ଓ ଯନ୍ତ୍ରପାତି ମେଳା ଆୟୋଜିତ ହୋଇଯାଇଛି। କରଞ୍ଜିଆ ଅଞ୍ଚଳର ସୁନାମ ଅର୍ଜନ କରିଥିବା ଚାରୁସ୍ ଏକାଡେମୀର କଳାକାର, ସଭାପତି, ସେକ୍ରେଟାରୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଚାରୁସ୍ ଏକାଡେମୀ କଳାକାର ମେଳା ମଞ୍ଚରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଉପଖଣ୍ଡ କୃଷି କାର୍ଯ୍ୟାଳୟ ଅଧିକାରୀଙ୍କ ଦ୍ୱାରା ଚାରୁସ୍ ଡ୍ୟାନ୍ସ ଏକାଡେମୀ ସଭାପତି ଅଙ୍କିତା ଦାସ ପତି ଓ ସେକ୍ରେଟାରୀ ଦିବ୍ୟରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଚାରୁସ୍ ଏକାଡେମୀ କଳାକାରଙ୍କୁ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ

ଢେଙ୍କାନାଳ ବିଜୟୀ

ଆନନ୍ଦପୁର, ୧୩।୨(ସମିସ): ଆନନ୍ଦପୁର କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଷ୍ଟାଡିୟମ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ପପୁଲାର ଫୁଟବଲ କ୍ଲବ ଢେଙ୍କାନାଳ ୧-୦ ଗୋଲରେ ସମ୍ବଲପୁରକୁ ହରାଇ ବିଜୟୀ ହୋଇଛି। କ୍ରୀଡ଼ା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ମେଡିକାଲ ଅଧୀକ୍ଷକ ଡ଼ କୃଷ୍ଣଚନ୍ଦ୍ର ଦାଶ, ସରକାରୀ ଶିକ୍ଷ ତାଲିମ କେନ୍ଦ୍ରର ଅଧକ୍ଷ ବଳରାମ ସେଠୀ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଚନ୍ଦନ ସାହୁ ପ୍ରମୁଖ ରେଫରୀ ଦାୟିତ୍ୱ ଥିବାବେଳେ ଚତୁର୍ଥ ରେଫରୀ ଭାବେ ଆୟୁଷକାରୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ବିନୋଦ ମିଶ୍ର, ଗଗନ ସିଂ, ଅକ୍ଷୟ ମହାନ୍ତି, ଉମେଶ ସିଂ, ସଦସ୍ୟ ଅଶୋକ ରାଉଳ, ନିକୁଞ୍ଜ ବିହାରୀ ମିଶ୍ର, ବସନ୍ତ ସାହୁ, ମନୋରଞ୍ଜନ ସିଂ, ଆଦିକନ୍ଦ ମହାକୁଡ଼, ତପନ ଜେନା, ପ୍ରସନ ମିଶ୍ର, ଅଜୟ ସେଠୀ, ଅନିମେଷ ମିଶ୍ର, ଅଶୋକ ରାଉଳ, ଲୁଲୁ ଚାନ୍ଦ ଗୋପରଞ୍ଜନ ପାଣି ଓ ବାଇଧର ସେଠୀଙ୍କ ସମେତ ବହୁ ପୁରାତନ ଖେଳାଳି ସହଯୋଗ କରିଥିଲେ।

ପାଣି ଅଭାବରୁ ମରିଗଲାଣି ବିଦେଶୀ କୋଳି ଚାରା

ଶରତ/ଆନନ୍ଦପୁର,୧୩।୨(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହଯୋଗରେ ଉଦ୍ୟାନ କୃଷି ବିଭାଗ ପରାମର୍ଶ କ୍ରମେ ଜିଲ୍ଲାର ବିଭିନ୍ନ ବ୍ଲକରେ ଥାଇଲାଣ୍ଡ ଆପେଲବେରୀ ବରକୋଳି ଓ କାଜୁ ଚାଷ କରାଯାଇଛି। ଘଷିପୁରା ବ୍ଲକରେ ଥାଇଲାଣ୍ଡ ଆପେଲବେରୀ ବରକୋଳି ଓ କାଜୁ ଚାଷ କରାଯାଇଛି। ଘଷିପୁରା ବ୍ଲକର ୬ଟି ପଞ୍ଚାୟତର ୮ଟି ଜାଗାରେ ଏହି ଚାଷ କରାଯାଇଛି। ଗିଁପୁର ପଞ୍ଚାୟତର କୋଳିପାଳ, ବରାଙ୍ଗ, ନୂଆମାଳିଆ ଗ୍ରାମ, ଶାମୁକାନେଣ୍ଡି ପଞ୍ଚାୟତର ଝିଙ୍କିପଟା (ନଟିଆ) ଗ୍ରାମ, ବାଟୋ ପଞ୍ଚାୟତର ଉଲୋଳ ଗ୍ରାମ, ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତର ବିଲାବନ୍ଧ ଗ୍ରାମ, ଗଡବାନ୍ଧଗୋଡ଼ା ପଞ୍ଚାୟତର କଣ୍ଡାମାଳିଆ ଓ ଗୋହିରା ପଞ୍ଚାୟତର ଗୋହିରା ଗ୍ରାମରେ ଏହି ଚାଷ ହୋଇଛି। ତେବେ ପାଣି ଅଭାବରୁ ବିଦେଶୀ କୋଳି ଚାରା ମରିଯାଉଛି। ତେଣୁ ଜଳସେଚନ ବ୍ୟବସ୍ଥା କରାଯିବାକୁ ଚାଷୀ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଉପଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର ପ୍ରଦାନ

ଉଦ୍ୟାନ କୃଷି ବିଭାଗ ପ୍ରଥମେ ରୋପଣ କରିଥିବା ସମସ୍ତ ଚାରା ଜଳସେଚନ ନ ହୋଇ ପାରିଥିବାରୁ ମରିଗଲା। ବର୍ତ୍ତମାନ ୪ ମାସ ପୂର୍ବେ ନୂତନ ଭାବେ ଚାରା ରୋପଣ କରଯାଇଛି। ଆଜି ପର୍ଯ୍ୟନ୍ତ ଜଳସେଚନର ବ୍ୟବସ୍ଥା ନ ହୋଇପାରିଥିବାରୁ ଚାଷୀକୂଳ ହତାଶ ହୋଇପଡ଼ିଛନ୍ତି। ଚାରା ରୋପଣ ପରେ ତିନି ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ତଥା ଜଳସେଚନ ପାଇଁ ପାଇଁ ଅର୍ଥ ବରାଦ ହୋଇଛି। ଚାରାରୋପଣ ହେବାର ୨ ବର୍ଷ ବିତି ଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ବଗିଚାକୁ ଜଳସେଚନ ହୋଇପାରିନାହିଁ। ଜଳସେଚନ କରାଯିବା ନିମନ୍ତେ ଆଜିକୁ ୭ ମାସ ପୂର୍ବେ ନଳକୂପ ଖୋଳା ଯାଇଛି ସତ, କିନ୍ତୁ ଆଜି ପର୍ଯ୍ୟନ୍ତ ସୋଲାର(ସୌର ପ୍ରକଳ୍ପ) ଓ ପାଣି ଉଠା ମୋଟରର ସଂଯୋଗ ହୋଇପାରି ନ ଥିବାରୁ ଗ୍ରୀଷ୍ମଋତୁ ଆରମ୍ଭରେ ହିଁ ଚାରା ଖରା ପ୍ରଭାବରେ ମରିଯାଉଛି। ଶାଳପଡାସ୍ଥ ଉଦ୍ୟାନ କୃଷି ବିଭାଗକୁ ଜଳସେଚନ ଯୋଗାଇବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯିବା ନିମନ୍ତେ ଆଜି ବ୍ଲକର ଚାଷୀ ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଉଦ୍ୟାନ କୃଷି ବିଭାଗକୁ ଯୁଦ୍ଧକାଳୀନ ଭିତ୍ତିରେ ସୋଲାର ଓ ମୋଟର ସଂଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏ ଅବସରରେ ମୀନକେତନ ନାୟକ, କ୍ରିଷ୍ଣା ନାଇକ, ଡମ୍ବରୁଧର ଦରାଇ, ସୁରେଶ ହେମ୍ବ୍ରମ, ପାତ ମୁଣ୍ଡା, ଜିତେନ୍ଦ୍ର ରାଉତ, ମକରା ମୁଣ୍ଡା, ହରିହର ମୁଣ୍ଡା, ଲାମ୍ବୋଦର ମୁଣ୍ଡା, ବିଶ୍ୱନାଥ ମାଝୀ, ଅମୂଲ୍ୟ ନାୟକ ଓ ତୋଫାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ସ୍ତରରେ ସୁଖମଣି ସୋରେନ ପୁରସ୍କୃତ

ଉଦଳା, ୧୩।୨(ସମିସ): ହସ୍ତତନ୍ତରେ ବୁଣାବୁଣି କରି ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି ଉଦଳା ବ୍ଲକ୍ ଅନ୍ତର୍ଗତ ସୋନପୋଖରୀ ଗ୍ରାମର ସୁଖମଣି ସୋରେନ। କ୍ରାଫ୍ଟ କାଉନସିଲ୍ ଅଫ୍ ତେଲେଙ୍ଗାନା ପକ୍ଷରୁ ତାଙ୍କୁ ଯୁବ ବୁଣାକାର ଭାବେ ପୁରସ୍କୃତ କରାଯାଇଛି। ହସ୍ତତନ୍ତ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଏଭଳି ସଫଳତା ପାଇ ସେ ଖୁବ୍ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁଖମଣିଙ୍କ ବାପା ଆରପାରିକୁ ଚାଲିଗଲା ପରେ ସେ ତାଙ୍କ ମାଆ ସହ ରହୁଛନ୍ତି। ସେ ବର୍ତ୍ତମାନ ମୌନଧ୍ୱନି ଫାଉଣ୍ଡେସନର ଚୁଳିଆପୋଷି ହସ୍ତତନ୍ତ କେନ୍ଦ୍ରରେ ସାନ୍ତାଳୀ ଶାଢୀ ଓ ମୟୂରଭଞ୍ଜ ଶାଢି ବୁଣି ଅର୍ଥ ଉପାର୍ଜନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପରିବାରରେ ଆଗରୁ କେହି ବୁଣାବୁଣି ଶିଖି ନ ଥିଲେ ବି ଆଜି ସେ ସେଥିରେ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି। ପ୍ରତିଦିନ ସେ ୫୦ କିଲୋମିଟର ସାଇକଲ୍ ଚାଳନା କରି ବୁଣାବୁଣି କରନ୍ତି। ତାଙ୍କର ବୟନ କ୍ଷେତ୍ରରେ ଆନ୍ତରିକତା, ନିଷ୍ଠା ଓ ପରିଶ୍ରମ ବଳରେ ସେ ଏବେ କୁଶଳୀ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଏହି ପୁରସ୍କାର ତାଙ୍କୁ ଆଗକୁ ଆହୁରି ସୁନ୍ଦର ଡିଜାଇନର ଶାଢୀ ବୁଣିବାକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ସଫଳତାର ଶ୍ରେୟ ସେ ତାଙ୍କ ମାଆ ଓ ମୌନଧ୍ୱନି ଫାଉଣ୍ଡେସନର ମୁଖ୍ୟ ବିନ୍ଦୁ ବିନୋଦନଙ୍କୁ ଦେଇଛନ୍ତି।

ଘୁଟୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର, ୧୩।୨(ସମିସ): କେନ୍ଦୁଝର ସଦର ବ୍ଲକ ଘୁଟୁରୁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ହିମାଦ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ସମ୍ମାନିତ ଅତିଥି ଭାବେ ଅନ୍ୟତମ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କପିଳଚନ୍ଦ୍ର ଦାସ, ତରଣୀସେନ ମୁଣ୍ଡା, ଶିରିଶପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ର ଦାଶ, ଗୋବିନ୍ଦପୁର ୟୁଜିଏମଇ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ବିଶ୍ୱରଞ୍ଜନ ନାଏକ, ଶିକ୍ଷକ ଭରତଚନ୍ଦ୍ର ନାଏକ, ଶିକ୍ଷକ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଫୁଲନରାଣୀ ମହାନ୍ତ ସହଯୋଗ କରିଥିଲେ। ରାଜେନ୍ଦ୍ର ନାଏକଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନର୍ମଦା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ସମ୍ପନ୍ନ

କେନ୍ଦୁଝର, ୧୩।୨(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଦେଶବ୍ୟାପୀ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଳନର ଅଂଶସ୍ୱରୂପ କେନ୍ଦୁଝର ଜିଲ୍ଲାସ୍ତରୀୟ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ସବୁଜ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅଧିକାରୀ, କର୍ମଚାରୀ ଏବଂ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ୪୦୦ରୁ ଅଧିକ ଅଂଶଗ୍ରହଣକାରୀ ପଦଯାତ୍ରାରେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ଆତ୍ମନିର୍ଭର ଭାରତ ଏବଂ ନିଶା ମୁକ୍ତି ପ୍ରତିଜ୍ଞା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ପରିଚାଳନା କରିଥିଲା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୁକ୍ତ ଦୂରଶିକ୍ଷା ସଚେତନତା

ବାରିପଦା, ୧୩।୨(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀରାମଚନ୍ଦ୍ର ଭାଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁକ୍ତ ଦୂରଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଦୂର ଓ ନିରନ୍ତର ଶିକ୍ଷାର ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟତା ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ୟାପଟେନ ଡକ୍ଟର ବିଦ୍ୟୁତପ୍ରଭା ଦାସ, ଡକ୍ଟର ପ୍ରଭାକର ଦ୍ୱାରି, ଉମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସୁଜାତା ପଣ୍ଡା, ଡକ୍ଟର ବିନ୍ଧେଶ୍ୱରୀ କଳିଆ, ଅଞ୍ଜନା ମହାନ୍ତି, ଶାନ୍ତନା ମାଇତି ରିସର୍ସ ପାର୍ସନ ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସ୍ନାତକୋତ୍ତର ଓ ସାର୍ଟିଫିକେଟ ପାଠ୍ୟକ୍ରମ ଉପରେ ସବିଶେଷ ଆଲୋଚନା କରିଥିଲେ। ସ୍ନାତକ ଶେଷ ବର୍ଷ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

● ଖଡ଼ମବେଡା ରାସ୍ତା ଶୋଚନୀୟ

ଏନ୍‌ଏଚ୍‌ଏଆଇକୁ ପତ୍ର ଲେଖିଲା ପୂର୍ତ୍ତ ବିଭାଗ

ରାଇରଙ୍ଗପୁର, ୧୩।୨(ସମିସ): ଖଡ଼ମବେଡା ଘାଟି ରାସ୍ତା ଅବସ୍ଥା ଶୋଚନୀୟ ଥିବାବେଳେ ମରାମତି କରିବା ନେଇ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)କୁ ପୂର୍ତ୍ତ ବିଭାଗ ପତ୍ର ଲେଖିଛି। ୪୯ନଂ ଜାତୀୟ ରାଜପଥର ଖଡ଼ମବେଡା ନିକଟରେ ରାସ୍ତା ଖରାପ ରହିଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ରାସ୍ତାରୁ ପିଚୁ ଉଠି ଯାଇଥିବାବେଳେ ଧୂଳି, ଗର୍ତ୍ତ ଓ ଖରାପ ଅବସ୍ଥା ଯୋଗୁଁ ଯାତ୍ରୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ଏନଏଚଏଆଇକୁ ପତ୍ର ଲେଖିଛି। ଏହା ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ରହିଥିବାବେଳେ ତୁରନ୍ତ ମରାମତି ନିମନ୍ତେ ଭୁବନେଶ୍ୱରସ୍ଥ ଜାତୀୟ ରାଜପଥ ପ୍ରାଧିକରଣର ମୁଖ୍ୟ ପରିଚାଳକଙ୍କୁ ପ୍ରଦାନ କରାଯାଇଛି।

ବେପରୁଆ ଗାଡ଼ି ଚାଳନା

ବର୍ଷକରେ ଯାଇଛି ୨୦ରୁ ଅଧିକ ଜୀବନ

କୁଆମରା,୧୩।୨(ସମିସ): ବେପରୁଆ ଗାଡ଼ି ଚାଳନା ଯୋଗୁଁ ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକରେ ବର୍ଷକରେ ୨୦ରୁ ଅଧିକ ଜୀବନ ଯିବା ସହ ଶତାଧିକ ଆହତ ହୋଇଛନ୍ତି। ସେଥିମଧ୍ୟରୁ କେତେକ ଅକର୍ମଣ୍ୟ ହୋଇ ପଡିରହିଥିବା ଦେଖାଯାଉଛି। ୨୦୨୪ -୨୫ରେ ଖୁଣ୍ଟା ଥାନାରେ ଦୁର୍ଘଟଣାରେ ୩୨ଟି ମାମଲା ରୁଜୁ ହୋଇଥିବାବେଳେ ୮ ଟି ବାଇକ ଚୁରମାର ହୋଇଛି । ଦିନକୁ ଦିନ ଦୁର୍ଘଟଣା ବଢ଼ି ଚାଲିଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ଅଧିକାଂଶ ସମୟରେ ଦୁଇଚକିଆ ଓ ଚାରିଚକିଆ ଯାନର ଚାଳକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରିବା ଯୋଗୁଁ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ରାତି ସମୟରେ କେତେକ ୪ ଚକିଆ ଗାଡ଼ି ସମ୍ମୁଖ ଲାଇଟରୁ ଗୋଟିଏ ଲାଇଟ ଜଳୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ ଚାଳକ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ୫୦ ପ୍ରତିଶତ ଚାଳକ ବିନା ହେଲମେଟରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ନିଶାସକ୍ତ ଅବସ୍ଥାରେ ବାଇକ ଚାଳକ ୭୦ରୁ ୮୦ କିଲୋମିଟର ବେଗରେ ଗାଡ଼ି ଚଳାଉଛନ୍ତି। ୧୦ରୁ ୧୫ ବର୍ଷ ବୟସ ମଧ୍ୟରେ ୧୦ ପ୍ରତିଶତ ଛାତ୍ରଛାତ୍ରୀ ବାଇକ ଯୋଗେ ଘରୋଇ ଟ୍ୟୁସନ ଓ ବିଦ୍ୟାଳୟକୁ ଆସୁଥିବାର ଦେଖିବାକୁ ମିଳୁଛି। ଅନେକ ସମୟରେ ଗାଡ଼ି ଚଳାଇବା ବେଳେ ନିୟମ ନ ମାନି ବେପରୁଆ ଭାବେ ଦ୍ରୁତ ଗତିରେ ଚଳାଇବା ଫଳରେ ନିଜର ଜୀବନ ଯିବା ସହ ଅନ୍ୟର ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏଣୁ ଅଧିକରୁ ଅଧିକ ସଚେତନତା କରାଇବା ସହ ପ୍ରଶାସନ ପକ୍ଷରୁ କଟକଣା କଲେ ହୁଏତ କିଛି ମାତ୍ରାରେ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ସାହାରପଡ଼ାରେ ବିଜେପିର କର୍ମୀ ସମାବେଶ

ତୁରୁମୁଙ୍ଗା, ୧୩।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ତଣ୍ଡୋ ଗ୍ରାମର ତିନିଧାରିଆଠାରେ ଶୁକ୍ରବାର ଉଦୟପୁର ଓ ସାହାରପଡା ମଣ୍ଡଳର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉପସଭାପତି ସୁଦର୍ଶନ ମହାନ୍ତଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ ସମ୍ପାଦିକା ମମତା ସିଂ, ସାଂସଦଙ୍କ ପତ୍ନୀ ଲବଙ୍ଗଲତା ନାଏକ, ରାଜ୍ୟ ଏସଟି ମୋର୍ଚ୍ଚା ଉପ ସଭାପତି ମମିତା ନାଏକ, ପଶ୍ଚିମ ମୟୁରଭଞ୍ଜ ଜିଲ୍ଲାର ପୂର୍ବତନ ବିଜେପି ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ, ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ସାହାରପଡା ମଣ୍ଡଳ ସଭାପତି ବୁଲୁ ବାରିକ, ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ, ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, କେନ୍ଦେଇପଶି ମଣ୍ଡଳ ସଭାପତି ଜୁଲିୟସ ସିଂ, ଖୀରେଇଟାଙ୍ଗିରି ମଣ୍ଡଳ ସଭାପତି ମନୋଜ ମହାନ୍ତ, ଉଖୁଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମୀଧର ମହାନ୍ତ, ଜ୍ୟୋତିପୁର ମଣ୍ଡଳ ସଭାପତି ସିଦ୍ଧେଶ୍ୱର ମହାନ୍ତ, ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି କମଳା କାନ୍ତ ସିଂ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ପୂର୍ବତନ ଜିଲ୍ଲା ସମ୍ପାଦକ ହେମରଞ୍ଜନ ବାରିକ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସବୀର ଦାଶ, ଜିଲ୍ଲା ସମ୍ପାଦକ ଦୀପକ ଜେନା ଅଶୋକ ବେହେରା ରଶ୍ମିତା ପାଣିଗ୍ରାହୀ, ଜିଲ୍ଲା ଉପସଭାପତି ଦେବପ୍ରାସାଦ ମିଶ୍ର, ସୋମବାରୀ ମୁଣ୍ଡା, ପୂର୍ବତନ କୋଷାଧ୍ୟକ୍ଷ ଶିବକୁମାର ରାଠୋର, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

ବନ୍ଦ ପଡ଼ିଛି ଚମ୍ପୁଆ ସହରର କ୍ୟାମେରା

ଅପରାଧ ନିୟନ୍ତ୍ରଣକୁ କାମରେ ଲାଗୁନି ସିସିଟିଭି

ଚମ୍ପୁଆ,୧୩।୨ (ସମିସ)

ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ଚମ୍ପୁଆ ଏନଏସି ପକ୍ଷରୁ ଏନଏସି ମଧ୍ୟରେ ପ୍ରାୟ ୪୨ଟି କ୍ୟାମେରା ସହିତ ଗତିଶୀଳ କ୍ୟାମେରା ୫ଟି ଲାଗିଛି। ଏହି କ୍ୟାମେରାର ମଦର ବୋର୍ଡ ଚମ୍ପୁଆ ଥାନାରେ ଲାଗିଥିବା ବେଳେ ପୁଲିସ ପାଇଁ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସହଜ ହୋଇଆସୁଥିଲା। ମାତ୍ର ଦୀର୍ଘ ୧ ମାସ ହେବ ଏହି କ୍ୟାମେରା ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡ଼ିଛି। ସୂଚନା ଅନୁସାରେ, ଚମ୍ପୁଆ ଏନଏସିର ରାସ୍ତା ଛକ ଓ ପ୍ରମୁଖ ସ୍ଥାନଗୁଡିକରେ ଏହି କ୍ୟାମେରା ଅପରାଧ ନିୟନ୍ତ୍ରଣ କରିବା ପାଇଁ ଲାଗିଥିଲା। ଚମ୍ପୁଆ ଏକ ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଓ ମୟୂରଭଞ୍ଜ ଜିଲ୍ଲା ସହ ସିଧାସଳଖ ସଂପର୍କ ରହିଆସୁଛି। ଫଳରେ ଅପରାଧୀମାନେ ଅପରାଧ ଘଟାଇ ଖସିଯାଉଥିଲା ବେଳେ ଏହି କ୍ୟାମେରା ମାଧ୍ୟମରେ ଚମ୍ପୁଆ ପୁଲିସକୁ ଅନେକ ସଫଳତା

ମିଳିଛି। ଏହି କ୍ୟାମେରା ଦ୍ୱାରା ଛିନ୍ତାଇ, ବାଇକ ଚୋରି, ଗୋରୁ ଚାଲାଣ, ଚୋରା ବାଲି ଚାଲାଣ ଓ ରାତିଅଧରେ ବଢୁଥିବା ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଉଥିବା ବେଳେ ସାଧାରଣ ଜନତା ନିରାପଦରେ ରହିଆସୁଥିଲେ। ୨୦୨୩ରେ ଏହି କ୍ୟାମେରାଗୁଡିକ ସମ୍ବେଦନଶୀଳ ଓ ଅତି ଅସମ୍ବେଦନଶୀଳ ସ୍ଥାନରେ ଲଗାଯାଇଥିଲା। ମାତ୍ର ପରମୁହୂର୍ତ୍ତରେ ଏହା ଅଧାରୁ ଅଧିକ ବନ୍ଦ ହୋଇଯାଇଥିଲେ ହେଁ ଏନଏସି ପକ୍ଷରୁ ଲକ୍ଷାଧିକ ଟଙ୍କାର ବ୍ୟୟ କରି ମରାମତି କରାଯାଇଥିଲା। ଏନେଇ ଚମ୍ପୁଆ ଥାନା ପକ୍ଷରୁ ବାରମ୍ବାର ଏନଏସିକୁ ଅବଗତ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ ଆଜିପର୍ଯ୍ୟନ୍ତ ତାହା ସଜଡ଼ା ହୋଇପାରିଲା ନାହିଁ। ଦିନକ ପରେ ପ୍ରମୁଖ ପର୍ବ ଭାବେ ଜାଗର ଆରମ୍ଭ ହେବାକୁ ଥିବା ବେଳେ ଚମ୍ପୁଆ ଯାତ୍ରା ପଡ଼ିଆ ଓ ଗୋଧୂଳି ରାମତୀର୍ଥଠାରେ ମେଳା ବସିବ। ଏହି ପର୍ବପର୍ବାଣୀ ସମୟରେ ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପାଇଁ ଏହି କ୍ୟାମେରା ବେଶ୍ ସହାୟକ ହୋଇଥିବା ବେଳେ ବନ୍ଦ କ୍ୟାମେରାକୁ ନେଇ ସବୁବର୍ଗର ଲୋକ ଚିନ୍ତା ପ୍ରକଟ କଲେଣି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି ଯେ ଏନଏସି ପକ୍ଷରୁ ଏହି କ୍ୟାମେରା ଇନଷ୍ଟାଲ କରାଯାଇଥିଲା। ଏହାର ମରାମତି ବାବଦକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଗଲାଣି। ସେ ଏ ବାବଦରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଜିଲ୍ଲା ଖଣିଜ ପାଣ୍ଠିକୁ ମଧ୍ୟ ଅବଗତ କରାଯାଇଛି। ଖୁବଶୀଘ୍ର ଫଣ୍ଡ ଆସିଲେ ଏହାର ମରାମତି କରାଯିବ।

ହିନ୍ଦୁସମିଳନୀ ଓ ଧର୍ମସଭା

ଆନନ୍ଦପୁର, ୧୩।୨ (ସମିସ): ଆନନ୍ଦପୁର ମୁକ୍ତିତୀର୍ଥ ଆନନ୍ଦଧାମର ଶ୍ରୀ ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କ ପୀଠରେ ବିଶାଳ ହିନ୍ଦୁ ସମିଳନୀ ଓ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ସଭାପତି ସର୍ବେଶ୍ୱର ଦଳେଇଙ୍କ ସଂଯୋଜନାରେ ସାଧୁ ଯୋଗେଶ୍ୱର ବାବା ପଣ୍ଡିତ ପଦ୍ମନାଭ ହୋତା ସ୍ୱୟଂ ସେବକ ନିତ୍ୟାନନ୍ଦ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁମନ୍ଦିରର ଗୁରୁଜୀ ଗୁରୁମା ବଜରଙ୍ଗ ଦଳ କର୍ମକର୍ତ୍ତା ବିଜେପି ନେତୃବୃନ୍ଦପଞ୍ଚମୁଖୀ ହନୁମାନ ମନ୍ଦିର କର୍ମକର୍ତ୍ତା ଯୁବଛାତ୍ର ଗୋଷ୍ଠୀ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

ଆଜିର ରାଶିଫଳ

ମେଷ: ଖୁସି ଖବର ମିଳିପାରେ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲକୁ ସୁଧାରିବାକୁ ଚେଷ୍ଟା କରନ୍ତୁ।

ବୃଷ: ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

ମିଥୁନ: ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ଅତିଥି ସତ୍କାରରେ ସମୟ ବିତିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

କର୍କଟ: ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

ସିଂହ: ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଉଧାର ଟଙ୍କା ଫେରିପାଇବେ।

କନ୍ୟା: ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

ତୁଳା: ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

ବିଛା: ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

ଧନୁ: ଅନ୍‌ଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଅନୁକୂଳ ସମୟ। ପ୍ରେମ ବ୍ୟାପାରରେ ସଫଳ ହେବେ।

ମକର: ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

କୁମ୍ଭ: କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରନ୍ତୁ। କିଛି କଥାକୁ ନେଇ ଚିନ୍ତାରେ ରହିପାରନ୍ତି। ହଜିଯାଇଥିବା ଜିନିଷ ଫେରିପାଇବେ।

ମୀନ: ନିଜ ପସନ୍ଦର କାର୍ଯ୍ୟ କରି ଖୁସି ହେବେ। ପାରିବାରିକ ଜୀବନ ସୁଖମୟ ହେବ। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ପ୍ରେମ ବ୍ୟାପାରରେ ସଫଳ ହେବେ।

ଆଜିର ଇତିହାସ

- ୧୯୨୦- ସିକାଗୋରେ ମହିଳା ମତଦାତା ଲିଗ୍ ସ୍ଥାପନା।
- ୧୯୩୩- ବଲିଉଡ୍ ଅଭିନେତ୍ରୀ ମଧୁବାଲାଙ୍କ ଜନ୍ମ।
- ୧୯୩୯- ଜର୍ମାନ୍ ଯୁଦ୍ଧପୋତ ବିସ୍‌ମାର୍କର ଆରମ୍ଭ।
- ୨୦୦୫- ଭିଡିଓ ସେୟାରିଂ ୱେବସାଇଟ୍ ୟୁଟ୍ୟୁବ୍‌ର ଆରମ୍ଭ ହେଲା।
- ୨୦୧୯- ଜାମୁ କାଶ୍ମୀରର ସିଆରପିଏଫ୍ କ୍ୟାମ୍ପରେ ଆତଙ୍କୀ ଆକ୍ରମଣ, ୪୦ ଯବାନ ସହିଦ।

'ମହାବତାର'
ଭଗବାନ ପର୍ଶୁରାମଙ୍କ ଭୂମିକାରେ ଭିକି

ବଲିଉଡ୍ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହେବା ପରେ ତାଙ୍କ ହାତକୁ ଏବେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସୁଛି। ସେ ମଧ୍ୟ ଏବେ ଦେଖିଚାହିଁ ଫିଲ୍ମ ସାଇନ୍ କରୁଛନ୍ତି। ଦର୍ଶକେ ଏବେ ତାଙ୍କ ଆଗାମୀ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'କୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ ଭିକି 'ମହାବତାର' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବା କଥା ଘୋଷଣା ହେବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ଏହାର ପୋଷ୍ଟର୍ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। 'ଛାବା' ଭଳି 'ମହାବତାର'ରେ ମଧ୍ୟ ଭିକିଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖାଯିବ ବୋଲି ପୋଷ୍ଟରରୁ ଜଣାପଡୁଛି। ଏଥିରେ ଭଗବାନ ପର୍ଶୁରାମଙ୍କ ଭୂମିକାରେ ଅଭିନୟ କରିବା ପାଇଁ ଭିକିଙ୍କୁ ଶାରୀରିକ ସ୍ତରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କୁହାଯାଉଛି। ଏହି ଫିଲ୍ମ ପାଇଁ ତାଙ୍କୁ ୧୦-୧୨ କେଜି ଓଜନ ବଢ଼ାଇବାକୁ ପଡ଼ିବ। ତେବେ ଏତେ ଶୀଘ୍ର ଭିକି ତାଙ୍କ ଓଜନ ବଢ଼ାଇବେ ନାହିଁ। କାରଣ ସେ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଅପ୍ରେଲ୍‌ରେ ଏହାର ସୁଟିଂ ସରିଯିବ। ଏହାପରେ ସେ 'ମହାବତାର' ପାଇଁ ନିଜକୁ ପ୍ରସ୍ତୁତ କରିବେ। ଏହି ସମୟରେ ସେ ନିଜ ଓଜନ ବଢ଼ାଇବା ସହ ଯୋଦ୍ଧା ଭୂମିକା ପାଇଁ ବିଭିନ୍ନ ପ୍ରକାରର ତାଲିମ୍ ମଧ୍ୟ ନେବେ ବୋଲି ଜଣାପଡ଼ିଛି। ଦିନେଶ ବିଜାନଙ୍କ ମ୍ୟାଡକକ୍ ଫିଲ୍ମସ୍ ଏହାର ନିର୍ମାଣ କରୁଛନ୍ତି। ଅମର କୌଶିକ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହି ଫିଲ୍ମ ଆସନ୍ତା କ୍ରିସ୍‌ମାସ୍ ଅବସରରେ ପରଦାକୁ ଆସିବ। ଫିଲ୍ମରେ ଅତି ଉଚ୍ଚମାନର ଗ୍ରାଫିକ୍ସ ଓ ଭିଏଫ୍‌ଏକ୍ସର ବ୍ୟବହାର କରାଯିବ।

ଋତୁର ରାଜା ପ୍ରେମ

ଭାଲେଣ୍ଟାଇନ୍ସ ଡେ'

ପ୍ରେମ ଶାଶ୍ୱତ, ଚିରନ୍ତନ, ନୈସର୍ଗିକ ଏହି ବାର୍ତ୍ତା ନେଇ ପ୍ରତିବର୍ଷ ଫେବୃୟାରୀ ୧୪ରେ ଭାଲେଣ୍ଟାଇନ୍ସ ଡେ' ବା ପ୍ରେମ ଦିବସ ପାଳନ କରାଯାଏ। ରୋଜ୍ ଡେ'ରୁ ଆରମ୍ଭ ହୋଇଥିବା ଏହି ପ୍ରେମ ସପ୍ତାହ ପ୍ରପୋଜ୍ ଡେ, ଚକୋଲେଟ୍ ଡେ, ଟେଡି ଡେ, ପ୍ରମିଜ୍ ଡେ, ହଗ୍ ଡେ, କିସ୍ ଡେ ଶିଢ଼ି ଚଢ଼ି ଭାଲେଣ୍ଟାଇନ୍ସ ଡେ'ରେ ପହଞ୍ଚେ। ପ୍ରେମୀ ଯୁଗଳଙ୍କ ପାଇଁ ଏହା ଏକ ବହୁ ପ୍ରତୀକ୍ଷିତ ଦିନ। ଦୁଇ ହୃଦୟର ମିଳନରେ ଆରମ୍ଭ ହୁଏ ପ୍ରେମ। ପ୍ରେମ ସଫଳ କିମ୍ବା ବିଫଳ ହୋଇପାରେ କିନ୍ତୁ ଅନୁଭବ ସବୁବେଳେ ଅନନ୍ୟ। ସମାଜର ଆକଟ ପାଇଁ ପ୍ରେମ କେବେ ଯନ୍ତ୍ରଣା ଦିଏ ଆଉ କେବେ ଦୁଇ ହୃଦୟର ମିଳନ ଆତ୍ମାକୁ ଶାନ୍ତି ଦେଇଥାଏ। ପ୍ରକୃତିର ସିନା ୬ ଋତୁ ହେଲେ ସେଥିରେ ପ୍ରେମର ଋତୁ ମିଶିଲା ପରେ ହୋଇଯାଏ ସାତ ଋତୁ। ଏହି ସାତ ଋତୁକୁ ପ୍ରେମ ଋତୁ ବୋଲି କୁହାଯାଏ। ସେହିପରି ଇତିହାସ ହେଉ କି କିମ୍ବଦନ୍ତୀ। ସବୁଥିରେ ସ୍ୱତନ୍ତ୍ର ସ୍ଥାନ ପାଇଛି ପ୍ରେମ। କେଦାର ଗୌରୀ ହୁଅନ୍ତୁ କି ହୀର ରାଞ୍ଝା, ଲୈଲା ମଜନୁ। ଏସବୁର ଉଦାହରଣ ପ୍ରେମୀଯୁଗଳଙ୍କ ପାଇଁ ପ୍ରେରଣା। ସତ୍ୟ, ତ୍ରେତୟା, ଦ୍ୱାପର, କଳି ପ୍ରତ୍ୟେକ ଯୁଗରେ ପ୍ରେମ ରହିଆସିଛି, ଆଉ ଆସନ୍ତାକାଲି ବି ରହିବ। ଆଧୁନିକତାର ସ୍ପର୍ଶରେ ଭାଲେଣ୍ଟାଇନ୍ସ ଡେ'କୁ ନୂଆ ପରିଚୟ ଦେଇଛନ୍ତି ଆଜିର ଯୁବପିଢ଼ି। ବସନ୍ତ ଋତୁର ମଳୟ ପବନରେ ପୁଲକିତ ହୋଇଉଠେ ପ୍ରେମୀ ଯୁଗଳଙ୍କ ମନ ଏବଂ ହୃଦୟ। ଗୋଲାପ ଦିଆନିଆରୁ ପଡ଼ିଥାଏ ପ୍ରେମ ସପ୍ତାହର ମୂଳଦୁଆ। ପ୍ରେମ ସପ୍ତାହର ଅନ୍ତିମ ଦିନରେ ନିଜର ମନର ମଣିଷ ଆଗରେ ହୃଦୟର କଥା କହି ଭାଲେଣ୍ଟାଇନ୍ସ ଡେ'କୁ ସ୍ୱତନ୍ତ୍ର କରିବା ପାଇଁ ଯୁବପିଢ଼ି କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ। ରଙ୍ଗ ବେରଙ୍ଗର ଗୋଲାପ ଫୁଲ ସାଙ୍ଗକୁ ଚକୋଲେଟ୍, ଟେଡି ବିୟର, କାର୍ଡ ଦେଇ ପ୍ରେମଦିବସ ପାଳନ କରନ୍ତି ପ୍ରେମପକ୍ଷୀ। ଏହି ଦିନରେ ପ୍ରେମୀଯୁଗଳ ହୃଦୟ ଯୋଡ଼ିବା ସହ ଭବିଷ୍ୟତ ପାଇଁ ସୁନେଲି ସ୍ୱପ୍ନ ଦେଖନ୍ତି। ଯେତେ ବି ବାଧାବିଘ୍ନ ଆସୁ ନା କାହିଁକି ଜୀବନ ସାରା ଏକାଠି ରହିବାକୁ ପରସ୍ପରକୁ କଥା ଦେଇଥାନ୍ତି। ଭାଲେଣ୍ଟାଇନ୍ସ ଡେ'ରେ କିଏ ବିତିଯାଇଥିବା ଦିନର ମିଠାମିଠା ସ୍ମୃତିକୁ ମନେ ପକାଏ ତ ଆଉ କିଏ ନୂଆନୂଆ ଆରମ୍ଭ ହୋଇଥିବା ସମ୍ପର୍କକୁ ମଜଭୁତ କରିବାକୁ ଚେଷ୍ଟା କରେ। ପ୍ରେମର ପରିଭାଷା ପରିପ୍ରକାଶ କରିବା ପାଇଁ ଗୋଟିଏ ଜୀବନ କ'ଣ ସାତ ଜନ୍ମ ମଧ୍ୟ କମ୍ ପଡିଯାଇଥାଏ। ତଥାପି ଗୋଟିଏ ଦିନ ନିଜ ମନର ମଣିଷ ସହ ଏକାନ୍ତରେ କାଟିବା ଉଦ୍ଦେଶ୍ୟରେ ପ୍ରେମୀ ଯୁଗଳ ଭାଲେଣ୍ଟାଇନ୍ସ ଡେକୁ ସାରା ବର୍ଷ ଅପେକ୍ଷା କରିଥାନ୍ତି। ଏସବୁ ଭିତରେ ବି ପ୍ରେମକୁ ଗୋଟିଏ ଦିବସ କିମ୍ବା ଗୋଟିଏ ସପ୍ତାହ ଭିତରେ ବାନ୍ଧି ରଖିବା ଅସମ୍ଭବ। ମଣିଷର ମୃତ୍ୟୁ ପରେ ବି ତା ପ୍ରେମ ଅନ୍ୟ ପାଇଁ ଉଦାହରଣ ସାଜେ। ସେଥିପାଇଁ ତ ରୋମିଓ ଜୁଲିଏଟଙ୍କଠୁ ଆରମ୍ଭ କରି ଅନେକ ପ୍ରେମୀଯୁଗଳଙ୍କ ପ୍ରେମ କାହାଣୀ ଆଜି ବି ଅମର ହୋଇ ରହିଛି। ତେବେ ଭାଲେଣ୍ଟାଇନ୍ସ ଡେ'ରେ କୌଣସି ଦିବସର ନାଁ ନୁହେଁ, ରୋମ୍‌ର ଜଣେ ସନ୍ଥଙ୍କ ନାମ। ଭାଲେଣ୍ଟାଇନ୍ସ ଡେ'ର ପର୍ବ ଆରମ୍ଭ ହୁଏ ରୋମାନ ରାଜତ୍ୱ କାଳରୁ। ରୋମରେ ସେତେବେଳେ ଶାସନ କରୁଥାନ୍ତି ଅତି ନିଷ୍ଠୁର ଶାସକ କ୍ଲାଉଡିୟସ୍ ଦ୍ୱିତୀୟ। ଅତି କ୍ରୁର ଓ କଠୋର ଶାସନ ପାଇଁ ତାଙ୍କର ସେନା ବାହିନୀରେ କୌଣସି ଯୁବକ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କରୁଥିଲେ। ତାଙ୍କର ଭ୍ରାନ୍ତ ଧାରଣା ଥିଲା ଯେ, ରାଜ୍ୟର ସବୁ ଲୋକେ ସେମାନଙ୍କର ପ୍ରିୟଜନ ଓ ପରିବାରଙ୍କ ସହ ଅୟସ ଆରାମରେ ଜୀବନ ବିତାଉଥିବାରୁ ସେନାବାହିନୀରେ କେହି ଯୋଗ ଦେଉନାହାଁନ୍ତି। ସେଥିପାଇଁ ସେ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ନିଷେଧାଦେଶ ଜାରି କରିଥିଲେ ଏବଂ ଆଉ ଏକ ତାଙ୍କର ଧାରଣା ଥିଲା ଯେ ସେନାବାହିନୀର ସିପାହୀମାନେ ସେମାନଙ୍କ ପ୍ରେମିକା ସହ ସମ୍ପର୍କ ରଖିବା ବା ବିବାହ କରିବା ଦ୍ୱାରା ଶକ୍ତିହୀନ ହୋଇଯିବେ। ସେଥିପାଇଁ ସେମାନଙ୍କୁ ନାନା କଟକଣା ଜାରି କରିଥିଲେ। ସେହି ରାଜ୍ୟରେ ଭାଲେଣ୍ଟାଇନ୍ ନାମକ ସନ୍ଥ ରହୁଥିଲେ। ସେ ରାଜାଙ୍କ ନିର୍ଦ୍ଦେଶକୁ ବିରୋଧ କରି ପ୍ରଜା ଓ ସୈନ୍ୟମାନଙ୍କୁ ପ୍ରେମ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏପରିକି ସେ ଲୁଚିଲୁଚି ଅନେକ ବାହାଘର ମଧ୍ୟ କରାଇଥିଲେ। ଏହା ଜଣାପଡ଼ିବା ପରେ ରାଜାଙ୍କ କ୍ରୋଧର ଶିକାର ହୋଇଥିଲେ ସନ୍ଥ ଭାଲେଣ୍ଟାଇନ୍। ତାଙ୍କୁ ବନ୍ଦୀ କରାଯାଇଥିଲା। ଖ୍ରୀଷ୍ଟାବ୍ଦ ୨୬୯ ରେ ଫେବୃଆରୀ ୧୪ ତାରିଖରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସେବେଠାରୁ, ଏହି ଦିନଟିକୁ ପ୍ରେମ ଏବଂ ସମର୍ପଣର ପ୍ରତୀକ ଭାବରେ ବିବେଚନା ହେଲା ଓ ଫେବୃଆରୀ ୧୪କୁ ଭାଲେଣ୍ଟାଇନ୍ସ ଡେ' ଭାବରେ ପାଳନ ଆରମ୍ଭ ହେଲା। ସନ୍ଥ ଭାଲେଣ୍ଟାଇନ୍‌ଙ୍କ ମୃତ୍ୟୁକୁ ଇତିମଧ୍ୟରେ ଶହ ଶହ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଏହି ଦିନଟି ବିଶ୍ୱବାସୀଙ୍କୁ ପ୍ରେମ ହିଁ ଜୀବନ ବୋଲି ବାର୍ତ୍ତା ଦେଇଚାଲିଛି।

ଦୟାଳୁ ଚୋର
ଘରେ ଛାଡ଼ିଗଲା ୨୦ ଟଙ୍କା

ତେଲେଙ୍ଗାନାରୁ ଚୋରିକୁ ନେଇ ଏକ ମଜାଦାର ଘଟଣାଟିଏ ସାମ୍ନାକୁ ଆସିଛି। ଘଟଣାଟି ରଙ୍ଗାରେଡ୍ଡି ଜିଲ୍ଲା ମହେଶ୍ୱରମ୍ ଗାଁରେ ଘଟିଛି। ଚୋରଟିଏ ଚୋରି କରିବା ଉଦ୍ଦେଶ୍ୟରେ ଏହି ଗାଁର ଜଣକ ଘରେ ପଶିଥିଲା। ହେଲେ ସେଠାରେ ତା'କୁ କାଣି କଉଡ଼ିଟିଏ ବି ମିଳିଲା ନାହିଁ। କିଛି ନ ପାଇ ସେ ନିରାଶ ହୋଇ ଘରୁ ବାହାରିବା ପୂର୍ବରୁ ନିଜ ପକେଟ୍‌ରୁ ୨୦ ଟଙ୍କା କାଢ଼ି ଟେବୁଲ୍ ଉପରେ ରଖିଦେଲା। କେବଳ ସେତିକି ନୁହେଁ, ଯିବା ପୂର୍ବରୁ ଫ୍ରିଜ୍‌ରେ ଥିବା ପାଣିବୋତଲକୁ ନେଇ ପଳାଇଗଲା। ଚୋରର ଏହି କାର୍ଯ୍ୟକଳାପ ସିସିଟିଭିରେ ରେକର୍ଡ ହୋଇଛି। ସେହିପରି ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଖୁବ୍ ଭାଇରାଲ ହେଉଛି। ଏହା ଉପରେ ଲୋକେ ମଧ୍ୟ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି। ଏହାପୂର୍ବରୁ ଏଭଳି ଏକ ଘଟଣା ନୋଏଡାରେ ଘଟିଥିଲା। ଏକ ଚୋର ଗ୍ୟାଙ୍ଗ ପ୍ରଥମେ ନୋଏଡା ସେକ୍ଟର ୨୫ରୁ ଜଣକ ଘରୁ ୩ ଲକ୍ଷ ଟଙ୍କାର ଅଳଙ୍କାର ଚୋରାଇ ଥିଲେ। ଏହାପରେ ନୋଏଡା ସେକ୍ଟର ୮୩ର ଏକ ଘରକୁ ଯାଇ ପକୁଡ଼ି ତିଆରି କରିଥିଲେ ଓ ଖାଇ ସାରିବା ପରେ ଆରାମ କରିଥିଲେ। ସେଠାରେ ବିଡ଼ି ଟାଣି ବାଥରୁମ୍‌ରେ ପାନଛେପ ପକାଇ ଚାଲି ଯାଇଥିଲେ।

ଜାଗର ଜାଳିବା ପରବ ପାଳିବା

ନଳିନୀ ଦାଶ

ବରଷକେ ଥରେ ହସ ଖୁସି ନେଇ
ଜାଗର ପରବ ଆସିଛି
ପାଳିବା ଶିବଙ୍କ ଜନମ ଦିନଟି
ନୂଆ ଆଶା ମନେ ଜାଗିଛି।
କିଆ ଚମ୍ପାଫୁଲ ବେଲପତ୍ର ମାଳ
ଗଳାରେ ଦେବାରେ ଲଗେଇ
ବଉଳ ଗୟସ ମାଳା ଗୁନ୍ଥି ନେଇ
ତ୍ରିଶୂଳେ ବାନ୍ଧିବା ଗୁଡ଼େଇ।
ଗାଈକ୍ଷୀର ଢାଳି ଧୂପ ଦୀପ ଦେଇ
ଗାଇବା ବାବାଙ୍କ ଭଜନ
ଅଗତିର ଗତି ପ୍ରଭୁ ଭୋଳାନାଥ
ଆଶିଷ କରିବେ ପ୍ରଦାନ।
ନଡ଼ିଆ କଦଳୀ ଭୋଗ ବାଢ଼ିଦେବା
ହୋଇବେ ମନ୍ଦିରେ ପ୍ରସନ୍ନ
ଉଜାଗର ରହି ଜାଗର ଜାଳିବା
କରିବା ଶିବଙ୍କ ଦର୍ଶନ।
ଦେବ ଦାନବଙ୍କ ସାଗର ମନ୍ଥନେ
ବାସୁକୀ ଗରଳ ପିଇଲ
ପୃଥିବୀକୁ ତୁମେ ମହା ବିପଦରୁ
ମହେଶ ଉଦ୍ଧାର କରିଲ।
ବିଷର ପ୍ରଭାବେ ଚେତାଶୂନ୍ୟ ହୋଇ
ପ୍ରଭୁହେ କରିଲ ଶୟନ
ଦେବଗଣ ମାନେ ଅଖଣ୍ଡ ପ୍ରଦୀପ
ଜାଳିଲେ ଫେରିଲା ଜୀବନ।
ସେଦିନୁ ଭକତ ସ୍ମରଣେ କରିଲେ
ମହାଶିବରାତ୍ରୀ ପାଳନ
ଦରଶନ କରି ପୁଣ୍ୟ ଲଭିଥାନ୍ତି
କଷଣ ହୁଅଇ ଖଣ୍ଡନ।
ଜାଗର ତିଥିରେ ପୁଣ୍ୟ ମହାଦୀପ
ମନ୍ଦିର ଚୂଡ଼ାରେ ଜଳଇ
ଚାରୋଟି ବିଧିରେ ମହା ଶିବରାତ୍ରୀ
ତୁମର ପାଳନ ହୁଅଇ।
ଶିବ ପଞ୍ଚାକ୍ଷର ଗାଇ କରିଥାନ୍ତି
କେତକୀ ଫୁଲକୁ ଅର୍ପଣ
ଅନ୍ଧାର ଦୂରେଇ ଆଲୋକ ଦିଅନ୍ତି
ହୁଏ ମହାଦୀପ ଉଠାଣ। ■

ଭିକାରିପଡ଼ା, ନୟାଗଡ଼

ମହା ଶିବରାତ୍ରୀ

ଗୋପୀନାଥ ଦାଶ

ଆଲୋକ ମାଳାରେ ଝଲସି ଉଠୁଛି
ଶିବାଳୟ କି ମନୋରମ
ମହା ଶିବରାତ୍ରୀ ପାଇଁ ଉତ୍ସବ ମୁଖର
ନଗର ସହର ଗ୍ରାମ।
ଫାଲ୍‌ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଅଟେ
ରୁଦ୍ରଙ୍କ ବିଶିଷ୍ଟ ଦିନ
ଉପବାସ ରହି ବ୍ରତୀ ଗଣ ସର୍ବେ
କରନ୍ତି ଶମ୍ଭୁ ପୂଜନ।
ବେଲ ପତ୍ର, ଫୁଲ, ଫଳ, ଭୋଗ ଲଗାଇ
ଲିଙ୍ଗରେ ଢାଳନ୍ତି କ୍ଷୀର
ଗଙ୍ଗାଧର, ମହାଦେବ, ବ୍ୟୋମକେଶ ଦେବ
ଗାଇ ଶିବ ପଞ୍ଚାକ୍ଷର।
ଉଜାଗରେ ରହି ଧୂପ, ଦୀପକୁ ଜାଳି
ଲଗାଇ ପଞ୍ଚାନନେ ମନ
ମଧ୍ୟ ରାତ୍ରରେ ଯେବେ ଉଠିବ ମହାଦୀପ
କରିବେ ପଣା ପାନ।
ଆଶୁତୋଷ, ତ୍ରିଲୋଚନ, ଶଙ୍କର ମହାପ୍ରଭୁ
କରିବେ ଯେ ଆଶିଷ
ଲୋକନାଥ, ଧବଳେଶ୍ୱର, ଗୁପ୍ତେଶ୍ୱର, କପିଳାଶ
ଭକ୍ତଙ୍କ ଭିଡ଼ ଅଶେଷ।
ହୃଦୟୁ ଭକତି ଚନ୍ଦ୍ରଶେଖର, ନୀଳକଣ୍ଠ
ହାତଯୋଡ଼ି କରୁ ଗୁହାରି
ସାହା ହୋଇଥିବ ସବୁବେଳେ ମହେଶ୍ୱର
ବିପଦୁ କରିବ ପାରି। ■

ବରପାଲିପଡ଼ା, ବଲାଙ୍ଗିର

ପ୍ରହେଳିକା

- ରାତି ପାହିଯାଏ ଉଜାଗରରେ
  ଦୀପ ଜାଳୁଥାନ୍ତି ଶିବ ମନ୍ଦିରେ
  ପ୍ରଭୁଙ୍କ ନାମକୁ ତୁଣ୍ଡରେ ନେଇ
  ମାନସିକ କେତେ କରନ୍ତି ଯାଇ
  ଶିବଙ୍କର ମୁଖ୍ୟ ପରବ ଇଏ
  ନାମଟି ତାହାର କହିବ କିଏ ?

  ଉ-ଶିବରାତ୍ରୀ

- ଏମିତି ଅଟଇ ଦରବଟିଏ
  ବାଦ୍ୟଯନ୍ତ୍ର ବୋଲି ଦୁନିଆ କୁହେ
  ପାରମ୍ପରିକ ଧ୍ୱନି ଦିଅଇ ସିଏ
  ଶିବଙ୍କ ହାତରେ ସେ ଶୋଭାପାଏ?

  ଉ-ଡମ୍ବରୁ

- ଏମିତି ଠାକୁର ଅଟନ୍ତି ସିଏ
  ମଶାଣିରେ ପୁଣି ରୁହନ୍ତି ଯିଏ
  ମନ୍ଦିରରେ ସିଏ ପୂଜା ପାଆନ୍ତି
  ହଳାହଳ ବିଷ ପାନ କରନ୍ତି
  ବାଘଛାଲକୁ ସେ ଦେହରେ ନାଇ
  ତାଣ୍ଡବନୃତ୍ୟ କରନ୍ତି ସେହି
  ସଭିଙ୍କର ପ୍ରିୟ ଠାକୁର ସିଏ
  ନାମଟି ତାଙ୍କର କହିବ କିଏ?

  ଉ-ଶିବ

- ଗୋଡ଼ ନ ଥାଇବି ଚାଲଇ ସିଏ
  ଶିବଙ୍କ ଗଳାରେ ହାର ସେ ହୁଏ
  ନିଜ ଶରୀରରେ ବିଷକୁ ଭରି
  ଜଙ୍ଗଲରେ ରୁହେ ଘର ସେ କରି
  ଜୀବନ ନାଶଇ ଆଘାତ ଦେଲେ
  ନାମଟି ତାହାର କହିଲ ପିଲେ ?

  ଉ-ସାପ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

ସୁମନ

ସାନୁର ଶିବଭକ୍ତି

ଶୁଭନାରାୟଣ ଶତପଥୀ

ସାନୁ ତା'ର ପିତାମାତାଙ୍କୁ ଅନୁସରଣ କରି ସବୁବେଳେ ଦେବଦେବ ମହାଦେବଙ୍କୁ ପୂଜା ଆରାଧନା କରେ। ସାନୁ ଭାରି ଶାନ୍ତଶିଷ୍ଟ ଓ ମେଳାପି। ଭଲ ପାଠ ମଧ୍ୟ ପଢ଼େ। ସେଥିପାଇଁ ସମସ୍ତେ ତାକୁ ଭାରି ସ୍ନେହ ଆଦର କରନ୍ତି। ପଡ଼ୋଶୀ ଘରର ନଟିଆ କିନ୍ତୁ ତାକୁ ଭାରି ଈର୍ଷା କରେ। ନଟ କୁହେ, ଆମରି ଘର ପାଖେ ରହି ସାନୁ ସମସ୍ତଙ୍କର ପ୍ରିୟ ହୋଇଯାଉଛି ହେଲେ ମୋତେ କେହି ଭଲ ପାଉନାହାଁନ୍ତି। ନିଜର ଦୁର୍ଗୁଣ ନଟକୁ ଦେଖାଯାଏ ନାହିଁ। କାହାର ଉନ୍ନତି ହେଲେ ବା ଅନ୍ୟ କେହି ପ୍ରଶଂସା ପାଇଲେ ନଟ ସହିପାରେ ନାହିଁ। ମହାଶିବରାତ୍ରୀ ଆସିଲା। ଅନେକ ଭକ୍ତ ମହାଦେବଙ୍କୁ ଭୋଗ ସମର୍ପଣ କରୁଥାନ୍ତି। ସେଦିନ ମହାଦେବଙ୍କ ନିକଟକୁ ପଣା ନେଇ ଭୋଗ କରିବାକୁ ଗଲା ନଟ। ମନ୍ଦିରର ପୂଜକ ପଣା ପୂଜା କରିସାରିବା ପରେ ପ୍ରସାଦକୁ ବାହାରେ ରଖିଦେଉଥାନ୍ତି। ନଟର ତ ମନରେ ଭକ୍ତିଭାବ ନ ଥାଏ ବରଂ ସାନୁକୁ ହଇରାଣ କରିବାକୁ ସୁଯୋଗ ଖୋଜୁଥାଏ। ସାନୁ କେତେବେଳେ ଆସିବ ସେ ଚାହିଁଥାଏ। ଏହି ସମୟରେ ନଟର ପଣା ଗିନାଟି ବଦଳ ହୋଇଗଲା। ଏକାଭଳି ଆଉ ଏକ ପଣା ଗିନାଟିଏ ସେଠାରେ ଥିଆ ହୋଇଥାଏ। ନଟ ଏହା ଜାଣି ନ ଥାଏ। ଦୂରରୁ ଦେଖିଲା ସାନୁ ବି ମନ୍ଦିରକୁ ଭୋଗ ଥାଳି ଆଣି ଆସୁଛି। ଭୋଗ ହୋଇଥିବା ପଣାରୁ ଅଧା ପିଇ ସାରି ନଟ ବାକିତକ ପଣାରେ କିଛି ଜିନିଷ ମିଶାଇବାକୁ ଚେଷ୍ଟା କଲା। ଏହି ସମୟରେ ନଟର ମୁଣ୍ଡ ବୁଲାଇବାକୁ ଲାଗିଲା। ତାକୁ ସାମ୍ନାରେ ନାଗସାପ ଦେଖାଗଲା। ସାନୁ ତା ନିକଟରେ ପହଁଞ୍ଚି ସାରିଥିଲା। ନଟ ନାଗସାପ ନାଗସାପ କହି ଅଚେତ ହୋଇଗଲା। ସବୁଲୋକ ସେଠାରେ ରୁଣ୍ଡ ହୋଇଗଲେ। ଚେତା ଫେରିବା ପରେ ସାନୁକୁ ହାତ ଯୋଡ଼ିଲା ନଟ। କହିଲା, ମୁଁ ତୋ ପାଇଁ ମନ୍ଦ ଚିନ୍ତା କରୁଥିଲି ବୋଲି ମୋତେ ମହାଦେବ ଶାସ୍ତି ଦେଲେ। ସାମ୍ନାରେ ପଡ଼ିଥିବା ପାଳ ଦଉଡ଼ିଟିକୁ ଧରି ସାନୁ କହିଲା ଏଇଟାକୁ ତୁ ନାଗସାପ କହୁଛୁ କି ନଟ ? ତୋତେ କ'ଣ ନିଶା ହୋଇଯାଇଛି କି ? ଏହି ସମୟରେ ଜଣେ ଭକ୍ତ ଆସି କହିଲେ, ମୋର ଭାଙ୍ଗ ପଣା ଗିନାଟି ବଦଳ ହୋଇଯାଇଛିରେ ନଟ। ତୋ ପଣାଗିନାଟା ନେ। ସାନୁ ବୁଝିପାରିଲା ନଟ ଭାଙ୍ଗ ପଣା ପିଇଦେଇଛି। ସେଦିନଠୁ ନଟ ଭଲପିଲା ହେବା ପାଇଁ ଶପଥ କଲା। କେବେ କାହାରିକୁ ଅସୁବିଧାରେ ପକାଇବି ନାହିଁ ବୋଲି ମନେମନେ ସଂକଳ୍ପ କଲା। ନଟ ସାନୁକୁ କହୁଥିଲା, ତୋର ଶିବଭକ୍ତି ଆଗରେ ମୁଁ ହାର୍ ମାନିଲି। ନଟ କାନ୍ଧରେ ହାତ ପକାଇ ସାନୁ ମହାଦେବଙ୍କ ପାଖକୁ ଗଲା। ଦୁହେଁ ମୁଣ୍ଡିଆ ମାରି ଘରକୁ ଫେରିଲେ। ■

ବିଜିପୁର, ବ୍ରହ୍ମଗିରି, ପୁରୀ

ସୋନାଲି ବାରିକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ

ସାନ୍‌ଭିକା ସ୍ୱାଇଁ
ପ୍ରଥମ ଶ୍ରେଣୀ
ରିଭର ବ୍ୟାଙ୍କ ଇଣ୍ଟରନାସନାଲ ସ୍କୁଲ
ନିମାପଡ଼ା

ଦିବ୍ୟାଂଶ ମହାପାତ୍ର
ୟୁକେଜି
ଲଣ୍ଡନ କିଡ୍‌ସ ପ୍ରିସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର

ଋତତ୍ୱିକ୍ ମହାନ୍ତି
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର

ବ୍ଲେସିଂ ମୁଜାରବାନି ଓ ବ୍ରାଡ୍ ଇଭାନ୍ସଙ୍କ ଘାତକ ବୋଲିଂ

ଅଷ୍ଟ୍ରେଲିଆକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲା ଜିମ୍ବାୱେ

କଲମ୍ବୋ,୧୩।୨(ଏଜେନ୍ସି): ଡିଫେଣ୍ଡିଂ ଦିନିକିଆ ଏବଂ ୨୦୨୧ର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ହରାଇ ଜିମ୍ବାୱେ ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ଏବଂ ସବୁଠାରୁ ବୃହତ୍ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ବିଶ୍ୱକପ୍ ମୁକାବିଲାରେ ଜିମ୍ବାୱେ ଅପରାଜିତ ରହିଛି। ୨୦୦୭ରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ମଧ୍ୟ ଅଷ୍ଟ୍ରେଲିଆକୁ ହରାଇଥିଲା ଜିମ୍ବାୱେ। କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ବି' ମୁକାବିଲାରେ ବ୍ରିଆନ୍ ବେନେଟ୍‌ଙ୍କ ଅପରାଜିତ ୬୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ୧୭୦ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଅଷ୍ଟ୍ରେଲିଆ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ପ୍ରଥମ ୪ ଓଭରରେ ୨୯ ରନ୍ ସ୍କୋରରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ବିପଦରୁ ଦଳ ଆଉ ଉଦ୍ଧାର ହୋଇ ନ ପାରି ୧୯.୩ ଓଭରରେ ୧୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ମ୍ୟାଟ ରେନ୍‌ଶା ସର୍ବାଧିକ ୬୫ ଓ ଗ୍ଲେନ୍ ମ୍ୟାକ୍ସୱେଲ ୩୧ ରନ୍ କରି ଜିମ୍ବାୱେ ବୋଲରଙ୍କର କିଛିଟା ମୁକାବିଲା କରିଥିଲେ। ଅତ୍ୟନ୍ତ ଶୃଙ୍ଖଳିତ ବୋଲିଂ, ଚମତ୍କାର ଫିଲ୍ଡିଂ ଓ ଚିତ୍ତାକର୍ଷକ କ୍ୟାଚ୍ ନେବା ଫଳରେ ଜିମ୍ବାୱେର ଏହି ଅତ୍ୟାବଶ୍ୟକ ବିଜୟ ସମ୍ଭବ ହୋଇଥିଲା। ଦଳ ପକ୍ଷରୁ ବୋଲିଂରେ ଦୁଇ ଫାଷ୍ଟ ବୋଲର ବ୍ଲେସିଂ ମୁଜରବାନି ୪ଟି ଓ ବ୍ରାଡ୍ ଇଭାନ୍ସ ୩ଟି ୱିକେଟ ଅକ୍ତିଆର କରି ଜିମ୍ବାୱେକୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଦଳ ପକ୍ଷରୁ ୪ ଓଭରରେ ୧୭ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିବା ମୁଜରବାନିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ବିଜୟ ଫଳରେ ବିଶ୍ୱକପ୍ ଗ୍ରୁପ୍-ବି' ଏବେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ପରେ ଶ୍ରୀଲଙ୍କା ଓ ଜିମ୍ବାୱେ ୨ଟି ଲେଖାଏଁ ମ୍ୟାଚ୍ ଖେଳି ୪ ପଏଣ୍ଟ ଲେଖାଏଁ ପାଇ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମୁକାବିଲା ପରେ କେଉଁ ଦୁଇ ଦଳ ସୁପର-୮'କୁ ଉନ୍ନୀତ ହେବେ, ତାହା ଆପାତତଃ ସ୍ପଷ୍ଟ ହୋଇଯିବ। ଅଷ୍ଟ୍ରେଲିଆ ଫେବରାଇଟ୍ ହୋଇଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ଅନୁପସ୍ଥିତି ଓ ଏବେ ସାମିଲ ହୋଇଥିବା ଖେଳାଳିଙ୍କ ଫର୍ମହୀନତା ଦଳକୁ ଏଭଳି ଅଡୁଆ ସ୍ଥିତିରେ ପକାଇଛି। ଏହି ଗ୍ରୁପ୍‌ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଫେବୃଆରୀ ୧୬ରେ ଶ୍ରୀଲଙ୍କା ସହ ଅଷ୍ଟ୍ରେଲିଆ ଓ ଫେବୃଆରୀ ୧୯ରେ ଶ୍ରୀଲଙ୍କା ସହ ଜିମ୍ବାୱେର ମୁକାବିଲା ହେବ। ଶ୍ରୀଲଙ୍କାକୁ ଅଷ୍ଟ୍ରେଲିଆ ହରାଇଦେଲେ ଶେଷ ମ୍ୟାଚ୍‌ର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇବ। ନଚେତ ଅଷ୍ଟ୍ରେଲିଆକୁ ପଛରେ ପକାଇ ଜିମ୍ବାୱେ ଗ୍ରୁପ୍‌ର ଦ୍ୱିତୀୟ କିମ୍ବା ପ୍ରଥମ ଦଳ ଭାବେ ସୁପର-୮'ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

ଅଷ୍ଟ୍ରେଲିଆ ବିପକ୍ଷରେ ଜିମ୍ବାୱେର ବିଜୟ

ବ୍ୟବଧାନ	ଫର୍ମାଟ	ଭେନ୍ୟୁ	ସମୟ/ଟୁର୍ଣ୍ଣାମେଣ୍ଟ	ଅଧିନାୟକ
୧୩ ରନ୍	ଦିନିକିଆ	ଟ୍ରେଣ୍ଟବ୍ରିଜ୍	୧୯୮୩ ବିଶ୍ୱକପ୍	ଡନ୍‌କାନ ଫ୍ଲେଚର
୫ ୱିକେଟ	ଟି-୨୦	କେପ୍‌ଟାଉନ୍	୨୦୦୭ ବିଶ୍ୱକପ୍	ପ୍ରସ୍ପର ଉତ୍ସେୟା
୩ ୱିକେଟ	ଦିନିକିଆ	ହରାରେ	୨୦୧୪ ଦ୍ୱିପାକ୍ଷିକ	ଏଲଟନ ଚିଗୁମ୍ବୁରା
୩ ୱିକେଟ	ଦିନିକିଆ	ଟାଉନ୍ସଭିଲେ	୨୦୨୨ ଦ୍ୱିପାକ୍ଷିକ	ରେଗିସ୍ ଚାକାଭା
୨୩ ରନ୍	ଟି-୨୦	କଲମ୍ବୋ	୨୦୨୬ ବିଶ୍ୱକପ୍	ସିକନ୍ଦର ରାଜା

ସଂକ୍ଷିପ୍ତ ସ୍କୋର

ଜିମ୍ବାୱେ ଇନିଂସ : ୧୬୯/୨, ୨୦ ଓଭର (ବ୍ରିଆନ ବେନେଟ-ଅପରାଜିତ-୬୪, ଟି. ମାରୁମାନି-୩୫, ରିୟାନ ବର୍ଲ-୩୫, ସିକନ୍ଦର ରାଜା-ଅପରାଜିତ-୨୫, କାମେରନ ଗ୍ରୀନ୍-୧/୬, ମାର୍କସ ଷ୍ଟୋଇନିସ-୧/୧୭)।

ଅଷ୍ଟ୍ରେଲିଆ ଇନିଂସ : ୧୪୬/୧୦, ୧୯.୨ ଓଭର (ମ୍ୟାଟ ରେନ୍‌ଶା-୬୫, ଗ୍ଲେନ୍ ମ୍ୟାକ୍ସୱେଲ-୩୧, ଟ୍ରାଭିସ୍ ହେଡ-୧୭, ବ୍ଲେସିଂ ମୁଜାରାବାନି-୪/୧୭, ବ୍ରାଡ୍ ଇଭାନ୍ସ-୩/୨୩)।

କାନାଡ଼ାକୁ ହରାଇଲା ୟୁଏଇ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡ଼ିୟମରେ ଶୁକ୍ରବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୨୦ତମ ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୨ ବଲ ବାକିଥାଇ ୫ ୱିକେଟରେ କାନାଡ଼ାକୁ ପରାସ୍ତ କରିଛି। କାନାଡ଼ା ଦ୍ରୁତ ବୋଲର ଜୁନେଦ ସିଦ୍ଦିକି ୫ ୱିକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। କାନାଡ଼ା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଜବାବରେ ୟୁଏଇ ୧୯.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୟୁଏଇ ତରଫରୁ ଆୟୁଷ ଶର୍ମା ୭୪ ଓ ଶୋଏବ ଖାନ୍ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ କାନାଡ଼ାର ସାଦ୍ ବିନ ଜାଫର ୩ ୱିକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା କାନାଡ଼ା ପକ୍ଷରୁ ହର୍ଷ ଠାକ୍‌ରେ ୫୦, ନବନୀତ ଧଲିୱାଲ ୩୪, ଶ୍ରେୟସ ମୋଭା ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ୟୁଏଇ ତରଫରୁ ଜୁନୈଦ୍ ସିଦ୍ଦିକ୍ ୫ଟି ସଫଳତା ପାଇଥିଲେ।

● ୟୁଏସ୍ଏ ବନାମ ନେଦରଲାଣ୍ଡସ ମୁକାବିଲା

ସାଇତେଜାଙ୍କ ଅର୍ଦ୍ଧଶତକ

ଚେନ୍ନଇ,୧୩।୨ (ଏଜେନ୍ସି): ଉଦୀୟମାନ ବ୍ୟାଟର ସାଇତେଜା ମୁକମ୍ମଲଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ନେଦରଲାଣ୍ଡସ ବିପକ୍ଷ ବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲାରେ ୟୁନାଇଟେଡ ଷ୍ଟେଟ୍ ଅଫ୍ ଆମେରିକା (ୟୁଏସ୍ଏ) ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୯୬ ରନ୍ କରିଛି। ଦଳ ପକ୍ଷରୁ ୨୧ ବର୍ଷୀୟ ଆମେରିକା ଜନ୍ମିତ ଭାରତୀୟ ବଂଶୋଦ୍ଭବ ଖେଳାଳି ସାଇତେଜା ୫୧ ବଲ୍ ଖେଳି ସର୍ବାଧିକ ୭୯ ରନ୍ କରିଛନ୍ତି। ଏଥିରେ ୫ଟି ଚୌକା ଓ ୪ଟି ଛକା ସାମିଲ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଶୁଭମ ରଞ୍ଜନେ ୨୪ ବଲ୍‌ରେ ଅପରାଜିତ ୪୮, ଅଧିନାୟକ ମୋନାକ ପଟେଲ ୨୨ ବଲ୍‌ରେ ୩୬ ଓ ସାୟାନ ଜାହାଙ୍ଗୀର ୧୪ ବଲ୍‌ରେ ୨୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ନେଦରଲାଣ୍ଡସର ମିଡିୟମ ପେସ୍‌ର ବାସ୍ ଡି ଲିଡ୍ ୩୭ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେଦରଲାଣ୍ଡସ ୪ ଓଭରରେ ୧ ୱିକେଟ ହରାଇ ୩୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ମ୍ୟାକ୍ସ ଓ ଡାଉଡ୍ ୧୧ ଓ ବାସ୍ ଡି ଲିଡ୍ ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ୟୁଏସ୍ଏର କର୍ଣ୍ଣାଟକ ଜନ୍ମିତ ସ୍ପିନର ନୋଥୁସ କେନ୍‌ଜିଗେ ୩ ରନ୍ କରିଥିଲେ।

ଆଇପିଏଲ ୨୦୨୬: ପରାଗ ରାଜସ୍ଥାନ ଅଧିନାୟକ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି): ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବରୁ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଏକ ବଡ଼ ଘୋଷଣା କରିଛି। ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ)କୁ ବଦଳି ହେବା ପରେ ୨୪ ବର୍ଷୀୟ ରିଆନ ପରାଗଙ୍କୁ ରାଜସ୍ଥାନର ପରବର୍ତ୍ତୀ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ପରାଗ ପୂର୍ବରୁ ମଧ୍ୟ ଏହି ଦାୟିତ୍ୱ ତୁଲାଇ ସାରିଛନ୍ତି। ଗତ ସଂସ୍କରଣରେ ସାମସନ ଆହତ ହେବା କାରଣରୁ ପରାଗ ୮ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ।

ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

ଫାଇନାଲ୍‌ରେ ପ୍ରମୋଦ ଭଗତ



ଭୁବନେଶ୍ୱର,୧୩।୨(ସମିସ): ଅଲିମ୍ପିକ୍ ଚାମ୍ପିଅନ ଓଡ଼ିଶାର ପ୍ରମୋଦ ଭଗତ ବିଡ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ଖେଳାଯାଇଥିବା ଏସ୍‌ଏଲ-୩ ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ସେ ୨୧-୧୯, ୨୧-୧୭ରେ ଥାଇଲାଣ୍ଡର ମୋଙ୍ଗଖୋନ ବୁନ୍‌ସୁନ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କ୍ୱାର୍ଟରଫାଇନାଲରେ ସେ ନିଜ ଦେଶର ଉମେଶ ବିକ୍ରମ କୁମାରଙ୍କୁ ୨୧-୧୭, ୨୧-୧୩ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏସ୍‌ଏଲ-୩ ଏସ୍‌ଏଲ-୪ ସେମିଫାଇନାଲରେ ପ୍ରମୋଦ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ୨-୦ ସେଟ୍‌ରେ ଦକ୍ଷିଣ କୋରିଆ ଯୋଡି ଚୋ ଏନ୍ ଓ ଲୀ ଏସ୍ ଯୋଡିଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରଛନ୍ତି। ପ୍ରମୋଦଙ୍କ ଏହି ସଫଳତା ଫଳରେ ଭାରତକୁ ଦୁଇଟି ପଦକ ଜିତିବା ସ୍ପଷ୍ଟ ହୋଇଛି। ପ୍ରମୋଦଙ୍କ ଖେଳ ଖୁବ ଉଚ୍ଚକୋଟୀର ହୋଇଥିବାରୁ ସେ ଆହୁରି ଅଧିକ ସଫଳତା ପାଇବେ ବୋଲି ତାଙ୍କ କୋଚ୍ ଶିବପ୍ରସାଦ ଦାସ ଆଶା ପ୍ରକାଶ କରିଛନ୍ତି।

ତମାଣ୍ଡୋ ପ୍ରିମିୟର ଲିଗ୍

କାକଟପୁର ଏମ୍‌ସିସିର ବିଜୟ

ଭୁବନେଶ୍ୱର,୧୩।୨(ସମିସ): ତମାଣ୍ଡୋ ପ୍ରିମିୟର ଲିଗ୍‌ର ଶୁକ୍ରବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଭୁବନେଶ୍ୱରର ଆଦିତ୍ୟ ଏକାଦଶକୁ ୪ ୱିକେଟରେ ପରାସ୍ତ କରିଛି କାକଟପୁରର ଏମ୍‌ସିସି ଏକାଦଶ। କ୍ରମାଗତ ଦ୍ୱିତୀୟ ବିଜୟ ଫଳରେ କାକଟପୁର ସେମିଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ ହୋଇଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଦିତ୍ୟ ଏକାଦଶ ୫ ୱିକେଟରେ ୨୩୪ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ ୫୩ ବଲ୍‌ରେ ଅପରାଜିତ ୧୦୪, ଶାନ୍ତନୁ ଦାସ ୨୫ ବଲ୍‌ରେ ୩୯ ଓ ଅରବିନ୍ ସିଂ ୯ ବଲ୍‌ରେ ଅପରାଜିତ ୩୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବିଭୁତି ଗୋଛାୟତଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା।

ଜବାବରେ ୨୩୫ ରନ୍‌ର ଲକ୍ଷ୍ୟକୁ ପିଛା କରି କାକଟପୁର ୧୯.୨ ବା ମ୍ୟାଚ୍‌ର ଶେଷ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରବୀଣ କୁମାର ୩୫ ବଲ୍‌ରେ ୭୧, ଦୁର୍ଗାପ୍ରସାଦ ବେହେରା ୨୫ ବଲ୍‌ରେ ୪୪ ଓ ଅଙ୍କୁଶ ତ୍ରିପାଠୀ ୧୩ ବଲ୍‌ରେ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ପରାଜିତ ଦଳ ପକ୍ଷରୁ ଜାମଲା ଭଞ୍ଜନ ମହାପାତ୍ର ସର୍ବାଧିକ ୪ଟି ୱିକେଟ ପାଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପ୍ରବୀଣ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସୁକାନ୍ତ କୁମାର ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ବିଜେତା ୱାରିୟର୍ସ, ବ୍ରହ୍ମପୁର ଓ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ବିଭୁପ୍ରସାଦ ଚୌଧୁରୀ ଓ ସୌମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

ପାକିସ୍ତାନ ବିପକ୍ଷ ମୁକାବିଲା ରବିବାର

ଅଭିଷେକ, ସଞ୍ଜୁଙ୍କ ପାଇଁ ଭାରତର ଚିନ୍ତା

ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ଟି-୨୦ ବିଶ୍ୱକପ୍ ମୁକାବିଲା ଶ୍ରୀଲଙ୍କାର କଲମ୍ବୋରେ ଆସନ୍ତା ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଖେଳ ନୁହେଁ ଯେଉଁ ଦଳ ଚାପକୁ ସହଜରେ ହଜମ କରିପାରିବ, ସେହି ଦଳ ବିଜୟୀ ହେବ ବୋଲି ବାରମ୍ବାର କୁହାଯାଉଛି। ଏବେ ଉଭୟ ଦେଶ ମଧ୍ୟରେ ଆଉ ଏକ ମୁକାବିଲା ହେବାକୁ ଯାଉଛି। ଭାରତକୁ ଖେଳିବା ନ ଆସିବା ଲାଗି ବାଂଲାଦେଶକୁ ସମର୍ଥନ କରି ଭାରତ ବିପକ୍ଷ ମ୍ୟାଚ୍‌ରୁ ଓହରିଯିବା ଘଟଣା ଏହି ମୁକାବିଲାର ଆକର୍ଷଣ ଆହୁରି ବଢ଼ାଇଦେଇଛି। ଏଭଳି ସ୍ଥିତିରେ ଗତକାଲି ଭାରତ ୯୩ ରନ୍‌ରେ ଦୁର୍ବଳ ନାମିବ୍ୟାକୁ ପରାସ୍ତ କରି ପାକିସ୍ତାନ ମୁକାବିଲ ଲାଗି ନିଜକୁ ପ୍ରସ୍ତୁତ କରିନେଇଛି। କିନ୍ତୁ ପାକିସ୍ତାନ ମୁକାବିଲା ପୂର୍ବରୁ ଭାରତର ଦୁଇ ଖେଳାଳିଙ୍କ ଅସୁବିଧା ଦଳର ଚିନ୍ତା ବଢ଼ାଇଦେଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଅଭିଷେକ ଶର୍ମା। ଅଭିଷେକ ଆହତ ହୋଇଥିବାରୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେହିପରି ତାଙ୍କ ସ୍ଥାନରେ ନାମିବ୍ୟା ବିପକ୍ଷରେ ମ୍ୟାଚ୍ ଖେଳିଥିବା ସଞ୍ଜୁ ସାମସନ ୮ଟି ବଲ୍‌ରୁ ୨୨ ରନ୍ କରିଥିଲେ ମଧ୍ୟ ତାଙ୍କ ଫର୍ମକୁ ନେଇ ଦଳର ଚିନ୍ତା ବଢ଼ିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଓ ଏବେ ନାମିବ୍ୟା ମ୍ୟାଚ୍ ଖେଳିଥିଲେ ମଧ୍ୟ ସଞ୍ଜୁ ଥରେ ହେଲେ ୩୦ ରନ୍ ଅତିକ୍ରମ କରି ପାରି ନାହାନ୍ତି।

ବର୍ଷା ବିଗାଡ଼ିପାରେ ମୁକାବିଲାର ରୋମାଞ୍ଚ

ଚଳିତ ଟି-୨୦ ବିଶ୍ୱକପ୍‌ରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଆୟୋଜନ ହେବାକୁ ଥିବା ମ୍ୟାଚ୍ ବର୍ଷା କାରଣରୁ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ଏହି ହାଇଭୋଲ୍ଟେଜ ମ୍ୟାଚ୍‌ର ମଜା ବିଗାଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଅନୁମାନ କରାଯାଉଛି। ପାଣିପାଗ ବିଭାଗ ଅନୁଯାୟୀ, ରବିବାର କଲମ୍ବୋର ପ୍ରାୟ ୬୦ ପ୍ରତିଶତ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯଦି ଏପରି ହୁଏ, କ୍ରିକେଟ ପ୍ରଶଂସକମାନେ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତାମୂଳକ ମ୍ୟାଚ୍ ଦେଖିବାକୁ ବଞ୍ଚିତ ହେବେ। ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ମ୍ୟାଚ୍ ଗୋଟିଏ ଦିନ ପୂର୍ବରୁ ଶନିବାର ସକାଳ ୯ଟାରେ ଦ୍ୱିପହର ୩ଟା ପର୍ଯ୍ୟନ୍ତ ପ୍ରାୟ ୩୫ ପ୍ରତିଶତ ବର୍ଷା ହେବ। ସେହିପରି ମ୍ୟାଚ୍ ଦିନ ୨୪ ଘଣ୍ଟା ବର୍ଷାର ଆଶଙ୍କା ରହିଛି। ବିଶେଷ କରି ସକାଳ ୯ଟାରୁ ଦ୍ୱିପହର ୩ଟା ପର୍ଯ୍ୟନ୍ତ ୫୦ରୁ ୬୦ ପ୍ରତିଶତ ବର୍ଷା ଆଶଙ୍କା ରହିଛି। ସେହିପରି ମ୍ୟାଚ୍ ସମୟରେ ଅର୍ଥାତ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ୧୦ରୁ ୨୦ ପ୍ରତିଶତ ବର୍ଷା ଆଶଙ୍କା ରହିଛି। ଭାରତ ଓ ପାକିସ୍ତାନ ସେମାନଙ୍କ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଯଦି ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୁଏ, ତେବେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିବେ। ସାଧାରଣତଃ ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ଶ୍ରୀଲଙ୍କାର ଉତ୍ତର ଭାଗରେ ପ୍ରବଳ ବର୍ଷା ହୋଇଥାଏ।

ମ୍ୟାଚ୍ ଆୟୋଜନ ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ମିଳିଲା ଅନୁମତି

ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ହୋମ ଗ୍ରାଉଣ୍ଡ ନେଇ ଚାଲିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। କର୍ଣ୍ଣାଟକ ସରକାର ଶୁକ୍ରବାର ବେଙ୍ଗାଲୁରୁର ଏନ୍ ଚିନ୍ନସ୍ୱାମୀ ଷ୍ଟାଡ଼ିୟମକୁ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ଆରସିବି ଓ ତା'ର ପ୍ରଶଂସକଙ୍କ ପାଇଁ ଏହା ଏକ ଖୁସି ଖବର ସାବ୍ୟସ୍ତ ହୋଇଛି। ଉଲ୍ଲେଖଥାଉ କି, ଗତ ଜୁନ୍ ୪ ତାରିଖରେ ଯେତେବେଳେ ଆରସିବି ପ୍ରଥମ

ଆଇପିଏଲ ୨୦୨୬

ଆଇପିଏଲ ଟାଇଟଲ ହାସଲର ବିଜୟ ଉତ୍ସବ ପାଳନ କରୁଥିଲା, ସେତେବେଳେ ଷ୍ଟାଡ଼ିୟମରେ ପ୍ରବଳ ଭିଡ଼ କାରଣରୁ ଦଳାଚକଟା ହୋଇଥିଲା। ଏହି ଅଭାବନୀୟ ଘଟଣାରେ ୧୧ଜଣ ପ୍ରଶଂସକ ମୃତ୍ୟୁବରଣ କରିଥିଲେ। ଏହାପରେ ସୁରକ୍ଷା କାରଣ ଦର୍ଶାଇ କର୍ଣ୍ଣାଟକ ସରକାର ସେଠାରେ କ୍ରିକେଟ ମ୍ୟାଚ୍ ଆୟୋଜନ ଉପରେ ରୋକ ଲଗାଇଥିଲେ। କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବ୍‌କୁମାର କହିଛନ୍ତି ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି ଯେ, କ୍ରୀଡ଼ା ଓ ପ୍ରଶଂସକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋପରି ରଖାଯିବ। କିନ୍ତୁ ଜଷ୍ଟିସ୍ ଜନ୍ ମାଇକେଲ ଡି'କୁହ୍ନାଙ୍କ ରିପୋର୍ଟର ସୁପାରିସ ଅନୁଯାୟୀ ଟିକେଟ ବିକ୍ରି, ଭିଡ଼ ନିୟନ୍ତ୍ରଣ ଓ ଷ୍ଟାଡ଼ିୟମକୁ ପ୍ରବେଶ ଉପରେ କଠୋର ନିୟମ ଲାଗୁ ହେବ। ଡିଫେଣ୍ଡିଂ ଚାମ୍ପିଅନ ହୋଇଥିବାରୁ, ନିୟମ ଅନୁଯାୟୀ ଆଇପିଏଲ-୨୦୨୬ରେ କ୍ୱାଲିଫାୟର-୨ ଓ ଫାଇନାଲ ମ୍ୟାଚ୍ ଆୟୋଜନ କରିବାର ଅଧିକାର ରହିଛି। ଏବେ ଆରସିବି ସିଜନର ପ୍ରଥମ ମ୍ୟାଚ୍ ଚନ୍ନାସ୍ୱାମୀରେ ହିଁ ଖେଳିବା ନିଶ୍ଚିତ ହୋଇଛି।

■ ସିକେ ନାଇଡୁ ଟ୍ରଫି

ମୁମ୍ବାଇ ବିପକ୍ଷରେ ଓଡ଼ିଶା ୧୬୯ ରନରେ ସୀମିତ

ଭୁବନେଶ୍ୱର, ୧୩।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଏହାର ୭ମ ମ୍ୟାଚରେ ମୁମ୍ବଇକୁ ଭେଟିଛି। ମୁମ୍ବଇ ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ଦୟନୀୟ ପ୍ରଦର୍ଶନ କରିଛି। ପ୍ରଥମ ପାଳିରେ ଓଡ଼ିଶା ମାତ୍ର ୮୫.୪ ଓଭରରେ ୧୬୯ ରନରେ ଅଲଆଉଟ୍ ହୋଇଯାଇଛି। ଓଡ଼ିଶା ପକ୍ଷରୁ ଓମ ଟି ମୁଣ୍ଡେ ସର୍ବାଧିକ ୭୭ ରନ କରିଥିଲେ। ଯେଉଁଥିରେ ସେ ୧୧ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିଭଳି ଦିନେଶ ମାଝିଙ୍କ ବ୍ୟାଟରୁ ୪୩ ରନର ଉପଯୋଗୀ ପାଳି ଦେଖିବାକୁ ମିଳିଥିଲା। ଅନ୍ୟ ସମସ୍ତ ବ୍ୟାଟର ନିରାଶ କରିଥିଲେ। ଘରୋଇ ମୁମ୍ବଇ ପକ୍ଷରୁ ସୂର୍ଯ୍ୟାଂଶ ଶେଡଗେ ଓ ହିମାଂଶୁ ସିଂ ସଫଳ ବୋଲର ରହିଥିଲେ। ଉଭୟଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା।

ଆଜିଠୁ ଆଇଏସ୍ଏଲ୍: ଖେଳିବନି ଚର୍ଚ୍ଚିଲ ବ୍ରଦର୍ସ

ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି): ବହୁ ବାଦବିବାଦ ଓ ଅନିଶ୍ଚିତତା ମଧ୍ୟରେ ଶେଷରେ ଭାରତୀୟ ଘରୋଇ ଫୁଟ୍‌ବଲର ଫ୍ରାଞ୍ଚାଇଜଭିତ୍ତିକ ପ୍ରତିଯୋଗିତା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ୧୨ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ମୋହନବାଗାନ ଓ ୩ଥରର ଉପବିଜେତା କେରଳା ବ୍ଲାଷ୍ଟର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। କୋଲକାତାର ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ମ୍ୟାଚ୍ ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ସେହିଭଳି ରାତି ୭ଟା ୩୦ରେ ଏଫ୍‌ସି ଗୋଆ ଓ ଇଣ୍ଟର କାଶୀ ଦ୍ୱିତୀୟ ମ୍ୟାଚରେ ପରସ୍ପରକୁ ଭେଟିବେ। ଗୋଆର ଜବାହରଲାଲ ନେହରୁ ଷ୍ଟାଡିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ।

ସୋମବାର ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଓଡ଼ିଶା ଏଫ୍‌ସି ଅଭିଯାନ ଆରମ୍ଭ କରିବ। ଚଳିତ ସଂସ୍କରଣରେ ୧୪ଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ସିଙ୍ଗଲ ଲେଗ୍ ରାଉଣ୍ଡ-ରବିନ ଫର୍ମାଟରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଫଳରେ ପ୍ରତ୍ୟେକ ଦଳ ୧୩ଟି ଲେଖାଏ ମ୍ୟାଚ ଖେଳିବେ। ଯେଉଁ ଦଳ ଶୀର୍ଷରେ ରହିବ ଚାମ୍ପିଅନ ଘୋଷିତ ହେବ। ଏଥର ମୋଟ୍ ୯୧ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଫ୍ୟାନକୋଡ୍‌ରେ ମ୍ୟାଚର ସିଧାପ୍ରସାରଣ କରାଯିବ।

କିନ୍ତୁ ଗତଥରର ଆଇ-ଲିଗ୍ ଚାମ୍ପିଅନ ହୋଇଥିବା ଚର୍ଚ୍ଚିଲ ବ୍ରଦର୍ସକୁ ଏଥର ଖେଳିବାକୁ ସୁଯୋଗ ମିଳିବ ନାହିଁ ବୋଲି ଏଆଇଏଫ୍ଏଫ୍ ସ୍ପଷ୍ଟ କରିଛି। ଘଟଣାରୁ ଜଣାଯାଇଛି, ଚର୍ଚ୍ଚିଲ ବ୍ରଦର୍ସ ଗତଥର ଚାମ୍ପିଅନ ହୋଇଥିଲେ ମଧ୍ୟ କିଛି ବୈଷୟିକ ତ୍ରୁଟି ଯୋଗୁ ଏହାର ପଏଣ୍ଟ ସଂଖ୍ୟା କମାଇବାକୁ ଦ୍ୱିତୀୟ ସ୍ଥାନରେ ଥିବା ଇଣ୍ଟର କାଶୀ ଆବେଦନ କରିଥିଲା। ଏଆଇଏଫଏଫ୍‌ର ଶୃଙ୍ଖଳାଗତ କମିଟି ଏହାକୁ ମଧ୍ୟ ଗ୍ରହଣ କରିଥିଲା। କିନ୍ତୁ ଚର୍ଚ୍ଚିଲ ବ୍ରଦର୍ସ ଚାମ୍ପିଅନ ହେବା ପରେ ଏହା ବିରୋଧରେ ଇଣ୍ଟର କାଶୀ ସ୍ୱିଜରଲାଣ୍ଡସ୍ଥିତ ସିଏଏସ୍ (କୋର୍ଟ ଅଫ୍ ଆର୍ବିଟ୍ରେସନ ଫର ସ୍ପୋର୍ଟ୍ସ) ନିକଟରେ ଆବେଦନ କରିଥିଲା। ସିଏଏସ୍ ଏହାର ଶୁଣାଣି କରି ଇଣ୍ଟର କାଶୀକୁ ଚାମ୍ପିଅନ ଘୋଷିତ କରିଥିଲା। ଏହା ଫଳରେ ଆଇ-ଲିଗ୍‌ରୁ ଏକମାତ୍ର ଦଳ ଭାବେ ଚାମ୍ପିଅନ ଇଣ୍ଟରକାଶୀକୁ ଆଇଏସ୍ଏଲ୍‌ରେ ଖେଳିବାର ସୁଯୋଗ ମିଳିଥିଲା। ଏହା ପରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ କିଛି ଦିନ ବାକିଥିବାବେଳେ ଆଇଏସ୍ଏଲ୍ ଖେଳିବାକୁ ଚର୍ଚ୍ଚିଲ ବ୍ରଦର୍ସ ପୁଣିଥରେ ଆବେଦନ କରିଥିଲା। ଏଆଇଏଫ୍ଏଫ୍‌ର ଦ୍ୱିତୀୟ ବୈଠକରେ କେବଳ ଗୋଟିଏ ସଦସ୍ୟ ମହମ୍ମଡାନ ସ୍ପୋର୍ଟିଂ ଚର୍ଚ୍ଚିଲ ବ୍ରଦର୍ସ ସପକ୍ଷରେ ମତଦାନ କରିଥିଲେ। ଫଳରେ ତାହାର ଆଇଏସ୍ଏଲ୍ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS